୬ ୭ ରନ ଦେଇ ୮ ୱିକେଟ ଅକ୍ତିଆର କଲେ ସୋନମ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008



୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୨ ● ସଂଖ୍ୟା–୩୩୨ ● ୩୦ ଡିସେମ୍ବର ୨୦୨୫, ମଙ୍ଗଳବାର ● ଭୁବନେଶ୍ୱର ● Vol -32 ● Issue-332 ● 30th December 2025, Tuesday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ଭାରତ ସରକାରଙ୍କ ବଡ଼ ନିଷ୍ପତ୍ତି

# ୭୯ ହଜାର କୋଟି ଟଙ୍କାର ସାମରିକ ଉପକରଣ କିଣିବାକୁ ମଞ୍ଜୁରୀ

**ନୂଆଦିଲ୍ଲୀ, ୨୯।୧୨**

ଶକ୍ତିଶାଳୀ ହେବ ଭାରତୀୟ ସେନା। ନାଲି ଆଖି ଦେଖାଇଲେ ମିସାଇଲ ମାଡ଼ କରିବ ଭାରତ। ଦେଶର ପ୍ରତିରକ୍ଷା କ୍ଷମତାକୁ ଅଧିକ ସୁଦୃଢ଼ କରିବା ପାଇଁ କେନ୍ଦ୍ର ସରକାର ବଡ଼ ପଦକ୍ଷେପ ନେଇଛନ୍ତି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ତିନି ସେନା ପାଇଁ ପ୍ରାୟ ୭୯,୦୦୦ କୋଟି ଟଙ୍କାର ବିଭିନ୍ନ ପ୍ରତିରକ୍ଷା ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି।

ଏଥିରେ ସ୍ଥଳସେନା ପାଇଁ ଶତ୍ରୁର ଶକ୍ତିଶାଳୀ ଲକ୍ଷ୍ୟକୁ ସଠିକ ଭାବେ ଭେଦ କରିବା ପାଇଁ ଲୋଇଟର ମ୍ୟୁନିସନ୍ ସିଷ୍ଟମ, କମ୍ ଉଚ୍ଚତାରେ ଉଡୁଥିବା ଶତ୍ରୁ ଡ୍ରୋନ୍ ଚିହ୍ନଟ ପାଇଁ ହାଲୁକା ଓଜନର ରାଡାର। ପିନାକା ରକେଟ୍ ସିଷ୍ଟମ ପାଇଁ ଅଧିକ ଦୂରଗାମୀ ଏବଂ ସଠିକ ଲକ୍ଷ୍ୟଭେଦୀ ଗାଇଡେଡ୍ ରକେଟ୍ ଆମୁନିସନ୍ ରହିଛି।



ନୌସେନା ପାଇଁ ସମୁଦ୍ର ମଧ୍ୟରେ ଜାହାଜ ଓ ସବମାରିନର ଗତିବିଧିକୁ ସହଜ କରିବା ପାଇଁ ବୋଲାର୍ଡ ପୁଲ୍ ଟଗ୍ସ, ସୁରକ୍ଷିତ ଯୋଗାଯୋଗ ପାଇଁ ହାଇ-ଫ୍ରିକ୍ୱେନ୍ସି ସଫ୍ଟୱେୟାର ରେଡିଓ, ଭାରତ ମହାସାଗରରେ ତୀକ୍ଷ୍ଣ ନଜର ରଖିବା ପାଇଁ ଦୂରଗାମୀ ଡ୍ରୋନ୍ ଲିଜ୍‌ରେ ନିଆଯିବ।

ସେହିପରି ଭାରତୀୟ ବାୟୁସେନା ପାଇଁ ବିମାନର ସୁରକ୍ଷିତ ଅବତରଣ ଓ ଉଡ଼ାଣ ରେକର୍ଡିଂ ପାଇଁ ଅଟୋମେଟିକ୍ ଟେକ୍-ଅଫ୍ ଲ୍ୟାଣ୍ଡିଂ ରେକର୍ଡିଂ ସିଷ୍ଟମ। ଶତ୍ରୁ ପକ୍ଷର ବିମାନକୁ ଦୂରରୁ ନଷ୍ଟ (ପୃଷ୍ଠା ୭ରେ)

# ଆରାବଳି ବିବାଦ : ନିଜ ରାୟ ଉପରେ ରୋକ ଲଗାଇଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୨୯।୧୨**

ଆରାବଳି ପର୍ବତମାଳାକୁ ନେଇ ଚାଲିଥିବା ବିବାଦ ଭିତରେ ଆସିଛି ସୁପ୍ରିମକୋର୍ଟଙ୍କ ରାୟ। ସୋମବାର ମାମଲାର ଶୁଣାଣି କରି ସର୍ବୋଚ୍ଚ ନ୍ୟାୟାଳୟ ନିଜ ରାୟ ଉପରେ ଲଗାଇଛନ୍ତି ରୋକ। ଏହା ସହ କୋର୍ଟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରି ଜବାବ ମାଗିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି, ୨୦ ନଭେମ୍ବରରେ ଯେଉଁ ରାୟ ଦେଇଥିଲେ ତାହା ଆଗାମୀ ଶୁଣାଣି ପର୍ଯ୍ୟନ୍ତ ଲାଗୁ ହେବ ନାହିଁ। ଆଉ ସେପର୍ଯ୍ୟନ୍ତ ସ୍ଥିତାବସ୍ଥା ବଜାୟ ରହିବ ଏବଂ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଦିଗଗୁଡ଼ିକୁ ବିସ୍ତୃତ ଭାବରେ ବିଚାର କରାଯିବ। ଏହି ମାମଲାରେ ପରବର୍ତ୍ତୀ ଶୁଣାଣୀ ୨୧ ଜାନୁଆରୀରେ ହେବ। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ କହିଛନ୍ତି, କୋର୍ଟଙ୍କ ରିପୋର୍ଟ କିମ୍ବା ନିର୍ଦ୍ଦେଶ ଲାଗୁ କରିବା ପୂର୍ବରୁ ନିରପେକ୍ଷ ଓ ସ୍ୱତନ୍ତ୍ର ବିଶେଷଜ୍ଞଙ୍କ ରାୟ ଉପରେ ବିଚାର କରାଯିବା ଉଚିତ। ଆରାବଳୀ ରେଞ୍ଜର ପରିଭାଷା ସଠିକ ଭାବରେ ହେବା



ଦରକାର ନଚେତ ପରିବେଶକୁ କ୍ଷତି ହୋଇପାରେ।

ଆରାବଳି ବିବାଦରେ, ସିଜେଆଇ ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ସୁପ୍ରିମକୋର୍ଟଙ୍କ ୩ ଜଣିଆ ଖଣ୍ଡପୀଠ ପାଞ୍ଚଟି ପ୍ରଶ୍ନ ପଚାରିଛନ୍ତି, ତାହା ହେଲା... ଆରାବଳିର ପରିଭାଷାକୁ କେବଳ ୫୦୦ ମିଟର ଅଞ୍ଚଳ ସୀମିତ କରିବା କ'ଣ ଏକ ଗଠନମୂଳକ ବିରୋଧାଭାସ ସୃଷ୍ଟି କରେ, ଏହା ସଂରକ୍ଷଣର ପରିସରକୁ ସଂକୁଚିତ କରେ କି? କ'ଣ ଏହାଦ୍ୱାରା ଅଣ-ଆରାବଳି ଅଞ୍ଚଳର ପରିସର ବଢିଛି, ଯେଉଁଠାରେ ନିୟନ୍ତ୍ରିତ ଖଣିକୁ ଅନୁମତି ଦିଆଯାଇପାରିବ? ଯଦି ଦୁଇଟି ଆରାବଳି ଅଞ୍ଚଳ ୧୦୦ ମିଟର କିମ୍ବା ତା'ଠାରୁ ଅଧିକ ଦୂରରେ ଥାଏ ଏବଂ ସେମାନଙ୍କ ମଧ୍ୟରେ ୭୦୦ ମିଟର ବ୍ୟବଧାନ ଥାଏ, ତେବେ ସେହି ବ୍ୟବଧାନରେ ନିୟନ୍ତ୍ରିତ ଖଣିକୁ ଅନୁମତି ଦିଆଯିବା ଉଚିତ କି? ପ୍ରାକୃତିକ ସମ୍ବଳ ବା ଇକୋଲୋଜିକାଲ୍ କଣ୍ଟିନ୍ୟୁଟିକୁ କିପରି ସୁରକ୍ଷିତ ରଖାଯିବ? ଯଦି ନିୟମରେ ଏକ ପ୍ରମୁଖ ଆଇନଗତ କିମ୍ବା ନିୟାମକ ବ୍ୟବଧାନ ମିଳେ, ତେବେ ଆରାବଳି ପର୍ବତମାଳାର ଗଠନମୂଳକ ଶକ୍ତି ବଜାୟ ରଖିବା ପାଇଁ ଏକ ବିସ୍ତୃତ ମୂଲ୍ୟାଙ୍କନ ଆବଶ୍ୟକ ହେବ କି?

ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜେ.କେ. ମହେଶ୍ୱରୀ ଏବଂ ଜଷ୍ଟିସ୍ ଏ.ଜି. ମସିହଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। ଆରାବଳୀ ପାହାଡ଼ର ସଂଜ୍ଞା ବଦଳିଲେ (ପୃଷ୍ଠା ୭ରେ)

# ନୂଆବର୍ଷରେ ତିନି ଘଣ୍ଟା ଶୋଇବେ ମହାପ୍ରଭୁ

**ପୁରୀ, ୨୯।୧୨ : ନ୍ୟୁଜ୍ ବ୍ୟୁରୋ**

ଇଂରାଜୀ ନବବର୍ଷ-୨୦୨୬ରେ ଲକ୍ଷାଧିକ ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ବଡ ନିଷ୍ପତ୍ତି ନେଇଛି। ଶ୍ରଦ୍ଧାଳୁମାନେ ଯେପରି ଶୃଙ୍ଖଳିତ ଭାବେ ଦର୍ଶନ କରିପାରିବେ, ସେଥିପାଇଁ ନୀତି ନିର୍ଘଣ୍ଟରେ ପରିବର୍ତ୍ତନ କରାଯାଇଛି। ଡିସେମ୍ବର ୩୧ ତାରିଖ ରାତି ୧୧ଟାରେ ମହାପ୍ରଭୁଙ୍କ ରାତ୍ର ପହୁଡ଼ ହେବ। ନବବର୍ଷର ପ୍ରଥମ ଦିନ ଅର୍ଥାତ୍ ଜାନୁଆରୀ ୧ ତାରିଖ (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ଦେଶର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଭାରତ ସରକାରଙ୍କ ବଡ଼ ପଦକ୍ଷେପ।
- ଘନ କୁହୁଡ଼ି ଯୋଗୁଁ ବିମାନ ଯାତାୟାତ ବାଧାପ୍ରାପ୍ତ।
- ଅର୍ଥନୀତି ସ୍ଥିରତା ପାଇଁ କେନ୍ଦ୍ରୀୟ ବ୍ୟାଙ୍କର ବଡ଼ ପଦକ୍ଷେପ।
- ରାଷ୍ଟ୍ରପତିଙ୍କ ଦ୍ୱାରା ସେନା ସମ୍ପର୍କିତ ବିଶେଷ ପଦକ୍ଷେପ।
- ଦେଶରେ ମାଲେରିଆ ମାମଲା ହ୍ରାସ ପାଇଥିବା ସରକାରୀ ରିପୋର୍ଟ।
- ସଂସଦୀୟ ଅଧିବେଶନରେ ଗୁରୁତ୍ୱପୂର୍ଣ୍ଣ ନୀତି ଉପରେ ଆଲୋଚନା।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୯୨୫ (-୩୧୭)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୭୬୫ (-୨୯୦)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୪୪୪ (-୨୩୮)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୮୧ (+୪)

# ପ୍ରକୃତ ସଫଳତା ଉଚ୍ଚ ପଦବୀରେ ନୁହେଁ, ଲୋକଙ୍କ ଜୀବନ ପରିବର୍ତ୍ତନ କରିବାରେ ନିହିତ

**ଷଢେଇକଳା, ୨୯।୧୨**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାର ଷଢେଇକଳା-ଖରସୁଆଁ ଜିଲ୍ଲାରେ ଅବସ୍ଥିତ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନଆଇଟି) ଜାମସେଦପୁରର ୧୫ତମ ସମାବର୍ତ୍ତନ ଉତ୍ସବରେ ଛାତ୍ରଛାତ୍ରୀମାନଙ୍କୁ ସଫଳତା ଏବଂ ସାମାଜିକ ଦାୟିତ୍ୱର ବାର୍ତ୍ତା ପ୍ରଦାନ କରିଛନ୍ତି। ସେ କହିଛନ୍ତି ଯେ ଉଚ୍ଚ ପଦବୀରେ ପହଞ୍ଚିବା ସଫଳତାର ଗ୍ୟାରେଣ୍ଟି ଦିଏ ନାହିଁ ବରଂ ସଫଳତାର ପ୍ରକୃତ ମୂଲ୍ୟ ସେତେବେଳେ ବୁଝିହେବ ଯେତେବେଳେ ଆପଣଙ୍କ ଜ୍ଞାନ ଏବଂ କାର୍ଯ୍ୟ ସାଧାରଣ ଲୋକଙ୍କ ଜୀବନଶୈଳୀରେ ସକାରାତ୍ମକ ପରିବର୍ତ୍ତନ ଆଣିଥାଏ। ସେ କହିଛନ୍ତି ଯେ ଏନଆଇଟି ରୁ ଡିଗ୍ରୀ ପାଇବା ପରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଅନେକ ଚ୍ୟାଲେଞ୍ଜ ଅପେକ୍ଷା କରିଥାଏ, କିନ୍ତୁ ଧୈର୍ଯ୍ୟ ଏବଂ ନିରନ୍ତର ପ୍ରୟାସ ସହିତ ସେଗୁଡ଼ିକୁ ସାମ୍ନା କରିବା ପ୍ରକୃତ ସଫଳତା।



ସମାବର୍ତ୍ତନ ଉତ୍ସବରେ ଉଦବୋଧନ ଦେଇ ରାଷ୍ଟ୍ରପତି କହିଛନ୍ତି ଯେ ଗତ ୬୫ ବର୍ଷ ଧରି ଏନଆଇଟି ଜାମସେଦପୁର ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସଫଳତା ହାସଲ କରିଆସୁଛି। ଏହି ପ୍ରତିଷ୍ଠାନ ବିଶ୍ୱ ସ୍ତରରେ ଭାରତକୁ ଗୌରବ ଆଣିଥିବା ଇଞ୍ଜିନିୟରମାନଙ୍କୁ ସୃଷ୍ଟି କରିଛି। ସେ ଡିଗ୍ରୀ ପାଇଥିବା ସମସ୍ତ ୧,୧୧୪ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ, ଯେଉଁମାନଙ୍କ ମଧ୍ୟରୁ ୬୧୨ ଜଣ ଏହି ଉତ୍ସବରେ ବ୍ୟକ୍ତିଗତ ଭାବରେ ଉପସ୍ଥିତ ଥିଲେ। ରାଷ୍ଟ୍ରପତି କହିଛନ୍ତି ଯେ ସମାବର୍ତ୍ତନରେ ଡିଗ୍ରୀ (ପୃଷ୍ଠା ୭ରେ)

## ପୁଲିସ ଏସ୍‌ଆଇ ନିଯୁକ୍ତି କେଳେଙ୍କାରୀ

# ୧୬ଜଣଙ୍କ ନାଆଁରେ ଚାର୍ଜସିଟ୍ ଦାଖଲ କଲା ସିବିଆଇ

**ଭୁବନେଶ୍ୱର, ୨୯।୧୨**
**ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଓଡ଼ିଶା ପୁଲିସ ସବ-ଇନ୍ସପେକ୍ଟର (ଏସଆଇ) ନିଯୁକ୍ତି ଦୁର୍ନୀତି ମାମଲାରେ ୧୬ଜଣଙ୍କ ନାଆଁରେ ପ୍ରାଥମିକ ଚାର୍ଜସିଟ୍ ଦାଖଲ କରିଛି। ଏଥିରେ କିଙ୍ଗପିନ୍ ଶଙ୍କର ପ୍ରୁଷ୍ଟି, ରିଙ୍କୁ ମହାରଣା, ସୌମ୍ୟା ପ୍ରିୟଦର୍ଶିନୀ, ସୁରେଶ ନାୟକ ଓ ମୁନ୍ନା ମହାନ୍ତିଙ୍କ ନାମ ରହିଥିବା ଜଣାଯାଇଛି। ଏହି ସଂଖ୍ୟା ଆଗକୁ ବଢ଼ିପାରେ ବୋଲି କୁହାଯାଇଛି। ଏମାନଙ୍କ ମଧ୍ୟରୁ ୯ଜଣଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା। ସିବିଆଇ ପକ୍ଷରୁ ୭ଜଣଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଏହା ପୂର୍ବରୁ ଆହୁରି କେତେକ ପରୀକ୍ଷାରେ ବି ଏମାନଙ୍କ ସଂପୃକ୍ତି



ଥିଲା ବୋଲି ସିବିଆଇ ସ୍ପଷ୍ଟ କରିଛି। ସେନେଇ ତଦନ୍ତ ଚାଲିଛି।

ନଭେମ୍ବର ୨୦ ତାରିଖରେ ସିବିଆଇ ଏସମ୍ପର୍କରେ ଏକ ମାମଲା ରୁଜୁ କରି ପ୍ରାରମ୍ଭିକ ଭାବରେ ମାମଲାର ତଦନ୍ତ କରିଥିବା କ୍ରାଇମବ୍ରାଞ୍ଚରୁ ସମସ୍ତ ପ୍ରାସଙ୍ଗିକ କାଗଜପତ୍ର ମାଗିଥିଲା। ବ୍ରହ୍ମପୁରରେ ପହଞ୍ଚି ସିବିଆଇ ଟିମ୍ ପ୍ରଥମ ପଦକ୍ଷେପ ସ୍ୱରୂପ ବ୍ରହ୍ମପୁର କୋର୍ଟରୁ ଭୁବନେଶ୍ୱର ସିବିଆଇ କୋର୍ଟକୁ ମାମଲା ସ୍ଥାନାନ୍ତର ଲାଗି ଆବେଦନ କରିବା ସହ ୪ ମୁଖ୍ୟ ଅଭିଯୁକ୍ତଙ୍କ ଜାମିନକୁ କଡ଼ା ବିରୋଧ କରିଛି। ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତରେ ୪ ଅଭିଯୁକ୍ତ ଜାମିନ ଆବେଦନ କରିଥିଲେ। କିଙ୍ଗପିନ୍ ଶଙ୍କର ପ୍ରୁଷ୍ଟି, ସୁରେଶ ନାୟକ, ଅରବିନ୍ଦ ଦାସ ଓ ସାଗର ଗୌଡ଼ଙ୍କ ଜାମିନ ସୋମବାର ଶୁଣାଣି ଥିଲା।

ସିବିଆଇ ମାମଲା ନେଇ ସାରିଥିବାରୁ ଏହି ଜାମିନ ଉପରେ ସମସ୍ତଙ୍କର ନଜର ରହିଥିଲା। ଦିନ ପ୍ରାୟ ସାଢ଼େ ୧୦ଟା ବେଳେ ସିବିଆଇର ତଦନ୍ତକାରୀ ଅଧିକାରୀ ବି.ସାମଲ ଓ ସିବିଆଇ ଓକିଲ ଏ.କୁମାର କୋର୍ଟରେ ପହଞ୍ଚିଥିଲେ। ତାଙ୍କ ସହ କ୍ରାଇମବ୍ରାଞ୍ଚର ତଦନ୍ତକାରୀ ଅଧିକାରୀ (ପୃଷ୍ଠା ୭ରେ)

# ଚିଲିକାକୁ ଆସିଲେନି ୧୦ ହଜାର ବିଦେଶାଗତ ପକ୍ଷୀ

**ଭୁବନେଶ୍ୱର, ୨୯।୧୨**
**ନ୍ୟୁଜ୍ ବ୍ୟୁରୋ**

ଚଳିତ ବର୍ଷ ଚିଲିକା ହ୍ରଦକୁ ବିଦେଶାଗତ ପକ୍ଷୀଙ୍କ ଆଗମନ ହ୍ରାସ ପାଇଛି। ଏଥିପାଇଁ ଜଳବାୟୁ ପରିବର୍ତ୍ତନ ମୁଖ୍ୟ କାରଣ ବୋଲି କହିଛନ୍ତି ଓଡ଼ିଶାର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ।

ଗତ ୨୦୨୪ ବର୍ଷ ତୁଳନାରେ ଚଳିତ ସିଜିନ୍‌ରେ ଚିଲିକାକୁ ପ୍ରାୟ ୧୦,୦୦୦ କମ୍ ପକ୍ଷୀ ଆସିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ପକ୍ଷୀଙ୍କ ସଂଖ୍ୟା କମିଥିଲେ ମଧ୍ୟ ସେମାନଙ୍କ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି। ପକ୍ଷୀଙ୍କ ବାସସ୍ଥଳୀର ସୁରକ୍ଷା ଓ ଶିକାର ରୋକିବା ପାଇଁ ବିଭାଗ ସଜାଗ ରହିଛି। ଆଗାମୀ କିଛି ସପ୍ତାହ ମଧ୍ୟରେ



ଶୀତର ପ୍ରକୋପ ବଢ଼ିଲେ ଆହୁରି ଅଧିକ ସଂଖ୍ୟକ ପକ୍ଷୀ ଆସିବେ ବୋଲି ଆଶା କରାଯାଉଛି।

ଏସିଆର ସର୍ବବୃହତ୍ତମ ଲବଣାକ୍ତ ହ୍ରଦ ଭାବେ ପରିଚିତ ଚିଲିକା ପ୍ରତିବର୍ଷ ସାଇବେରିଆ, କେନ୍ଦ୍ର ଏସିଆ ଏବଂ ୟୁରୋପର ବିଭିନ୍ନ ଦେଶରୁ ହଜାର ହଜାର ମାଇଲ ଦୂରରୁ ଆସୁଥିବା (ପୃଷ୍ଠା ୭ରେ)

# ଭୟଙ୍କର ଟ୍ରେନ୍ ଦୁର୍ଘଟଣା: ଚାଲିଗଲା ୧୩ରୁ ଊର୍ଦ୍ଧ୍ୱ ଜୀବନ

**ନୂଆଦିଲ୍ଲୀ, ୨୯।୧୨**

ମେକ୍ସିକୋରେ ଭୟଙ୍କର ଟ୍ରେନ୍ ଦୁର୍ଘଟଣା । ଦକ୍ଷିଣ ମେକ୍ସିକୋର ଓକ୍ସାକା ରାଜ୍ୟରେ ବଡ଼ ଧରଣର ଟ୍ରେନ୍ ଦୁର୍ଘଟଣା ଘଟିଛି । ଯାତ୍ରୀବାହୀ ଟ୍ରେନ୍ ଲାଇନଚ୍ୟୁତ ହେବା ଫଳରେ ୧୩ରୁ ଊର୍ଦ୍ଧ୍ୱ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୯୮ ଜଣ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ଅତି ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବଢ଼ିବା ଆଶଙ୍କା କରାଯାଉଛି । 'ଇଣ୍ଟରଓସେନିକ ଟ୍ରେନ୍' ନିଜାଣ୍ଡା ସହର ଅତିକ୍ରମ କରୁଥିବା ବେଳେ ଲାଇନଚ୍ୟୁତ ହୋଇଥିଲା । ଟ୍ରେନରେ ୨୪୧ ଜଣ ଯାତ୍ରୀ ଓ ୯ ଜଣ କର୍ମଚାରୀଙ୍କୁ ମିଶାଇ ମୋଟ ୨୫୦ ଜଣ ଥିଲେ।

ଦୁର୍ଘଟଣା ପରେ ସ୍ଥାନୀୟ ପ୍ରଶାସନ ଓ ମେକ୍ସିକୋ ସାମରିକ ବାହିନୀ ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି । ମେକ୍ସିକୋ ରାଷ୍ଟ୍ରପତି କ୍ଳୌଡିଆ



ଘଟଣାରେ ଗଭୀର ଶୋକ ପ୍ରକାଶ କରିଛନ୍ତି ଏବଂ ପ୍ରଭାବିତ ପରିବାରଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦୁର୍ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ଆଟର୍ଣ୍ଣି ଜେନେରାଲଙ୍କ କାର୍ଯ୍ୟାଳୟ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ବୈଷୟିକ ତ୍ରୁଟି ନା ରେଳ ଧାରଣାରେ ସମସ୍ୟା ଯୋଗୁ ଦୁର୍ଘଟଣା ଘଟିଲା, ସେନେଇ ତଦନ୍ତ ଚାଲିଛି। ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ବେଳେ ୧୯୩ ଜଣ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି।

# ଜାନୁଆରୀ ୫ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

**ଭୁବନେଶ୍ୱର, ୨୯।୧୨ : ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ସୋମବାର ଜାନୁଆରୀ ୫ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ୧୦ ଘଟିକାରୁ ୟୁନିଟ-୨, ଅଶୋକ ନଗର, ଭୁବନେଶ୍ୱର ସ୍ଥିତ ପୂର୍ବତ୍ତନ ସରକାରୀ ପ୍ରାଥମିକ ବିଦ୍ୟାଳୟଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିବେ।

ଏହି ଅଭିଯୋଗ ଶୁଣାଣି ପାଇଁ ଅନଲାଇନ ପଞ୍ଜୀକରଣ ଡିସେମ୍ବର ୩୧ ତାରିଖ ପୂର୍ବାହ୍ନ ୧୧ ଟା ଠାରୁ ଆରମ୍ଭ ହୋଇ ସର୍ବାଧିକ ୧୦୦୦ ଜଣ ପଞ୍ଜୀକରଣ କରିବା ପର୍ଯ୍ୟନ୍ତ ଖୋଲା ରହିବ। (ପୃଷ୍ଠା ୭ରେ)

## କେମିତି କଟିବ ୨୦୨୬

ଆସନ୍ତୁ ଜାଣିବା ଜ୍ୟୋତିର୍ବିଦ୍‌ବେଷିକା ଦୀପ୍ତିରେଖା ନନ୍ଦଙ୍କ ଠାରୁ...

ପୃଷ୍ଠା-୩



## ଏକାଳ ପଖାଳ



ପରସ୍ପର ବିରୋଧ କରିବା
କିଏ କାହୁଁ ତିଷ୍ଠି ଲାଣି
ବଢିବା ଆଗରୁ ବୁଡିବା ହେବ
କେହି ଆଣିବେନି ଛାଣି
ଏତେସବୁ କଥା ଜାଣି
ଦଳମଧ୍ୟେ ଫାଟ ଜଗତ ଜାଣୁଛି
ସୁଧୁରି ଯାଅରେ ମଣି।

# ଜିରୋ ନାଇଟ୍ କଟକଣା, ମଧ୍ୟରାତ୍ରି ପରେ ନାଚଗୀତ ବନ୍ଦ



**ଭୁବନେଶ୍ୱର, ୨୯।୧୨**
**ନ୍ୟୁଜ୍ ବ୍ୟୁରୋ**

ଜିରୋ ନାଇଟ୍ ପାଇଁ ଭୁବନେଶ୍ୱର-କଟକ କମିଶନରେଟ୍ ପୁଲିସ ପକ୍ଷରୁ କଟକଣା ଲାଗୁ ହୋଇଛି। ୩୧ ଡିସେମ୍ବରରେ ଜିରୋ ନାଇଟ୍ ପାଳନ ପାଇଁ ନିର୍ଦ୍ଦେଶାବଳୀ ଜାରି ହୋଇଛି। ମଧ୍ୟରାତ୍ରି ପରେ ମ୍ୟୁଜିକ ଏବଂ ସାଉଣ୍ଡ ସିଷ୍ଟମକୁ ବଜାଇବାକୁ କମିଶନରେଟ ପୁଲିସ ନିଷେଧ କରିଛି।

ଜିରୋ ନାଇଟ୍ ପାଳନ ସମୟରେ ଆଇନ ଶୃଙ୍ଖଳା ବଜାୟ ରଖିବା, ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଏବଂ ଟ୍ରାଫିକ୍ ନିୟନ୍ତ୍ରଣ କରିବା ପାଇଁ କଡ଼ା ନିର୍ଦ୍ଦେଶାବଳୀ ଜାରି କରାଯାଇଛି।

ସମସ୍ତ ପୁଲିସ ଷ୍ଟେସନକୁ ନୂଆ ବର୍ଷକୁ ସ୍ୱାଗତ କାର୍ଯ୍ୟକ୍ରମ ଆୟୋଜନ କରୁଥିବା ହୋଟେଲ, କ୍ଲବ ଏବଂ ଅନ୍ୟାନ୍ୟ ପ୍ରତିଷ୍ଠାନଗୁଡ଼ିକୁ ଚିହ୍ନଟ କରିବାକୁ କୁହାଯାଇଛି।

ମହିଳା ଏବଂ ଶିଶୁମାନଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇ ଉତ୍ସବ ସ୍ଥଳ, ରାସ୍ତା ଏବଂ ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ପାଟ୍ରୋଲିଂ କରାଯିବ। ରାସ୍ତା ଅବରୋଧ, ମଦ୍ୟପାନ କରି ଗାଡି ଚାଳନା ଏବଂ ଟ୍ରାଫିକ ନିୟମର ଉଲ୍ଲଂଘନକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ (ପୃଷ୍ଠା ୭ରେ)

# ଆହୁରି ୩ ଦିନ ଶୀତରେ ଥରିବେ ରାଜ୍ୟବାସୀ

**ଭୁବନେଶ୍ୱର, ୨୯।୧୨**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଶୀତ ଲହରି ଜାରି ରହିଥିବାବେଳେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ପାଣିପାଗରେ ବିଶେଷ ପରିବର୍ତ୍ତନ ହେବ ନାହିଁ। ପରବର୍ତ୍ତୀ ସମୟରେ ତାପମାତ୍ରା ୨ରୁ ୩ ଡିଗ୍ରୀ ବଢ଼ିପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

ସୋମବାର ରାଜ୍ୟରେ ପାଗ ପ୍ରାୟତଃ ଶୁଖିଲା ରହିଥିବାବେଳେ ବିଭିନ୍ନ ଜିଲ୍ଲାରେ କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳିଛି। କଳାହାଣ୍ଡି, କନ୍ଧମାଳ, ସୁନ୍ଦରଗଡ଼, କୋରାପୁଟ, ଖୋର୍ଦ୍ଧା, ସମ୍ବଲପୁର, କଟକ, ନୟାଗଡ଼, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା,



ବାଲେଶ୍ୱର, ମୟୂରଭଞ୍ଜ, ଅନୁଗୋଳ ଓ ଯାଜପୁର ଆଦି ଜିଲ୍ଲାର ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ସମ୍ଭାବନା ରହିଛି। ଘନ କୁହୁଡ଼ି ପାଇଁ କେତେକ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହିସବୁ ଜିଲ୍ଲାଗୁଡ଼ିକ ମଧ୍ୟରେ ସୁନ୍ଦରଗଡ଼, ସମ୍ବଲପୁର, ଅନୁଗୋଳ, ଢେଙ୍କାନାଳ, କଳାହାଣ୍ଡି, କନ୍ଧମାଳ ଓ ନୟାଗଡ଼ ଆଦି ରହିଛି।



# ନିକେତନ ଯୋଜନାରେ ଉପକୃତ ହେବେ ଓପିଏସ୍‌ସି ଓ ୟୁପିଏସ୍‌ସି ପରୀକ୍ଷାର୍ଥୀ



ବ୍ରହ୍ମପୁର , ନ୍ୟୁଜ ବ୍ୟୁରୋ: ଦେଶକୁ ଓ ରାଜ୍ୟକୁ ସୁଶାସନ ପ୍ରଦାନ କରିବା ପାଇଁ ଆବଶ୍ୟକ ଉନ୍ନତ ପ୍ରଶାସନିକ ଅଧିକାରୀ ୟୁପିଏସ୍‌ସି ଓ ଓପିଏସ୍‌ସି ଜରିଆରେ ପ୍ରତିବର୍ଷ ବାହାରି ଥାଆନ୍ତି। ଏହି କ୍ଷେତ୍ରରେ ଗଞ୍ଜାମ ଜିଲ୍ଲାର ସଫଳତା ହାରକୁ ବଢ଼ାଇବାକୁ ଗଞ୍ଜାମ ଜିଲ୍ଲା ପ୍ରଶାସନ ଅଂଟା ଭିଡ଼ିଛି । ଜିଲ୍ଲାର ପ୍ରତିଭାବାନ ଯୁବ ଆଶାୟୀ ପ୍ରଶିକ୍ଷାର୍ଥୀଙ୍କୁ ଚିହ୍ନଟ କରି ସେମାନଙ୍କୁ ମାଗଣା ପ୍ରଶିକ୍ଷଣ ଓ ପ୍ରକୃଷ୍ଟ ମାର୍ଗଦର୍ଶନ ପାଇଁ ଲକ୍ଷ୍ୟ ନିକେତନ ନାମକ ଯୋଜନା ପ୍ରସ୍ତୁତ କରାଯାଇଛି। ପ୍ରତିଭାଶାଳୀ ଯୁବାଙ୍କୁ ଚିହ୍ନଟ, ପ୍ରୋତ୍ସାହନ ଏବଂ ସଶକ୍ତ କରି, ନିଃଶୁଳ୍କ, ସମାବେଶୀ ଓ ଉଚ୍ଚ ମାନର ମାର୍ଗଦର୍ଶନ ମାଧ୍ୟମରେ ୟୁପିଏସ୍‌ସି ଓ ଓପିଏସ୍‌ସି ଭଳି ଅନ୍ୟାନ୍ୟ ପ୍ରତିଷ୍ଠିତ ପରୀକ୍ଷାର୍ଥୀଙ୍କ ସଫଳତା ପାଇଁ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହାର ଆରମ୍ଭ କରାଯାଇଛି । ଏହା ଗଞ୍ଜାମ ଜିଲ୍ଲାରେ ୟୁପିଏସ୍‌ସି ଓ ଓପିଏସ୍‌ସି ଛାତ୍ରଛାତ୍ରୀଙ୍କ ପାଇଁ ବେଶ୍ ସୁବିଧା ହୋଇପାରିବ ବୋଲି ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତି ଭାସନ୍ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଏହା ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ପରୀକ୍ଷା ପାଇଁ ଗାଇଡାନ୍ସ ମଡ୍ୟୁଲ୍ ପ୍ରସ୍ତୁତ କରାଯିବ । ବିକଶିତ ଓଡ଼ିଶା ପାଇଁ ସଶକ୍ତ ଯୁଗ ଶୀର୍ଷକ ଏହି ପଦକ୍ଷେପ ଜରିଆରେ ଜିଲ୍ଲାର ଆଶାୟୀ ପ୍ରଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ । ଆଶାୟୀ ଏନେଇ ଅନ୍‌ଲାଇନ୍‌ରେ ଆବେଦନ କରିବାକୁ ଥିବା ବେଳେ ପରୀକ୍ଷା ଜରିଆରେ ବଛାଯିବେ । ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାର ୩ଟି ଉପଖଣ୍ଡ ଯଥା ବ୍ରହ୍ମପୁର, ଭଞ୍ଜନଗର ଓ ଛତ୍ରପୁରରେ ଆରମ୍ଭ କରିବାକୁ ଥିବା ବେଳେ ଆଗାମୀ ଦିନରେ ଅନ୍ୟାନ୍ୟ ସ୍ଥାନରେ କରାଯିବ। ଜିଲ୍ଲାର ୩ଟି ସବ୍ ?ଡ଼ିଭିଜନ୍ ଯଥା ଛତ୍ରପୁର, ବ୍ରହ୍ମପୁର ଓ ଭଞ୍ଜନଗର ଠାରେ ୩ଟି ଶିକ୍ଷା କେନ୍ଦ୍ରରେ ଟ୍ରେନିଂ ପ୍ରଦାନ କରାଯିବାକୁ ବ୍ୟବସ୍ଥା ହୋଇଛି। ବ୍ରହ୍ମପୁରର ବିଡ଼ିଏ କାର୍ଯ୍ୟାଳୟର ଉପର ମହଲାରେ ଏହି ଶିକ୍ଷାକେନ୍ଦ୍ର ବ୍ୟବସ୍ଥା ହୋଇଥିବା ବେଳେ ଛତ୍ରପୁର ଓ ଭଞ୍ଜନଗରଠାରେ ଅବ୍ୟବହୃତ ଅବସ୍ଥାରେ ଥିବା ୨ଟି ବିଦ୍ୟାଳୟ ପରିସରକୁ ଏଥିପାଇଁ ଚୟନ କରାଯାଇଛି ଏବଂ ପ୍ରତ୍ୟେକ କେନ୍ଦ୍ରରେ ଜଣେ ପରିଚାଳକ ରହିବେ । ତିନି ଉପ ଜିଲ୍ଲାପାଳ ଏହି ତିନୋଟି କେନ୍ଦ୍ରର ସୁପରିଚାଳନା ପାଇଁ କାର୍ଯ୍ୟ କରିବାକୁ ସ୍ଥିର କରାଯାଇଥିବା ବେଳେ ଜିଲ୍ଲାର ସମସ୍ତ ଆଇଏଏସ୍ ଓ ଓଏଏସ୍ ଏବଂ ଓଆଇଏସ୍ ଅଧିକାରୀମାନଙ୍କ ମଧ୍ୟ ସହାୟତା ନିଆଯିବ । ଜିଲ୍ଲାରେ କାର୍ଯ୍ୟରତ ଆଇଏଏସ୍ ?, ଓଏଏସ୍ ଓ ଓଆରଏସ୍ ଅଧିକାରୀମାନେ ପ୍ରତି ସପ୍ତାହରେ ଥରଟିଏ ଏହି ଶିକ୍ଷା କେନ୍ଦ୍ରକୁ ଯାଇ ନିଜ ଅନୁଭୂତି ଜରିଆରେ ପ୍ରଶିକ୍ଷାର୍ଥୀଙ୍କୁ ପ୍ରୋତ୍ସାହିତ କରିବେ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି । ଜିଲ୍ଲାର ଗୋଳାବନ୍ଧସ୍ଥିତ ସେନା ବାୟୁ ପ୍ରଶିକ୍ଷଣ କେନ୍ଦ୍ରର ଆବଶ୍ୟକ ସ୍ଥଳେ ସହାୟତା ନିଆଯିବ ବୋଲି ସେ କହିଛନ୍ତି । ସେହିପରି ସେନାରେ ଯୋଗଦେବା ପାଇଁ ଇଚ୍ଛୁକ ପ୍ରାର୍ଥୀଙ୍କ ପାଇଁ ମଧ୍ୟ ଜିଲ୍ଲାରେ ଅନେକ ବ୍ୟବସ୍ଥା କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଗଞ୍ଜାମ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଦେବବ୍ରତ ପଣ୍ଡା, ବ୍ରହ୍ମପୁର ବିଏମ୍‌ସି କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ, ଗଞ୍ଜାମ ଜିଲ୍ଲା ପରିଷଦର ଭାରପ୍ରାପ୍ତ ସିଡ଼ିଓ ବିଜୟ ବେହେରା, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ପାର୍ଥ ସାରଥୀ ହାଁସଦା, ଜିଲ୍ଲା ସଂସ୍କୃତି ଅଧିକାରୀ ଅଦିତି ଆଚାର୍ଯ୍ୟଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତଥିଲେ ।

# ସୁବର୍ଣ୍ଣ ଭାରତୀ ପରିବାର ପକ୍ଷରୁ ୨୫ କୁଣ୍ଡୀୟ ଯଜ୍ଞ ମହୋତ୍ସବ



ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ: ସୁବର୍ଣ୍ଣ ଭାରତୀ ପରିବାର ପକ୍ଷରୁ ଅନୁଷ୍ଠିତ ୨୫ କୁଣ୍ଡୀୟ ଯଜ୍ଞ ଉତ୍ସବ ଓ ସାଧୁ ସନ୍ୟାସୀ ସମାବେଶ ଅବସରରେ ମୁଖ୍ୟ ଅତିଥି ଭାବରେ ବୌଦ୍ଧ ବିଧାୟକ ତଥା ଓଡ଼ିଶା ବିଧାନ ସଭା ଚିଫ୍ ହିପ୍ ମାନ୍ୟବର ସରୋଜ କୁମାର ପ୍ରଧାନ ଯୋଗ ଦେଇ ଆମ ସୁରକ୍ଷା ପାଇଁ ହିନ୍ଦୁ ଧର୍ମ ସଂସ୍କୃତିକୁ ବଞ୍ଚାଇବାକୁ ପଡ଼ିବ । ବିକଶିତ ଭାରତ ପାଇଁ ଓ ସମୃଦ୍ଧ ରାଷ୍ଟ୍ର ନିର୍ମାଣ ପାଇଁ ଆମ ଭିତରେ ଏକତା ଜରୁରୀ ହୋଇ ପଡ଼ିଛି ବୋଲି ବୋଲି ମତ ରଖି ଭାରତ ସରକାରଙ୍କ ୱାନ ନେସନ୍ ୱାନ ଏଜୁକେଶନ ପଲିସି ଉପରେ ଗୁରୁତ୍ୱାରୋପ କରିଥିଲେ । ସମ୍ମାନିତ ଅତିଥି ଭାବରେ ସୋନପୁର କଲେଜର ପ୍ରଫେସର ରାଧାକାନ୍ତ ନାଏକ ମୁଖ୍ୟବକ୍ତା ଭାବେ ଉଦ୍ୟାନ ବିଭାଗ ସହ ନିର୍ଦ୍ଦେଶକ ହୃଷିକେଶ ଦାସ, ବକ୍ତା ଲକ୍ଷ୍ମଣ କୁମାର ଶାସ୍ତ୍ରୀ,(ପ୍ରବଚକ) ସୁବର୍ଣ୍ଣଭାରତୀ ପରିବାର ପ୍ରମୁଖ ଶିବ ପ୍ରସାଦ ପାତ୍ର ପ୍ରମୁଖ ଯୋଗଦେଇ ଆମ ଧର୍ମ ସଂସ୍କୃତି ପରମ୍ପରା ଓ ଏକତା ଆମରି ଗୌରବ ଓ ଆମ ସୁରକ୍ଷା ବୋଲି ମତ ରଖିଥିଲେ। ସୁବର୍ଣ୍ଣ ଭାରତୀ ପରିବାରର ପ୍ରମୁଖ ଶିବ ପ୍ରସାଦ ପାତ୍ର ସ୍ୱାଗତ ଭାଷଣ ପ୍ରଦାନ୍ କରି ଥିବା ବେଳେ ସୁନନ୍ଦା ସାହୁ ସଭା ସଂଯୋଜନା କରିଥିଲେ । ଅଧ୍ୟାପକ ଉମାକାନ୍ତ ନାଗ ଧନ୍ୟବାଦ ଅର୍ପଣ କରିଥିଲେ। ଆର୍ଯ୍ୟରତ୍ନ ସମ୍ମାନରେ ୩ ଜଣ, ଆର୍ଯ୍ୟ ଗୌରବ ସମ୍ମାନରେ ୨୭ ଜଣ, ଆର୍ଯ୍ୟ ଦମ୍ପତି ସମ୍ମାନରେ ଗୋଟାଏ ଦମ୍ପତି ଓ ମୃତ୍ୟୁାଲ୍ଲୁ ଆତ୍ମା ସ୍ମୃତି ସମ୍ମାନରେ ୧୩ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ଆଜି ମୁଖ୍ୟ ଅତିଥି ବିଧାନ ସଭା ଚିଫ ହ୍ୱିପ ସରୋଜ କୁମାର ପ୍ରଧାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରା ଯାଇଥିଲା । ଏହି ଉତ୍ସବରେ ବିଭିନ୍ନ ଅଞ୍ଚଳରୁ ଶହ ଶହ ସାଧୁ ସନ୍ୟାସୀ ସହରର ବୁଦ୍ଧିଜିବୀ ମହିଳା ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ । ଭାରତ ବିକାଶ ପରିଷଦ ସଭାପତି ଦୂର୍ଯୋଧନ ସାହୁ, ନନ୍ଦିନୀ ଶତପଥୀ, କବିତା ପଧାନ, ସୁଭାଷିନୀ ଷଡ଼ଙ୍ଗୀ ପ୍ରମୁଖ ଉଭୟ ଅନୁଷ୍ଠାନର ସମସ୍ତ ସଦସ୍ୟ କାର୍ଯ୍ୟ କ୍ରମ ରେ ସହଯୋଗ କରିଥିଲେ ।

# କେସିସି ପକ୍ଷରୁ ଗରିବ ଓ ମେଧାବୀ ଛାତ୍ରୀଙ୍କୁ ଉଚ୍ଚ ଶିକ୍ଷା ପାଇଁ ସହାୟତା



କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ: କେନ୍ଦ୍ରାପଡା କ୍ରେଡିଟ୍ କୋ-ଅପରେଟିଭ୍ ସୋସାଇଟି ମୁଖ୍ୟ ଶାଖା ପକ୍ଷରୁ ଜଣେ ମେଧାବୀ ଗରିବ ଛାତ୍ରୀଙ୍କୁ ଉଚ୍ଚ ଶିକ୍ଷା ପାଇଁ ସହାୟତା ପ୍ରଦାନ କରାଯାଇଛି। ଅସୁରେଶ୍ୱର ଅଣସରପୁର ନିବାସୀ କାଶୀନାଥ ସାହୁଙ୍କ କନ୍ୟା ସୁଶ୍ରୀ ସୁଲିଲତା ସାହୁଙ୍କୁ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, ଇନ୍ଦିରାଗାନ୍ଧୀ ମୁକ୍ତ ବିଶ୍ୱ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ସମିତିର ସଭାପତି ତଥା ସମାଜସେବୀ ପ୍ରମୋଦ ସାହୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏହି ସହାୟତା ପ୍ରଦାନ ସମୟରେ ସମିତିର ମୁଖ୍ୟ ସାଧାରଣ ପରିଚାଳକ ମନୋଜ ସାହୁ, ମୁଖ୍ୟ ଶାଖା ବରିଷ୍ଠ ପରିଚାଳକ ପଙ୍କଜ ମଲ୍ଲିକଙ୍କ ସମେତ ସମାଜସେବୀ ଅକ୍ଷୟ ସାହୁ, ସୁବାସ ମହାନ୍ତି ପ୍ରମୁଖ ସହାୟତା ପ୍ରଦାନ ସମୟରେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ଛାତ୍ରୀ ସୁଲିଲତା ଅସୁରେଶ୍ୱର ସୁଭଦ୍ରା ମହତାବ ମହାବିଦ୍ୟାଳୟରୁ +୩ କଳା ରାଜନୀତି ବିଜ୍ଞାନ ସମ୍ମାନରେ କୃତୀତ୍ୱର ସହ ଉ୍ତୀର୍ଣ୍ଣ ହୋଇଥିଲେ। ପରିବାରର ଆର୍ଥିକ ଅବସ୍ଥା ଭଲ ନଥିବାରୁ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି ହୋଇଥିଲା। ଖବର ପାଇ କେନ୍ଦ୍ରାପଡା କ୍ରେଡିଟ୍ କୋ ଅପରେଟିଭ୍ ସୋସାଇଟି ଲିମିଟେଡ୍‌ର ସଭାପତି ଶ୍ରୀ ସାହୁ ଉକ୍ତ ଛାତ୍ରୀଙ୍କୁ ଉଚ୍ଚ ଶିକ୍ଷା ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥିବାରୁ ସ୍ଥାନୀୟ ଅଂଚଳରେ ତାଙ୍କର ପ୍ରଶଂସା କରାଯାଇଛି।

# ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଶତବାର୍ଷିକ ସମାରୋହ



କେନ୍ଦ୍ରାପଡା ନ୍ୟୁଜ ବ୍ୟୁରୋ: ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) ର ଜିଲ୍ଲାସ୍ତରୀୟ ଶତବାର୍ଷିକ ଉତ୍ସବ କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ଗୋପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହ ଆରମ୍ଭ ହେବା ପୂର୍ବରୁ ପାର୍ଟିର ଲାଲପତାକାକୁ ଶିକ୍ଷକ ମହାସଂଘର ପ୍ରାକ୍ତନ ସାଧାରଣ ସମ୍ପାଦକ ଅଧ୍ୟାପକ ଅଜୟ ସାମଲ ଉତ୍ତୋଳନ କରିଥିଲେ। ପରେ ବରିଷ୍ଠ ସଭ୍ୟ ଆଦିକନ୍ଦ ରାଉଳଙ୍କ ସଭାପତିତ୍ୱରେ ଏକ ସଭାରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ଆସିଥିବା ଶତାଧିକ ଦଳୀୟ କର୍ମୀଙ୍କୁ ସମ୍ବର୍ଦ୍ଧିତ କରି ରାଜ୍ୟ କମିଟି ସଭ୍ୟ ରମଣୀ ରଞ୍ଜନ ରାଉତରାୟ ଦେଶରେ ଏକ ଶ୍ରେଣୀ ହୀନ, ଶୋଷଣ ମୁକ୍ତ ଓ ସମାଜବାଦୀ, ସମାଜ ପ୍ରତିଷ୍ଠା ନିମନ୍ତେ ପାର୍ଟିର ଶହେ ବର୍ଷର ସାଲିସ୍‌ହୀନ ସଂଘର୍ଷ ବିଷୟରେ ବର୍ଣ୍ଣନା କରିଥିଲେ। ଆୟୋଜିତ ଏହି ସମାରୋହରେ ଜିଲ୍ଲା ସମ୍ପାଦକ ବିକାଶ ଚନ୍ଦ୍ର ବେଉରା, ସଭ୍ୟ ସର୍ବସାଥି ରବିନ୍ଦ୍ର ପରିଡା, ସଂଜୟ ରାଉତ, ସୁହାନା ବେଗମ୍, ଅଭୟ ଦାସ, ନିରଞ୍ଜନ ଦାସ, ସତ୍ୟ ନାରାୟଣ ଜେନା, ପ୍ରଦୀପ ବେହେରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଡକ୍ଟର ଚୈତନ୍ୟ ଚରଣ ପରିଡା ରଣଧିର ଜେନା, କବି ନିରାକାର ଦାସ ବୈଷ୍ଣବ ସ୍ୱାଇଁ, ରାଜକିଶୋର ନାୟକ, ଧୀରେନ୍ ବେହେରା, ଶ୍ରୀ ନିବାସ ପରିଡା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିବାବେଳେ ସୁହାନା ବେଗମ୍ ଧନ୍ୟବାଦ ଅର୍ପଣ କରିଥିଲେ।

# ୩ୟ ଓ ୫ମ ବୃତ୍ତି ପରୀକ୍ଷାରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସଫଳତା

ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ: ଶିକ୍ଷାବର୍ଷର ପ୍ରକାଶିତ ହୋଇଥିବା ତୃତୀୟ ଓ ପଞ୍ଚମ ଶ୍ରେଣୀ ସରକାରୀ ବୃତ୍ତି ପରୀକ୍ଷାରେ ନୀଳକଣ୍ଠ ନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରଛାତ୍ରୀମାନେ ଅଭୂତପୂର୍ବ ସଫଳତା ହାସଲ କରିଛନ୍ତି। ୫ମ ଶ୍ରେଣୀ ବୃତ୍ତି ପରୀକ୍ଷା ଫଳାଫଳରେ ଆମ୍ଭ ବିଦ୍ୟାଳୟର ୧ମ ଜବଭଳ ସହ ମୋଟ ୪ଜଣ ଶିଶୁ ଜବଭଳ ରଖୁଛନ୍ତି। ସେମାନଙ୍କ ମଧ୍ୟରେ ପ୍ରଥମ ଜବଭଳରେ ଆଶୁତୋଷ ପାତ୍ର, ୨ୟ ଜବଭଳ ରେ ଇପ୍ ?ସିତା ସାହୁ, ସେହିଭଳି ୮ମ ଓ ୯ମ ଜବଭଳ ରେ ଯଥାକ୍ରମେ ଦୀପକ ପାଣିଗ୍ରାହୀ ଓ ସୂର୍ଯ୍ୟଶୁ ପାଢ଼ୀ ମହାନଗରରେ ସଫଳତା ହାସଲ କରିଛନ୍ତି । ସେହିପରି ୩ୟ ଶ୍ରେଣୀ ଫଳାଫଳରେ ଆମ୍ଭ ବିଦ୍ୟାଳୟର ମୋଟ ୩ଜଣ ଶିଶୁ ଯଥାକ୍ରମେ ୫ମ ଜବଭଳ ରେ ପ୍ରିୟଂଶୁ ଆଚାର୍ଯ୍ୟ, ୮ମ ଜବଭଳ ରେ ଦେବସ୍ମିତା ସୁବୁଦ୍ଧି, ଏକାଦଶ ଜବଭଳରେ ଶୁକ୍ତା ସାହୁ ସ୍ଥାନ ହାସଲ କରି ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇ ବିଦ୍ୟାଳୟର ପୂର୍ବ ଗୌରବକୁ ବଜାୟ ରଖୁଛନ୍ତି। କ୍ରମାନ୍ୱୟରେ ବିଗତ ଚାରିଦଶନ୍ଧି ଧରି ଏହି ସଫଳତା ପାଇଁ ଆଚାର୍ଯ୍ୟଆଚାର୍ଯ୍ୟାଙ୍କ ତ୍ୟାଗ, ସାଧନା ଓ ସମର୍ପଣଭାବ ପରିଚାଳନା ସମିତିର ପ୍ରୋତ୍ସାହନ, ଅଭିଭାବକମାନଙ୍କର ଅକୁଣ୍ଠ ସହଯୋଗ, ଶିଶୁଙ୍କର କଠୋର ପରିଶ୍ରମ ସର୍ବୋପରି ପ୍ରଭୁ ନୀଳକଣ୍ଠେଶ୍ୱରଙ୍କର ଆଶୀର୍ବାଦ ରହିଛି ବୋଲି ବିଦ୍ୟାଳୟ ଶୈକ୍ଷିକ ପ୍ରଶାସକ ଶ୍ରୀମାନ୍ ଉମାଧବ ମହାନ୍ତି କହିଛନ୍ତି। ଛାତ୍ରଛାତ୍ରୀମାନଙ୍କ ଏହି ବ୍ଲକସ୍ତରୀୟ ସଫଳତା ପାଇଁ ଅନୁଷ୍ଠାନ ପରିଚାଳନା ସମିତିର ସଭାପତି ଡଃ. ଜୀବାନନ୍ଦ ତ୍ରିପାଠୀ, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମ ସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧ୍ୟକ୍ଷ ସାମନାଥ ନନ୍ଦ, ସଦସ୍ୟା ଶ୍ରୀମତୀ ପ୍ରଣତୀ ସାମଲ, ସଦସ୍ୟା ବାସନ୍ତୀ ବେହେରା, ଉପଦେଷ୍ଟା ଧର୍ମରାଜ ସାହୁ, ନରସିଂହ ଚୌଧୁରୀ, ସୁଦର୍ଶନ ପାଢୀ, ହରିକୃଷ୍ଣ ପାଢୀ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବିଦ୍ୟାମନ୍ଦିର ପ୍ରଧାନାଚାର୍ଯ୍ୟ ଏସ୍. ମୋହନ ରାଓ, ଶିଶୁ ମନ୍ଦିର ପ୍ରଧାନାଚାର୍ଯ୍ୟ ସୁରେଶ କୁମାର ଆଚାର୍ଯ୍ୟ, ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ତଥା ସମସ୍ତ ଅଭିଭାବକଙ୍କ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

# ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ମାଧ୍ୟମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ: ସୋନପୁର ବ୍ଲକ୍ ଲଛିପୁର ଗ୍ରାମ ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୨ ତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଅରୁଣ କୁମାର ଷଡଙ୍ଗୀ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବରେ ବିଦ୍ୟାଳୟର ସଭାପତି ତଥା ସୋନପୁର ଉପଜିଲ୍ଲାପାଳ ଡ. ସୌମ୍ୟାରୁପା ରଥ ଓ ମୁଖ୍ୟବକ୍ତା ଭାବରେ ବିନ୍ଧ୍ୟବାସିନୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାଇକମାଳର ଅଧ୍ୟକ୍ଷ ଶ୍ୟାମଲାଲ ପ୍ରଧାନ, ସମ୍ମାନିତ ଅତିଥି ଭାବରେ ବିଦ୍ୟାଳୟର ପୂର୍ବତନ ସଂପାଦକ ତଥା ପ୍ରତିଷ୍ଠାତା ସତ୍ୟ ନାରାୟଣ ଦାଶ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିଲେ। ଅଧ୍ୟକ୍ଷ ଅରୁଣ କୁମାର ଷଡ଼ଙ୍ଗୀ ବିବରଣୀ ପାଠ କରିଥିଲେ । ସଭା ପରେ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇ ଥିଲା । ସୁନ୍ଦର ଓଡ଼ିଶୀ ନୃତ୍ୟରୁ ଆରମ୍ଭ ହୋଇ ସମ୍ବଲପୁରୀ ଦଳଗତ ନୃତ୍ୟ ସମସ୍ତ ଦର୍ଶକଙ୍କୁ ବିଭୋର କରି ଦେଇଥିଲା । ଏହି ବର୍ଗରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଏକ ସୁନ୍ଦର ଡ୍ରାମା ଅପରେସନ ସିନ୍ଦୁର ହୃଦୟସ୍ପର୍ଶୀ ଏବଂ ଚିତ୍ତାକର୍ଷକ ହୋଇଥିଲା ପରେ ପରେ କଲେଜ ପ୍ରତିଷ୍ଠା ଦିଗରେ ଯେଉଁ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା ସେମାନଙ୍କୁ ପୁଷ୍ପଗୁଚ୍ଛ ଉପଢ଼ୌକନ ତଥା ମାନପତ୍ର ଦେଇ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରଯାଇଥିଲା । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ସମାପନ ସମାରୋହ ଦିନ ୪ ଟା ବେଳେ ଆରମ୍ଭ ହୋଇଥିଲା । ଅଧ୍ୟକ୍ଷ ଅରୁଣ କୁମାର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ କଲେଜର ପ୍ରତିଷ୍ଠାତା ସତ୍ୟନାରାୟଣ ଦାଶ ମୁଖ୍ୟ ଅତିଥି, ବ୍ଲକ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ମିଶ୍ର ମୁଖ୍ୟବକ୍ତା, ପୁରାତନ କମିଟି ସଭ୍ୟ ମେଘନାଦ ସାହୁ, ଅରୁଣ ଦାଶ, ଲକ୍ଷ୍ମୀକାନ୍ତ ହୋତା, ତଥା ପ୍ରାଧ୍ୟାପକ ରମାକାନ୍ତ କର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅଧ୍ୟାପିକା କଲ୍ୟାଣୀ ମିଶ୍ର ତାଙ୍କର କଲେଜ ସ୍ମୃତି ଏବଂ ଅନୁଭୂତିକୁ ନେଇ ଏକ ସୁନ୍ଦର ନିବନ୍ଧ ସଭାରେ ଉପସ୍ଥାପନା କରିଥିଲେ ଓ ପରେ ସମସ୍ତ ଶୈକ୍ଷିକ ତଥା ଅଣ ଶୈକ୍ଷିକ କର୍ମଚାରୀ ମାନଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା । ଉଭୟ ସଭାରେ ପ୍ରାଧ୍ୟାପକ ଦିଲୀପ ରଞ୍ଜନ ମିଶ୍ର ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କିରାଣୀ ଜନ୍ମେଜୟ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପିକା ପିଙ୍କି ଦାଶଙ୍କ ତତ୍ତ୍ୱାବଧାନରେ ନୃତ୍ୟଗୀତ ତଥା ଡ୍ରାମା ସମ୍ପୂର୍ଣ୍ଣ ରୂପେ ସମ୍ପନ୍ନ ହୋଇଥିବା ବେଳେ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ଶମ୍ଭୁ ପ୍ରସାଦ ପଧାନ ତୁଲାଇଥିଲେ । ସମସ୍ତ ଅତିଥିମାନଙ୍କୁ ପ୍ରାଧ୍ୟାପକ ଆର୍ତତ୍ରାଣ ଦାଶ, ଦିଲିପ ସାହୁ ଓ ଜଗନ୍ନାଥ ସାହୁ ଆତିଥ୍ୟ ପ୍ରଦାନ କରିଥିବା ବେଳେ କୁଶ ସାହୁ ମୋହନ ସାହୁ, ତପସ୍ୱିନୀ ସାହୁ, ହୃଷିକେଶ ପୋଢ ତଥା ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ ।

# ସାଂସଦ ଖେଳ ମହୋତ୍ସବ ଉଦ୍‌ଯାପିତ




କେନ୍ଦ୍ରାପଡା, ନ୍ୟୁଜ ବ୍ୟୁରୋ: କେନ୍ଦ୍ରାପଡା ସରକାରୀ ଉଚ୍ଚ ବିଦ୍ୟାଳୟ ପଡିଆରେ ଆୟୋଜିତ ହେଉଥିବା ସଂସଦୀୟ କ୍ଷେତ୍ରର ସାଂସଦ ଖେଳ ମହୋତ୍ସବ ୨୦୨୫ର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବର ସଂଯୋଜକ ସୁନାକର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦଯାପନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ କେନ୍ଦ୍ରାପଡ଼ାର ସାଂସଦ ବୈଜୟନ୍ତ ପଣ୍ଡା କେନ୍ଦ୍ରାପଡ଼ା ଯୁବ ଖେଳ ପ୍ରତିଭାର ଗନ୍ତାଘର। ଏହି ଖେଳ ପ୍ରତିଯୋଗିତା ଅନେକ ଲୁକାୟିତ ପ୍ରତିଭାବାନ କ୍ରୀଡ଼ାବିତ ପ୍ରତିଭାକୁ ଲୋକ ଲୋଚନକୁ ଆଣି ପାରିଛି। ଏତେ ସଂଖ୍ୟାରେ ପ୍ରତିଭାବାନ କ୍ରୀଡ଼ାବିତ ଆମ ଜିଲ୍ଲାରେ ଥିଲେ ତାହା ଆଶ୍ଚର୍ଯ୍ୟ ଲାଗୁଛି ବୋଲି କହିଥିଲେ। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏହି ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ନିଶ୍ଚିତ ସଫଳ ହୋଇଛି । ଆସନ୍ତା ବର୍ଷ ଏହି କ୍ରୀଡାରେ କେନ୍ଦ୍ରାପଡ଼ାରେ ଲକ୍ଷାଧିକ ଖେଳାଳିଙ୍କୁ ସାମିଲ କରାଯିବା ପାଇଁ ପ୍ରୟାସ କରାଯିବ ଏବଂ ଏହି କ୍ରୀଡ଼ାବିତମାନେ ଆଗାମୀ ଭବିଷ୍ୟତରେ ରାଜ୍ୟ, ରାଷ୍ଟ୍ରୀୟ ତଥା ଆନ୍ତର୍ଜାତୀୟ କ୍ଷେତ୍ରରେ ନିଜର କ୍ରୀଡା ନୈପୁଣ୍ୟ ପ୍ରଦର୍ଶନ କରିବା ପାଇଁ ଅର୍ପୂସୁଯୋଗ ପାଇବେ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ମହାକାଳପଡ଼ାର ବିଧାୟକ ଡ଼ ଦୁର୍ଗା ପ୍ରସନ ନାୟକ,ଜିଲ୍ଲାପାଳ ରଘୁରାମ ଆର ଆୟର, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ବାରିକ ,ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ବିଜେପି ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠି, ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକ, ଜ୍ୟୋତ୍ସ୍ନାରାଣୀ ଜେନା, କିଶୋର କୁମାର ପଣ୍ଡା, ଗୀତାଞ୍ଜଳୀ ସେଠୀ ତେଜେଶ୍ୱର ପରିଡା, କୃଷ୍ଣଚନ୍ଦ୍ର ପଣ୍ଡା, ଲଳିତ ବେହେରା, ଦୁର୍ଯୋଧନ ସାହୁ, ସଲିମ ଖାଁ, ଅଭିମନ୍ୟୁ ଗୋଛାୟତ, ସଞ୍ଜୟ ରଥ, ଉମାକାନ୍ତ ପଟ୍ଟନାୟକ ସୁମନ୍ତ କୁମାର ଘଡ଼ାଇ ପ୍ରମୁଖ ଯୋଗ ଦେଇଥିଲେ ।ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଭାସୀ ମାଧ୍ୟମରେ କ୍ରୀଡ଼ାବିତ ମାନଙ୍କ ସହ ଯୋଡି ହୋଇଥିଲେ। ଏହି କାର୍ଯ୍ୟକ୍ରମ ରେ ବିଭିନ୍ନ କ୍ରୀଡାରେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ କ୍ରୀଡା କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଶିବାନୀ ପ୍ରିୟଦର୍ଶିନୀ ପରିଡା (ଭଲିବଲ), ମୋନାଲି ସ୍ୱାଇଁ (ସନ୍ତରଣ ), ରୋଶନ କୁମାର ସ୍ୱାଇଁ (ଶକ୍ତି ଉତ୍ତୋଳନ), ଶୀତଲ ରାଉତ ( ୧୯ବର୍ଷରୁ କମ କ୍ରିକେଟ)ଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କୃତି ପ୍ରତିଯୋଗୀମାନଙ୍କୁ ଉଦଯାପନୀ ଉତ୍ସବରେ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା।

# ଜାନୁଆରୀ ୨ରୁ ପ୍ରଥମା ଫାଉଣ୍ଡେସନର ଶାରଳା ନାଟକ ଉତ୍ସବ



ଜଗତସିଂହପୁର, ନ୍ୟୁଜ ବ୍ୟୁରୋ: ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାରପ୍ରସାର ନିମନ୍ତେ ଗଠିତ 'ପ୍ରଥମା ଫାଉଣ୍ଡେସନ୍' ଆସନ୍ତା ଜାନୁଆରୀ ମାସ ୦୨, ୦୩ ଓ ୦୪ ତିନି ଦିନ ଧରି ଦ୍ୱିତୀୟ ରାଜ୍ୟସ୍ତରୀୟ ''ଶାରଳା ନାଟକ ଉତ୍ସବ-୨୦୨୬' ଜଗତସିଂହପୁର ଜିଲ୍ଲା ମୁଖ୍ୟାଳୟସ୍ଥିତ ଆଦିକବି ଶାରଳା ଦାସ ସଂସ୍କୃତି ଭବନରେ ପ୍ରତ୍ୟହ ସନ୍ଧ୍ୟା ୬ଟାରେ ଅନୁଷ୍ଠିତ ହେବ। ଆଜି ଜଗତସିଂହପୁର ଆର ଆଣ୍ଡ ଆଇବିରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କୁହାଯାଇଛି ଯେ, ନାଟକ ଉତ୍ସବରେ ରାଜ୍ୟର ପ୍ରମୁଖ ତିନୋଟି ନାଟ୍ୟାନୁଷ୍ଠାନ ଯୋଗଦେବେ। ପ୍ରଥମ ଉଦ୍ଘାଟନୀ ସନ୍ଧ୍ୟାରେ ଭୁବନେଶ୍ୱର ବିଦ୍ୟାକନକ ସୃଜନାନୁଷ୍ଠାନ ଗୋଦାବରିଶ ମହାପାତ୍ରଙ୍କ କାଳଜୟୀ କାହାଣୀ 'ମାଗୁଣିର ଶଗଡ଼' ପରିବେଶକ୍ଷଣ କରିବେ। ଏହାକୁ ନବୀନ କୁମାର ପରିଡ଼ା ନାଟ୍ୟରୂପ ଦେଇଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ଜଗଦୀଶ ପ୍ରସାଦ ମହାରଣା। ଦ୍ୱିତୀୟ ଦିନ ଭୁବନେଶ୍ୱରର 'ଜୀବନରେଖା ଥିଏଟର' ପରିବେଷଣ କରିବେ ନାଟକ 'କମଳା'। ବିଜୟ ତେନ୍ଦୁଲକରଙ୍କ ମୂଳ ରଚନାକୁ ଓଡ଼ିଆ ଅନୁବାଦ କରିଛନ୍ତି ଚିନ୍ମୟୀ ଷଡ଼ଙ୍ଗୀ ଓ ଅଭିନ୍ନ ରାଉତରାୟ ନାଟକର ନିର୍ଦ୍ଦେଶନା ଭାର ସମ୍ଭାଳିଛନ୍ତି। ଉଦ୍‌ଯାପନୀ ସନ୍ଧ୍ୟାରେ ମନୋଜ ମିତ୍ରଙ୍କ ରଚିତ ନାଟକ 'ସଂପର୍କ' ମଞ୍ଚସ୍ଥ ହେବ। ଏହାର ନିର୍ଦ୍ଦେଶନା ଦେଇଛନ୍ତି ଦର୍ପ ନାରାୟଣ ସେଠୀ। ଭୁବନେଶ୍ୱର ରଙ୍ଗମ୍ ନାଟ୍ୟସଂସ୍ଥା କଳାକାରମାନେ ଏହି ନାଟକ ପରିବେଷଣ କରିବେ। ଚଳିତ ବର୍ଷ ମଧ୍ୟ ପ୍ରତ୍ୟକ ସନ୍ଧ୍ୟାକୁ ଜଣେ ସଂସ୍କୃତି ସମ୍ପନ୍ନ ବ୍ୟକ୍ତିତ୍ୱଙ୍କ ନାମରେ ଉତ୍ସର୍ଗ କରାଯାଇଛି। ପ୍ରଥମ ସନ୍ଧ୍ୟାକୁ ପ୍ରଖ୍ୟାତ ନାଟ୍ୟକାର ଓ ନିର୍ଦ୍ଦେଶକ ନାଟ୍ୟାଚାର୍ଯ୍ୟ ବାଳକୃଷ୍ଣ ମହାନ୍ତି, ଦ୍ୱିତୀୟ ସନ୍ଧ୍ୟାକୁ ପ୍ରଖ୍ୟାତ କାଳଜୟୀ ନାଟ୍ୟକାର ଓ ନିର୍ଦ୍ଦେଶକ ସୁଧାକର ଦ୍ୱିବେଦୀ ଏବଂ ତୃତୀୟ ସନ୍ଧ୍ୟାକୁ ପ୍ରଖ୍ୟାତ ଅଭିନେତା ଓ ନିର୍ଦ୍ଦେଶକ ନାଟ୍ୟଶ୍ରୀ ଆର୍ତ୍ତବନ୍ଧୁ ରାଉତରାୟଙ୍କ ସ୍ମୃତି ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯାଇଛି। ଏହି ଅବସରରେ ବିଶିଷ୍ଟ ଅଭିନେତା ଓ ନିର୍ଦ୍ଦେଶକ ଚୌଧୁରୀ ଜୟପ୍ରକାଶ ଦାସଙ୍କୁ ସମ୍ମାନ ଜନକ 'କୃପାସିନ୍ଧୁ ମହାନ୍ତି ନାଟ୍ୟ ସମ୍ମାନ' ପ୍ରଦାନ କରାଯିବ। ଏଥିସହ ଓଡ଼ିଶାର ମଞ୍ଚ ନାଟକର ଦୀର୍ଘ ଯାତ୍ରାରେ ସହଯାତ୍ରୀ ୯ ଜଣ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ 'ପ୍ରଥାମ ସମ୍ମାନ-୨୦୨୫' ପ୍ରଦାନ କରାଯିବ। ସେମାନେ ହେଲେ ନାଟ୍ୟ ନିର୍ଦ୍ଦେଶକ ସାରଦା ପ୍ରସାଦ ରଣା, ମଞ୍ଚ ଅଭିନେତା ନିରଞ୍ଜନ ବେହେରା, ମଞ୍ଚ ଅଭିନେତା ସୁଶାନ୍ତ କୁମାର ଦାସ, ବରିଷ୍ଠ ସାମ୍ବାଦିକ ପ୍ରଦୀପ୍ତ ଚେ ?ଧୁରୀ, ସରୋଜ ସାହୁ, ଶଶାଙ୍କ ଶେଖର ପଣ୍ଡା, ଶୁଭଙ୍କର ଜେନା, ଦୁର୍ଯ୍ୟୋଧନ ମହାରଣା ଓ ତାପସ ଦାସଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। କେବଳ ନାଟକ ପରିବେଷଣ ନୁହେଁ, ନାଟକ ସମ୍ପର୍କିତ ଆଲୋଚନା ମଧ୍ୟ ଏହି ଉତ୍ସବରେ ସାମିଲ କରାଯାଇଛି। ସିଦ୍ଧି ଚାରିଟେବୁଲ୍ ଟ୍ରଷ୍ଟ ସହଯୋଗରେ ଜାନୁଆରି ୪ ତାରିଖ ଦିନ ୧୧ଟାରେ 'ଯୁବ ବର୍ଗ ଓ ନାଟକ' ବିଷୟବସ୍ତୁ ଉପରେ ନାଟ୍ୟ ଆଲୋଚନା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ଅତିଥି ଆଲୋଚକ ଭାବେ ନାଟ୍ୟ ନିର୍ଦ୍ଦେଶକ ଅଭିନ୍ନ ରାଉତରାୟ, ଅଭିନେତା ଓ ନିର୍ଦ୍ଦେଶକ ଶ୍ରୀମନ୍ ନାରାୟଣ ମିଶ୍ର ଓ ନାଟ୍ୟ ନିର୍ଦ୍ଦେଶକ ଦର୍ପ ନାରାୟଣ ସେଠୀ ଯୋଗଦେବେ। ଜାନୁଆରି ୨ ତାରିଖ ଶୁକ୍ରବାର ସନ୍ଧ୍ୟା ୬ଟା ୦୫ ମିନିଟ୍ରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ବିଧାୟକ ଅମରେନ୍ଦ୍ର ଦାସ ତଥା ବିଶିଷ୍ଟ ନାଟ୍ୟବ୍ୟକ୍ତିତ୍ୱମାନେ ଉପସ୍ଥିତ ରହି ଦ୍ୱିତୀୟ ରାଜ୍ୟସ୍ତରୀୟ 'ଶାରଳା ନାଟକ ଉତ୍ସବ'କୁ ଉଦ୍ଘାଟନ କରିବେ। ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପ ଓ ଭଞ୍ଜକଳା ମଣ୍ଡପ ପରି ଜିଲ୍ଲା ମୁଖ୍ୟାଳୟରେ ଅନୁଷ୍ଠିତ ଏହି ଉତ୍ସବରେ ସପରିବାରେ ଯୋଗଦେଇ ପରିବାର ସହ ଭଲ ନାଟକ ଦେଖିବାକୁ ଅନୁଷ୍ଠାନ ପକ୍ଷରୁ ନିବେଦନ କରାଯାଇଛି। ସାମ୍ବାଦିକ ସମ୍ମିଳନୀରେ ନାଟ୍ୟକାର କୈଳାସ ମଲ୍ଲିକ, ଶିକ୍ଷାବିତ୍ ସୁଭାଷ ଚନ୍ଦ୍ର ରାଉତ, ଅନୁଷ୍ଠାନର ସାଂଗଠାନିକ ସଂପାଦକ ସତ୍ୟବ୍ରତ ବିଶ୍ୱାଳ, କଳା ସଂପାଦକ ଅଜୟ ଗୋଛାୟତ, କୋଷାଧ୍ୟକ୍ଷ ଦୁର୍ଗା ପ୍ରସାଦ ସ୍ୱାଇଁ, ସହ ସମ୍ପାଦକ ବିଧାନ ନାୟକ, ସହ କୋଷାଧ୍ୟକ୍ଷ ସୁଦୀପ୍ତ ପରିଡା, ପତ୍ରିକା ସମ୍ପାଦକ ତୁଷାର ମହାନ୍ତି, ସଦସ୍ୟ ଆଇନଜୀବୀ ନରେଶ ଦାସ, ବିଜୟ କୁମାର ରାଉତ, ସଞ୍ଜୀବ ବରାଳ, ସରୋଜ ଦ୍ୱିବେଦୀ ଓ ଉତ୍ସବର ସଂପାଦକ ସୋମନାଥ ପରିଡ଼ା ପ୍ରମୁଖ ଉପସ୍ଥିତ ସୂଚନା ପ୍ରଦାନ କରିଥିଲେ।

# ଧର୍ମଶାଳା ମହୋତ୍ସବରେ : ପୂର୍ବତନ ବିଧାୟକଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି



ଧର୍ମଶାଳା, ନ୍ୟୁଜ ବ୍ୟୁରୋ: ଧର୍ମଶାଳା ମହୋତ୍ସବ ଅବସରରେ ରାଜ୍ୟ ସରକାରଙ୍କ ହସ୍ତତନ୍ତ ବୟନ ଓ ହସ୍ତଶିଳ୍ପ ବିଭାଗ ଓ ଜିଲ୍ଲା ହସ୍ତଶିଳ୍ପ କାର୍ଯ୍ୟାଳୟ ଜାଜପୁର ପକ୍ଷରୁ ହସ୍ତଶିଳ୍ପ ପ୍ରଦର୍ଶନୀ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଛି । ଏହି ପ୍ରଦର୍ଶନୀକୁ ହସ୍ତଶିଳ୍ପ ଉପନିର୍ଦ୍ଦେଶକ ଯାଜପୁର ଜ୍ୟୋତିରଞ୍ଜନ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ହସ୍ତଶିଳ୍ପ ବିକାଶ ଅଧିକାରୀ କମଳଲୋଚନ ସାହୁ, ହସ୍ତଶିଳ୍ପ ବିକାଶ ଅଧିକାରୀ କଲ୍ୟାଣ ଟୁଡୁ, ହସ୍ତଶିଳ୍ପ ବିକାଶ ଅଧିକାରୀ ଶୁଭ୍ରାଂଶୁ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଦର୍ଶନୀରେ ୨୭ ଗୋଟି ଷ୍ଟଲ ଖୋଲାଯାଇଥିବା ବେଳେ ପଥର ଖୋଦେଇ, କାଠ ଖୋଦେଇ, କାଇଁଚ କାମ,ବାଉଁଶ, ଝୋଟ, ଚାନ୍ଦୁଆ, ଟେରାକୋଟା, ବେତ, ପିତ୍ତଳକାମ ମେଳାରେ ପ୍ରଦର୍ଶନ କରାଯାଇଛି। ଏହି ପ୍ରଦର୍ଶନୀରେ ଅରଙ୍ଗାବାଦ ଗ୍ରାମର ଶ୍ୟାମସୁନ୍ଦର ମହିଳା ବିକାଶ କେନ୍ଦ୍ରର ଚାନ୍ଦୁଆ ଷ୍ଟଲ ଖୋଲାଯାଇଛି। ଉଦ୍‌ଘାଟନ ଅବସରରେ ଶତାଧିକ ମହିଳା ତଥା ପୁରୁଷ କାରିଗର ଉପସ୍ଥିତ ରହି ସ୍ୱର୍ଗତ ଲାବଣ୍ୟଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ସ୍ୱର୍ଗତ ଲାବଣ୍ୟ ଦୀର୍ଘ ୨୦ ବର୍ଷ ଧରି ଖଦିବୋର୍ଡ ନିର୍ଦ୍ଦେଶକ ରହିବା ସହିତ ନିଜଗ୍ରାମ ଅରଙ୍ଗାବାଦ ଠାରେ ମହିଳା ମାନଙ୍କୁ ଚାନ୍ଦୁଆ କାର୍ଯ୍ୟରେ ତାଲିମ ପ୍ରଦାନ କରି ସେମାନଙ୍କୁ ଆତ୍ମନିର୍ଭରଶୀଳ କରାଇଥିଲେ ବୋଲି କାରିଗର ମାନେ ପ୍ରକାଶ କରିଥିଲେ। ଏଥି ସହିତ ବେକାର ଯୁବକ ଯୁବତୀ ମାନଙ୍କୁ ରୋଜଗାରକ୍ଷମ କରାଇବାରେ ମୁଖ୍ୟଭୂମିକା ଗ୍ରହଣ କରିଥିଲେ ବୋଲି ଉପସ୍ଥିତ ଅତିଥି ତଥା କାରିଗର ମାନେ ପ୍ରକାଶ କରିଥିଲେ । ରାଜ୍ୟ ପୁରସ୍କାର ପ୍ରାପ୍ତ ପ୍ରସ୍ତରଶିଳ୍ପୀ ଅନନ୍ତ ମହାରଣା, ରାଜ୍ୟ ପୁରସ୍କାର ପ୍ରାପ୍ତ ହସ୍ତଶିଳ୍ପ କାରିଗର ପ୍ରଫୁଲ୍ଲ ମହାରଣା, ମୀନତି ରଥ, ଏମ୍‌ସିପି ରମେଶ ସାହୁ, ଲୋକନାଥ ବେହେରା, ରମାକାନ୍ତ ମଲ୍ଲିକ, ଶ୍ୟାମସୁନ୍ଦର ମହିଳା ବିକାଶ କେନ୍ଦ୍ର ସଭାନେତ୍ରୀ ଶୈଳବାଳା ବେହେରା, ସମ୍ପାଦିକା ମୀନତି ପଣ୍ଡା, ଝୁନାରାଣୀ ମିଶ୍ର, ସ୍ନେହଲତା ଦାଶ, ଜ୍ୟୋତ୍ସ୍ନାରାଣୀ ବେହେରା, ସସ୍ମିତା ପରିଡା, ସ୍ମୃତିସଂଗୀତା ମିଶ୍ର, ଦ୍ୱିତୀକୃଷ୍ଣ ମିଶ୍ରଙ୍କ ସମେତ ବହୁ ହସ୍ତଶିଳ୍ପକାରିଗର ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସ୍ୱର୍ଗତ ଲାବଣ୍ୟଙ୍କ ଜ୍ୟେଷ୍ଠ ପୁତ୍ର ପ୍ରାଧ୍ୟାପକ ବଳଭଦ୍ର ଦାଶ ଓ କନିଷ୍ଠ ପୁତ୍ର ଆଇନଜୀବୀ ଶ୍ୟାମ ପ୍ରସାଦ ଦାଶ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୩୦ ଡିସେମ୍ବର ୨୦୨୬ ମଙ୍ଗଳବାର





# କେମିତି କଟିବ-୨୦୨୬





ଉପସ୍ଥାପନା- ଜ୍ୟୋତିର୍ଗବେଷିକା
ଦୀପ୍ତିରେଖା ନନ୍ଦ

**ବର୍ଷ ଆରମ୍ଭରୁ ଶେଷଯାଏ ଶନି ମୀନ ରାଶିରେ ରହିବା ସହିତ ରାହୁ ଓ କେତୁ ଯଥାକ୍ରମେ କୁମ୍ଭ ରାଶିରେ ଏବଂ କେତୁ ସିଂହ ରାଶିରେ ନଭେମ୍ବର ମାସ ଯାଏ ରହିବେ। ଦେବଗୁରୁ ବୃହସ୍ପତି ମିଥୁନ ରାଶିରେ ବର୍ଷ ଆରମ୍ଭରୁ ମଇ ମାସ ଶେଷ ଯାଏ ରହିବେ। ତାପରେ ଜୁନ୍ ୨ ତାରିଖ ଦିନ ବୃହସ୍ପତି କର୍କଟକୁ ସଞ୍ଚାର ହେବେ। ଦ୍ୱାଦଶ ରାଶିରେ ଏହିମତେ ଗ୍ରହ ଗତିକୁ ଦୃଷ୍ଟିରେ ରଖି କେମିତି ୨୦୨୬ ବିତିବ ରାଶି ଅନୁସାରେ ପୃଥକ୍ ପୃଥକ୍ ସମ୍ୟକ୍ ଭାବେ ବର୍ଣ୍ଣିତ ...**



**ମେଷ - ନାମର ଆଦ୍ୟ ଅକ୍ଷର - (ଚୁ, ଚେ, ଚୋ, ଲା, ଲି, ଲୁ, ଲେ, ଲୋ, ଅ)**

ଚଳିତ ବର୍ଷ ମେଷ ରାଶି ବ୍ୟକ୍ତିଙ୍କ ପାଇଁ ଅଧିକାଂଶ ଅଶୁଭ ଫଳଦାୟକ। ରାହୁ ଆପଣଙ୍କର ଏକାଦଶ ସ୍ଥାନରେ ଅବସ୍ଥାନ କରିବା ହେତୁ କିଛି ମାତ୍ରାରେ ଶୁଭଫଳ ମଧ୍ୟ ପ୍ରାପ୍ତ ହେବ। ଦ୍ୱାଦଶରେ ଶନିଙ୍କ ଅବସ୍ଥାନ ହେତୁ ଅଶୁଭ ଫଳ ଏବଂ ରାହୁଙ୍କ ନିମନ୍ତେ ଶୁଭଫଳ ପ୍ରାପ୍ତ ହେବ। ବର୍ଷଟି ଆପଣଙ୍କର ମିଶ୍ରିତ ଫଳଦାୟକ ହେବ। ଶତ୍ରୁମାନେ ନାଶ ହେବେ। ଅଟକି ରହିଥିବା କାର୍ଯ୍ୟମାନଙ୍କରୁ ଶୁଭ ସମାଚାର ମିଳିବାର ସମ୍ଭାବନା। ଆୟ ଅପେକ୍ଷା ବ୍ୟୟର ପରିମାଣ ବଢ଼ିବ। ପାରିବାରିକ ସମସ୍ୟା ଦେଖାଦେବ। ବର୍ଷ ଆରମ୍ଭରୁ ଅଶୁଭ ଫଳ ପ୍ରାପ୍ତ ହେଲେ ମଧ୍ୟ ବର୍ଷର ମଧ୍ୟାହ୍ନରେ କିଛି ମାତ୍ରାରେ ଶୁଭଫଳ ମିଳିବ। ମାଙ୍ଗଳିକ କାର୍ଯ୍ୟ କରିପାରନ୍ତି। ଚାକିରି କ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି। କଚେରୀ ମାମଲାରେ ଶୁଭଫଳ ପାଇବେ। ଛାତ୍ରଛାତ୍ରୀମାନେ ଆଶାନୁରୂପକ ଫଳ ପାଇବେ। ଶାରୀରିକ ଅସୁସ୍ଥତା ଦେଖାଦେବ। ବହୁ ପ୍ରତୀକ୍ଷା ପରେ କର୍ମଲାଭ ହେବ। ପିଲାମାନେ ପଢ଼ାପଢ଼ିରେ ଅବହେଳା ପ୍ରଦର୍ଶନ କରିବେ। ଆଶା କରିଥିବା କାମଟି ଆପଣଙ୍କର ସଫଳ ହେବ। ମହିଳାମାନେ କର୍ମ ବ୍ୟସ୍ତତା ମଧ୍ୟରେ ସମୟ କଟାଇବେ। କୃଷକମାନେ ମଧ୍ୟମ ଧରଣର ଫଳ ପାଇବେ।

**ବୃଷ - ନାମର ଆଦ୍ୟ ଅକ୍ଷର - (ଇ, ଉ, ଏ, ଓ, ବା, ବି, ବୁ, ବେ, ବୋ)**



ବୃଷ ରାଶିର ବ୍ୟକ୍ତିମାନଙ୍କୁ ବର୍ଷ ଆରମ୍ଭ ଶୁଭଫଳ ପ୍ରଦାନ କରିବ। ସାରା ବର୍ଷ ଦଶମ ସ୍ଥାନରେ ରାହୁ ଅବସ୍ଥାନ କରିବେ। ଏକାଦଶ ସ୍ଥାନରେ ଶନି ଥିବାହେତୁ ଆପଣଙ୍କର ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ବାକିଥିବା କାର୍ଯ୍ୟ ମଧ୍ୟ ପୂରଣ ହେବ। ଚାକିରି କ୍ଷେତ୍ରରେ ସହଯୋଗୀଙ୍କ ଠାରୁ ସାହାଯ୍ୟ ପାଇ କର୍ମକ୍ଷେତ୍ରରେ ଆଗେଇବେ। ପାରିବାରିକ ସୁଖ ଲାଭ ହେବ। ବୈବାହିକ ଶୁଭକାର୍ଯ୍ୟ ନିମନ୍ତେ ଲଗ୍ନ ପ୍ରଶସ୍ତ। ନୂତନ ଭୂମି କ୍ରୟ କରିବାର ସମ୍ଭାବନା। ଦଶମ ସ୍ଥାନରେ ରାହୁଙ୍କ ଅବସ୍ଥାନ ହେତୁ କର୍ମକ୍ଷେତ୍ରରେ ଅଶାନ୍ତି ଦେଖାଦେବ। ଆୟର ପରିମାଣ ବଢ଼ିବ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ଶରୀର ସୁସ୍ଥ ରହିବ। ବ୍ୟବସାୟିକ କ୍ଷେତ୍ରରେ ଧନହାନୀର ସମ୍ଭାବାନ। ଗୃହ ନିମନ୍ତେ ସୌଖିନ୍ୟ ସାମଗ୍ରୀ କିଣିପାରନ୍ତି। ମହିଳାମାନେ ନିଜର କାର୍ଯ୍ୟ ଦକ୍ଷତା ସମ୍ପାଦନ କରିବେ। ଉପରିସ୍ଥ କର୍ମଚାରୀଙ୍କ ସହଯୋଗ ଲାଭ କରିବେ। ବ୍ୟୟର ମାତ୍ରା କମିବ। ଛାତ୍ରଛାତ୍ରୀମାନେ ପରୀକ୍ଷାରେ କୃତିତ୍ୱ ହାସଲ କରିବେ। ପ୍ରତିଯୋଗିତାରେ ବିଜୟ ହାସଲ କରିବେ।



**ମିଥୁନ - ନାମର ଆଦ୍ୟ ଅକ୍ଷର - (କା, କି, କୁ, ଘ, ଙ, ଛ, କେ, କୋ, ହ)**

ଚଳିତ ବର୍ଷ ମିଥୁନ ରାଶି ବ୍ୟକ୍ତିମାନଙ୍କ ପାଇଁ ପରିବର୍ତ୍ତନ ଆଣିଦେବ। ବର୍ଷର ମଧ୍ୟ ଭାଗରେ ଅନେକ ଶୁଭଫଳ ପାଇବେ। ଜନ୍ମ ବୃହସ୍ପତି ବର୍ଷ ଆରମ୍ଭରୁ ଆପଣଙ୍କୁ ଅଶୁଭ ଫଳ ପ୍ରଦାନ କରିବ। ବର୍ଷର ଦ୍ୱିତୀୟାର୍ଦ୍ଧରେ କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ କରିବେ। ଚାକିରି କ୍ଷେତ୍ରରେ ନୂତନ ପଦବୀ ପାଇବାର ସମ୍ଭାବନା। ହଠାତ୍ ଧନ ଲାଭର ଆଶା। ଚଳିତ ବର୍ଷ ନୂତନ ଯାନବାହାନ କିରିପାରନ୍ତି। ବ୍ୟବସାୟିକ କ୍ଷେତ୍ରରେ ସତର୍କତା ମୂଳକ କାର୍ଯ୍ୟ କଲେ ଲାଭପ୍ରଦ ହୋଇପାରିବେ। ପାରିବାରିକ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ। ଚଳିତ ବର୍ଷ ଆରମ୍ଭରୁ ପିଲାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ରହିବେ। କାର୍ଯ୍ୟ କ୍ଷେତ୍ରରେ ସହଯୋଗୀଙ୍କ ସହଯୋଗ ପ୍ରାପ୍ତ କରିବେ। ମାଙ୍ଗଳିକ କାର୍ଯ୍ୟ ନିମନ୍ତେ ବର୍ଷଟି ଅନୁକୂଳ ଅଟେ। ଛାତ୍ରଛାତ୍ରୀମାନେ ପ୍ରତିଯୋଗିତା ମୂଳକ ପରୀକ୍ଷାରେ କୃତିତ୍ୱ ହାସଲ କରିବେ। ଚାଷୀଭାଇମାନେ କୃଷିକ୍ଷେତ୍ରରେ ଉତ୍ତମ ଧରଣର ଫଳ ଲାଭ କରିବେ। ବିଦ୍ୟାର୍ଥୀମାନେ ଶିକ୍ଷାକ୍ଷେତ୍ରରେ ସମ୍ମାନିତ ହେବେ। ବ୍ୟବସାୟରେ ସଫଳତା ହାସଲ କରିବେ। ମହିଳାମାନେ ସୁଖ ଶାନ୍ତିରେ ସମୟ ଅତିବାହିତ କରିବେ।

**କର୍କଟ - ନାମର ଆଦ୍ୟ ଅକ୍ଷର - (ହି, ହୁ, ହେ, ହୋ, ଡ଼, ଡ଼ି, ଡ଼ୁ, ଡ଼େ, ଡ଼ୋ)**



ଚଳିତ ବର୍ଷ ଆରମ୍ଭରୁ ବୃହସ୍ପତି ଦ୍ୱାଦଶରେ ଅବସ୍ଥାନ କରିବା ହେତୁ କର୍କଟ ରାଶିର ବ୍ୟକ୍ତି ମାନଙ୍କ ପାଇଁ ଅଶୁଭ ଫଳ ଦାୟକ ହେଲେ ମଧ୍ୟ ବୃହସ୍ପତି କିଛିଟା ସାଫଲ୍ୟତା ଦେବେ। ବର୍ଷ ଆରମ୍ଭ ଅନେକ ସମସ୍ୟା ବହୁଳ ହେବ। ନବମ ଶନି ବର୍ଷ ମଧ୍ୟରେ ଅନେକ ହଇରାଣ କରିବେ। ଶାରୀରିକ ଅସୁସ୍ଥତା ଦେଖାଦେବ। ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ। କର୍ମକ୍ଷେତ୍ରରେ ଅସନ୍ତୋଷ ଦେଖାଦେବ। ଯେଉଁ କାର୍ଯ୍ୟ ହାତଦେବେ ତାହା ବିଳମ୍ବରେ ସମ୍ପୂର୍ଣ୍ଣ ହେବ। ଶୁଭ କାର୍ଯ୍ୟରେ ବାଧା ଉପୁଜିବ। ପାରିବାରିକ ଅଶାନ୍ତି ମନକୁ ଭାରାକ୍ରାନ୍ତ କରିବ। ସଞ୍ଚିତ ଧନ ମଧ୍ୟ ଅନ୍ୟଥା ଆକାରରେ ଖର୍ଚ୍ଚ ହେବ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ଚାକିରି କ୍ଷେତ୍ରରେ ଅନେକ ପରିଶ୍ରମ ସତ୍ତ୍ୱେ ସମ୍ମାନହାନୀ ଘଟିବ। ବ୍ୟବସାୟିକ କ୍ଷେତ୍ରରେ ଅଶୁଭ ଫଳ ପାଇବେ। ବର୍ଷର ଦ୍ୱିତୀୟାର୍ଦ୍ଧ ଆପଣଙ୍କ ପାଇଁ କିଛି ମାତ୍ରାରେ ଶୁଭଫଳ ପାଇବେ। ପିଲାମାନେ ପଢ଼ାପଢ଼ିରେ ଅବହେଳା ପ୍ରଦର୍ଶନ କରିବେ। କୃଷକ ଭାଇମାନେ ଅଳ୍ପ ପରିଶ୍ରମରେ ଲାଭବାନ୍ ହେବେ। ମହିଳାମାନେ ପରିବାର ପାଇଁ ଚିନ୍ତିତ ରହିବେ। ଅଯଥାରେ ବିବାଦୀୟ ଘେରରେ ମଧ୍ୟ ପଡିପାରନ୍ତି।



**ସିଂହ - ନାମର ଆଦ୍ୟ ଅକ୍ଷର - (ମା, ମି, ମୁ, ମେ, ମୋ, ଟ, ଟି, ଟୁ, ଟେ)**

ସିଂହ ରାଶି ଜାତ ବ୍ୟକ୍ତିମାନଙ୍କର ଚଳିତ ବର୍ଷ ଶନି ଅଷ୍ଟମରେ ଅବସ୍ଥାନ ହେତୁ ସାରା ବର୍ଷ ଆପଣଙ୍କର ଅଶୁଭରେ କଟିବ। ପାରିବାରିକ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେଲେ ମଧ୍ୟ ଅନେକ ଦୁଶ୍ଚିନ୍ତା ଦେଖାଦେବ। ଆୟ ଅପେକ୍ଷା ବ୍ୟୟର ପରିମାଣ ଅଧିକ ହେବ। ଗାଡ଼ି ଚଲେଇବାରେ ସାବଧାନତା ଅବଲମ୍ବନ କରନ୍ତୁ ନଚେତ୍ ଦୁର୍ଘଟଣା ଘଟିପାରେ। ପଞ୍ଚମରେ ବୃହସ୍ପତିଙ୍କ ଅବସ୍ଥାନ ହେତୁ ସମସ୍ତ ବାଧାବିଘ୍ନକୁ ଅତିକ୍ରମ କରିବେ। ଉପରିସ୍ଥ କର୍ମକର୍ତ୍ତାଙ୍କ ସାହାଯ୍ୟ ସହଯୋଗ ଲାଭ କରିବେ। ମାନସିକ ଚାପ ସାମାନ୍ୟ ବଢ଼ିବ। ବନ୍ଧୁଙ୍କ ସହାୟତା ପ୍ରାପ୍ତ ହେବ। ଗୃହେ ସୁଖ ସମୃଦ୍ଧି ଦେଖାଦେବ। ରାହୁଙ୍କ କୁଦୃଷ୍ଟି ହେତୁ ବ୍ୟବସାୟିକ କ୍ଷେତ୍ରରେ କ୍ଷତି ଘଟିବ। କାର୍ଯ୍ୟକ୍ଷେତ୍ରରେ ଅଶାନ୍ତି ଦେଖାଦେବ। ମହିଳାମାନେ ନୂତନ ସାମଗ୍ରୀ କ୍ରୟ କରିପାରନ୍ତି। କୃଷକ ଭାଇମାନେ ନିଜ ପରିଶ୍ରମ ଅନୁଯାୟୀ ଫଳ ପ୍ରାପ୍ତ କରିବେ। ବନ୍ଧୁ ପରିଜନଙ୍କ ସହ ମତାନ୍ତର ଦେଖାଦେଇପାରେ। ଶୁଭ କାର୍ଯ୍ୟରେ ବାଧା ଦେଖାଦେବ। ଛାତ୍ରଛାତ୍ରୀମାନେ ପଢ଼ାପଢ଼ିରେ ଆଗେଇ ଚାଲିବେ। ପରୀକ୍ଷାରେ ଉତୀର୍ଣ୍ଣ ହେବେ।

**କନ୍ୟା - ନାମର ଆଦ୍ୟ ଅକ୍ଷର - (ଟୋ, ପ, ପି, ପୁ, ଷ, ଣ, ଠ, ପେ, ପୋ)**



ଚଳିତ ବର୍ଷ କନ୍ୟା ରାଶିର ବ୍ୟକ୍ତି ବିଶେଷଙ୍କ ପାଇଁ ବର୍ଷ ଆରମ୍ଭ ବୃହସ୍ପତିଙ୍କ ଶୁଭ ସ୍ଥାନରେ ଅବସ୍ଥାନ ହେତୁ ସବୁ କିଛି ଭଲରେ କଟିବ। ବ୍ୟବସାୟରେ ମଧ୍ୟମ ଧରଣର ଫଳ ପ୍ରାପ୍ତ ହେବ। ଧନ ବ୍ୟୟ ଯୋଗ ରହିଛି। ପାରିବାରିକ ସୁଖ ଶାନ୍ତି ବଜାୟ ରହିବ। କର୍ମକ୍ଷେତ୍ରରେ ଉନ୍ନତି ଦେଖାଦେଲେ ମଧ୍ୟ କିଛି ନା କିଛି ସମସ୍ୟା ଦେଖାଦେବ। ବିଦ୍ୟାର୍ଥୀମାନେ ପଢ଼ାପଢ଼ିରେ ମନ ନିବେଶ କରିବେ। ବିବାହ ଆଦି ମାଙ୍ଗଳିକ କାର୍ଯ୍ୟ ନିମନ୍ତେ ବର୍ଷର ପ୍ରଥମାର୍ଦ୍ଧ ଅନୁକୂଳ ଅଟେ। ଶୁଭ ଖବର ମିଳିପାରେ। ମହିଳାମାନେ ଆତ୍ମସନ୍ତୋଷ ଲାଭ କରିବେ। ଚାଷୀ ଭାଇମାନେ କୃଷି କାର୍ଯ୍ୟରେ କ୍ଷତି ସହିବେ। ଚାକିରୀ କ୍ଷେତ୍ରରେ ସ୍ଥାନାନ୍ତରିତ ଯୋଗ ରହିଛି। ଛାତ୍ରଛାତ୍ରୀମାନେ ଉଚ୍ଚ ଫଳ ପ୍ରାପ୍ତ ନିମନ୍ତେ କଠିନ ପରିଶ୍ରମ କରିବେ। ଶରୀରରେ ସାମାନ୍ୟ ଅସୁସ୍ଥତା ଦେଖାଦେବ। କାର୍ଯ୍ୟକ୍ଷେତ୍ରରେ ଅନେକ କାର୍ଯ୍ୟ ଅଟକି ରହିବ। ପିଲାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତିତ ରହିବେ। ମାନସିକ ଅଶାନ୍ତି ଓ ଦୁଶ୍ଚିନ୍ତା ମନକୁ ଅସ୍ଥିର କରିବ।



**ତୁଳା - ନାମର ଆଦ୍ୟ ଅକ୍ଷର - (ର, ରି, ରୁ, ରେ, ରୋ, ତ, ତି, ତୁ, ତେ)**

ଚଳିତ ବର୍ଷ ବର୍ଷ ଆରମ୍ଭରୁ ଶନି ଷଷ୍ଠ ଓ ବୃହସ୍ପତି ନବମରେ ଅବସ୍ଥାନ ହେତୁ ତୁଳା ରାଶିର ବ୍ୟକ୍ତିମାନଙ୍କ ପାଇଁ ବର୍ଷର ଆରମ୍ଭ ଶୁଭଫଳ ଦେବ ଓ ଏହାପରେ ମଧ୍ୟମ ଧରଣର ଫଳ ଦେବ। କର୍ମକ୍ଷେତ୍ରରେ ଉନ୍ନତି ଦେଖାଦେବ। ନୂତନ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇପାରେ। ବ୍ୟବସାୟିକ କ୍ଷେତ୍ରରେ ପରିଶ୍ରମ ମାଧ୍ୟମରେ ଲାଭବାନ୍ ହେବେ। ସହକର୍ମୀ ଓ ବନ୍ଧୁଙ୍କ ସହଯୋଗରେ ଚାକିରି କ୍ଷେତ୍ରରେ ଉନ୍ନତି ଘଟିବ। ଦୂରଯାତ୍ରା କରିବାର ସମ୍ଭାବନା। ଆୟର ପରିମାଣ ବଢ଼ିବ। ମାଙ୍ଗଳିକ କାର୍ଯ୍ୟ ନିମନ୍ତେ ବର୍ଷଟି ଶୁଭମୟ ହେବ। ନିଜ ଲୋକଙ୍କ ସହିତ ମାନ ମନାନ୍ତର ଦେଖାଦେବ। ପାରିବାରିକ ସୁଖ ଶାନ୍ତି ବଜାୟ ରହିବ। ମହିଳାମାନେ କର୍ତ୍ତବ୍ୟପରାୟଣା ହେବେ। ଜଗିରଖି ଚଳନ୍ତୁ ନଚେତ୍ ଅଯଥା ବ୍ୟୟ ଯୋଗ। ପିଲାମାନେ ପଢ଼ାପଢ଼ିରେ ମନୋନିବେଶ କରିବେ। ପ୍ରତିଯୋଗିତା ମୂଳକ ପରୀକ୍ଷାରେ ସଫଳତା ହାସଲ କରିବେ। ସାମାନ୍ୟ ଶାରୀରିକ ପୀଡ଼ା ଦେଖାଦେବ। ନୂତନ ଦ୍ରବ୍ୟ କିଣିବାର ସମ୍ଭାବନା। ଦାମ୍ପତ୍ୟ ଜୀବନ ସୁଖମୟ ହେବ। କର୍ମ ନିଯୁକ୍ତି ପ୍ରାପ୍ତି ହେବ।

**ବିଛା - ନାମର ଆଦ୍ୟ ଅକ୍ଷର - (ତୋ, ନ, ନି, ନୁ, ନେ, ନୋ, ଯ, ଯି, ଯୁ)**



ବର୍ଷ ଆରମ୍ଭରୁ ଶନି ପଞ୍ଚମ ଏବଂ ବୃହସ୍ପତି ଅଷ୍ଟମ ସ୍ଥାନରେ ଅବସ୍ଥାନ ହେତୁ ବିଛା ରାଶିର ବ୍ୟକ୍ତିମାନଙ୍କ ପାଇଁ ଅଶୁଭ ଫଳ ଦାୟକ ହେବ। ବର୍ଷ ମଧ୍ୟମରୁ ବୃହସ୍ପତି ସପ୍ତମକୁ ଅବସ୍ଥାନ କଲେ ଶୁଭଫଳ ପ୍ରାପ୍ତ ହେବ। ଆପଣଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ। ବ୍ୟବସାୟିକ କ୍ଷେତ୍ରରେ ମଧ୍ୟମ ଧରଣର ଫଳ ପ୍ରାପ୍ତ ହେବ। ପରିବାରରେ ପିଲାଙ୍କ ନିମନ୍ତେ ଚିନ୍ତିତ ହେବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ମତାନ୍ତର ଦେଖାଦେଇପାରେ। ଆୟ ଠାରୁ ବ୍ୟୟର ମାତ୍ରା ଅଧିକହେବ। ବର୍ଷ ମଧ୍ୟାହ୍ନେ ପରେ ମାଙ୍ଗଳିକ କାର୍ଯ୍ୟ କରିପାରନ୍ତି। ଘରେ ସୁଖ ଶାନ୍ତି ଅକ୍ଷୁର୍ଣ୍ଣ ରହିବ। ମାଲିମୋକଦ୍ଦମା କ୍ଷେତ୍ରରେ ଶୁଣାଣି ବିଳମ୍ବ ହେବ। କର୍ମଜୀବୀମାନେ ବ୍ୟସ୍ତତା ମଧ୍ୟରେ ଗତି କରିବେ। ଗୃହିଣୀମାନେ ଆତ୍ମସନ୍ତୋଷ ଲାଭ କରିବେ। କୃଷକ ଭାଇମାନେ ଚାଷ କାର୍ଯ୍ୟରେ ସାମାନ୍ୟ କ୍ଷତି ସହିବେ। ବିଳମ୍ବରେ କାର୍ଯ୍ୟ ହାସଲ ହେବ। ପିଲାମାନେ କଠିନ ପରିଶ୍ରମ କରି ସଫଳତା ହାସଲ କରିବେ। ଚାକିରି କ୍ଷେତ୍ରରେ ଅସନ୍ତୋଷ ହେତୁ ମାନସିକ ଦୁଶ୍ଚିନ୍ତା ମଧ୍ୟ ରହିବ। ଶରୀର ସୁସ୍ଥ ରହିବ।

**ଧନୁ - ନାମର ଆଦ୍ୟ ଅକ୍ଷର - (ଯେ, ଯୋ, ଭ, ଭି, ଭୁ, ଧ, ଫ, ଢ଼, ଭେ)**

ଚଳିତ ବର୍ଷ ଆପଣଙ୍କୁ ଶୁଭାଶୁଭ ମିଶ୍ରିତ ଫଳ ଦେବ। ବର୍ଷର ପ୍ରଥମାର୍ଦ୍ଧରେ ସପ୍ତମ ସ୍ଥାନରେ ବୃହସ୍ପତି ଶୁଭଫଳ ଦେବ ଓ ଚତୁର୍ଥ ସ୍ଥାନରେ ଶନି ଅଶୁଭ



ଫଳ ପ୍ରଦାନ କରିବ। ବ୍ୟବସାୟିକ କ୍ଷେତ୍ରରେ ଲାଭବାନ୍ ହେବେ। ଅପେକ୍ଷା କରିଥିବା ଖବରଟି ହଠାତ୍ ମିଳିପାରେ। ରାହୁ ତୃତୀୟ ସ୍ଥାନରେ ରହି ଅନେକ ସମସ୍ୟାର ସମାଧାନ କରିବେ। ଘରେ ଅଶାନ୍ତି ଦେଖାଦେବ। ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ। ଆୟର ମାତ୍ରା ଭଲ ରହିଲେ ମଧ୍ୟ ବ୍ୟୟ ସାମାନ୍ୟ ଅଧିକ ହେବ। ପିଲାମାନେ ପଢ଼ାପଢ଼ିରେ ସମସ୍ୟା ସୃଷ୍ଟି କରିବେ। କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଶାରୀରିକ ଅସୁସ୍ଥତା ଦେଖାଦେଇପାରେ। ମହିଳାମାନେ ସାମାନ୍ୟ ବିରକ୍ତିର ଶୀକାର ହେବେ। ଚାଷିଭାଇମାନେ କୃଷି କାର୍ଯ୍ୟରେ ଅଗ୍ରଗତି କରିବେ। ଚାକିରି କ୍ଷେତ୍ରରେ ପଦୋନ୍ନତିର ଆଶା। ପରିବାରରେ ପିଲାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ହେବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଛାତ୍ରଛାତ୍ରୀମାନେ ପ୍ରତିଯୋଗିତା ମୂଳକ ହେଇ ସଫଳତା ହାସଲ କରିବେ। ବନ୍ଧୁ ବାନ୍ଧବଙ୍କ ସହିତ ମାନ ମନାନ୍ତର ସୃଷ୍ଟି ହୋଇପାରେ।

**ମକର - ନାମର ଆଦ୍ୟ ଅକ୍ଷର - (ଭୋ, ଜ, ଜି, ଜୁ, ଜେ, ଜୋ, ଖ, ଖି, ଖୁ, ଖେ, ଖୋ, ଗା, ଗି)**



ମକର ରାଶିର ବ୍ୟକ୍ତିମାନଙ୍କ ନିମନ୍ତେ ଚଳିତ ବର୍ଷଟି ମଧ୍ୟମ ଧରଣର ଫଳ ପ୍ରଦାନ କରିବ। ଶନି ତୃତୀୟ ସ୍ଥାନ ଓ ବୃହସ୍ପତି ଷଷ୍ଠ ସ୍ଥାନରେ ଅବସ୍ଥାନ କରିବାହେତୁ ଶୁଭ ଅଶୁଭ ମିଶ୍ରିତ ଫଳ ମିଳିବ। ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ୍ ହେବେ। କର୍ମକ୍ଷେତ୍ରରେ ଉନ୍ନତି ଦେଖାଦେବ। ହଠାତ୍ ଧନ ପ୍ରାପ୍ତ ହେବାର ସୂଚନା। ବର୍ଷର ମଧ୍ୟ ଭାଗରେ ବୃହସ୍ପତି ସପ୍ତମ ସ୍ଥାନରେ ଅବସ୍ଥାନ କରିବେ। ଏହାପରେ ଆପଣ ଶୁଭ ଖବର ପାଇପାରନ୍ତି। ମାଲିମୋକଦ୍ଦମା କ୍ଷେତ୍ରରେ ସାଫଲ୍ୟ ମଣ୍ଡିତ ହେବେ। ମହିଳାମାନେ କର୍ତ୍ତବ୍ୟପରାୟଣା ହେବେ। ପିଲାମାନେ ପଢ଼ାପଢ଼ିରେ ଆଗେଇବେ। କୃଷକ ଭାଇମାନେ କୃଷି କାର୍ଯ୍ୟରେ ଲାଭବାନ୍ ହେବେ। ପାରିବାରିକ ଜୀବନ ସୁଖମୟ ହେବ। ପିଲାମାନେ ଶିକ୍ଷା କ୍ଷେତ୍ରରେ ଅଧିକ ପରିଶ୍ରମ କରି କୃତିତ୍ୱ ଅର୍ଜନ କରିବେ। ଅନେକ ଦିନର ଆଶା ଆପଣଙ୍କର ପୂର୍ଣ୍ଣ ହେବ। ଚାକିରି କ୍ଷେତ୍ରରେ ସହକର୍ମୀଙ୍କ ସାନ୍ନିଧ୍ୟ ଲାଭ କରି ଉପକୃତ ହେବେ। ଗୃହିଣୀ ମାନଙ୍କ ସ୍ୱାସ୍ଥ୍ୟ ଭଲ ରହିବ। ଶରୀର ସୁସ୍ଥ ରହିବ।



**କୁମ୍ଭ - ନାମର ଆଦ୍ୟ ଅକ୍ଷର - (ଗୁ, ଗେ, ଗୋ, ସ, ଶି, ଶୁ, ସେ, ସୋ, ଦ)**

ଚଳିତ ବର୍ଷ କୁମ୍ଭ ରାଶି ବ୍ୟକ୍ତି ବିଶେଷଙ୍କ ପାଇଁ ମିଶ୍ରିତ ଫଳ ପ୍ରଦାନ କରିବ। ଶନି ଦ୍ୱିତୀୟରେ ଅବସ୍ଥାନ ହେତୁ ଅଶୁଭ ଫଳ ଓ ବୃହସ୍ପତି ପଞ୍ଚମରେ ଅବସ୍ଥାନ ହେତୁ ଶୁଭ ଫଳ ମିଳିବ। ଚଳିତ ବର୍ଷ ଆପଣଙ୍କର ଆୟ ତୁଳନାରେ ବ୍ୟୟର ମାତ୍ରା ଅଧିକ ହେବ। ଶାରୀରିକ ସମସ୍ୟା ଦେଖାଦେବ। ବ୍ୟବସାୟ ମନ୍ଥର ଗତିରେ ଚାଲିବ। ଚାକିରି କ୍ଷେତ୍ରରେ ଉପରିସ୍ଥ ସହକର୍ମୀଙ୍କ ସହ ମନୋମାଳିନ୍ୟ ସୃଷ୍ଟି ହୋଇପାରେ। ନୂତନ ଦ୍ରବ୍ୟ କ୍ରୟ କରିପାରନ୍ତି। ପିଲାମାନେ ଶିକ୍ଷା କ୍ଷେତ୍ରରେ ସଫଳତା ଆଦି ଶୁଭଫଳ ପାଇବେ। ମହିଳାମାନେ ପିଲାଙ୍କ ନିମନ୍ତେ ଚିନ୍ତିତ ରହିବେ। କର୍ମକ୍ଷେତ୍ରରେ ସମସ୍ୟା ଦେଖାଦେବ। ଯାନବାହାନ ଚାଳନାରେ ସତର୍କତା ଅବଲମ୍ବନୀୟ। ପରିଶ୍ରମ ଅନୁସାରେ ଫଳ ପ୍ରାପ୍ତ କରି ଆନନ୍ଦିତ ହେବେ। କୃଷକ ଭାଇମାନେ ପରିଶ୍ରମ ଅନୁଯାୟୀ ଫଳ ପାଇବେ। ପାରିବାରିକ ଅଶାନ୍ତି ଦୂର ହେବ। ବନ୍ଧୁଙ୍କ ପାଖରୁ ସାହାଯ୍ୟ ସହଯୋଗ ଲୋଡ଼ିପାରନ୍ତି। ଛାତ୍ରଛାତ୍ରୀମାନେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବେ।

**ମୀନ - ନାମର ଆଦ୍ୟ ଅକ୍ଷର - (ଦି, ଦୁ, ଝ, ଞ, ଥ, ଦେ, ଦୋ, ଚ, ଚି)**



ଚଳିତ ବର୍ଷ ଦ୍ୱାଦଶରେ ରାହୁ, ଜନ୍ମ ସ୍ଥାନରେ ଶନି ଅବସ୍ଥାନ ହେତୁ ମୀନ ରାଶିର ବ୍ୟକ୍ତିଙ୍କ ପାଇଁ ଅଶୁଭ ଫଳଦାୟକ ହେବ। ବର୍ଷର ଦ୍ୱିତୀୟାର୍ଦ୍ଧରେ ବୃହସ୍ପତି ପଞ୍ଚମରେ ଅବସ୍ଥାନ ଫଳରେ କେତେକାଂଶରେ ଶୁଭଫଳ ଦେବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ମତାନ୍ତର ଦେଖାଦେବ। ଏଣୁ ମାନସିକ ଅସ୍ଥିରତା ଦେଖାଦେବ। ଆୟ ଓ ବ୍ୟୟ ମଧ୍ୟମ ଧରଣର ହେବ। ଶାରୀରିକ ଅସୁସ୍ଥତା ହେତୁ ଅଯଥା ଖର୍ଚ୍ଚାନ୍ତର ଶିକାର ହେବେ। ପରିବାରରେ ପିଲାଙ୍କ ପାଇଁ ଚିନ୍ତିତ ହେବେ। ବ୍ୟବସାୟ ମଧ୍ୟମ ଧରଣର ଚାଲିବ। ଶତ୍ରୁଙ୍କ ଠାରୁ ସତର୍କତା ଅବଲମ୍ବନୀୟ। ଛାତ୍ରଛାତ୍ରୀମାନେ ଯେତେ ପରିଶ୍ରମ କଲେ ମଧ୍ୟ ଆଶାନୁରୂପକ ଫଳ ମିଳିବନାହିଁ। ମହିଳାମାନେ ସ୍ୱାସ୍ଥ୍ୟକୁ ନେଇ ଚିନ୍ତିତ ରହିବେ। ମାଙ୍ଗଳିକ କାର୍ଯ୍ୟ ନିମନ୍ତେ ବିଳମ୍ବ ଦେଖାଦେବ। ଶତ୍ରୁଙ୍କ ଠାରୁ ସତର୍କତା ଅବଲମ୍ବନୀୟ। ଚାଷୀ ଭାଇମାନେ କୃଷି କାର୍ଯ୍ୟରେ ଅଗ୍ରସର ହେବେ। ମାଲିମୋକଦ୍ଦମା କ୍ଷେତ୍ରରେ ଶୁଣାଣି ବିଳମ୍ବ ହୋଇପାରେ। ଚାକିରି କ୍ଷେତ୍ରରେ ପଦୋନ୍ନତି ବିଳମ୍ବରେ ହେବ। ମନ ଅସ୍ଥିର ରହିବ।

*ସାନବଜାର, ଯାଜପୁର ଟାଉନ୍*

❖❖❖

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୩୦।୧୨।୨୦୨୫, ପୌଷ ଦି୧୫ନ, ମଙ୍ଗଳବାର**

**ସୂର୍ଯ୍ୟୋଦୟ-** ଘ୬।୨୦।୫୮ **ଚନ୍ଦ୍ରୋଦୟ-** ଦିଘ୧।୧୨।୫୨

**ଦଶମୀ-** ପ୍ରାଘ୭।୫୧ ପର୍ଯ୍ୟନ୍ତ । **ଏକାଦଶୀ କ୍ଷୟ-** ନିଘ ୫।୦୧ । ଅଶ୍ୱିନୀ ପ୍ରାଘ ୬।୫୮ ଗତେ। **ଦ୍ୱିଜା ନକ୍ଷତ୍ର କ୍ଷୟ। ମେଷ ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ର ଶୁଦ୍ଧି-** ମିଥୁନ, କର୍କଟ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର। **ଘାତ ଚନ୍ଦ୍ର-** ମେଷ ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** କଳମ ଶାଗ ପ୍ରାଘ ୭।୫୧ ପରେ ଶିମ୍ବ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୨୫ ଗତେ ଘ ୭।୦୭ ମଧ୍ୟେ । ଦିଘ ୯।୦୭ ଗତେ ଘ ୧୧।୨୮ ମଧ୍ୟେ। **ପର୍ବୋତ୍ସବ-** ଶାମ୍ବ ଦଶମୀ, ସର୍ବ ସମ୍ମତ ପୁତ୍ରଦା ଏକାଦଶୀ, ତ୍ର୍ୟହସ୍ପର୍ଶତିଥି।



**ମେଷ:** କର୍ମକ୍ଷେତ୍ରରେ ପ୍ରତାରିତ ହେବାର ସମ୍ଭାବନା। ଖର୍ଚ୍ଚର ପରିମାଣ ବୃଦ୍ଧି ପାଇବ। ପଥରୋଧ ଭଳି ପରିସ୍ଥିତି ସୃଷ୍ଟି ହୋଇପାରେ। ଅଯଥା ଦୂରଯାତ୍ରା କରିବାର ସମ୍ଭାବନା। ଘରେ କଳହ ଦେଖାଦେବ।



**ବୃଷ:** ଆୟରେ ଉନ୍ନତି ହେବ। ବନ୍ଧୁ ସହଯୋଗ ମଧ୍ୟ ମିଳିବ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। କର୍ମକ୍ଷେତ୍ରରେ ସହଯୋଗ ମଧ୍ୟ ମିଳିବ। ଗୃହରେ ସୃଷ୍ଟି ହୋଇଥିବା କଳହର ସମାଧାନ ହୋଇଯିବ।



**ମିଥୁନ:** ବାଣିଜ୍ୟ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହେବ। ଆନୁଷ୍ଠାନିକ କାମରେ ପ୍ରଶଂସା ମିଳିବ। ଯାତ୍ରାରେ ମନବାଞ୍ଛା ଫଳ ପ୍ରାପ୍ତ ହେବ। ପାରିବାରିକ ସମସ୍ୟାର ସମାଧାନ ଘଟିବ। ରୋଜଗାର ଭଲ ହେବ।



**କର୍କଟ:** ଶୁଭ କାର୍ଯ୍ୟରେ ଯୋଗଦାନ କରିବେ। ସାଧନାରେ ସିଦ୍ଧି ଲାଭ କରିବେ। ଆଳସ୍ୟ ଓ ଅବହେଳା ଯୋଗୁ କାର୍ଯ୍ୟହାନୀ। ମାଲିମୋକଦ୍ଦମାରେ ସୁଫଳ। ଭ୍ରମଣ ଯୋଗ ରହିଛି। ଆୟରେ ଉନ୍ନତି ହେବ।



**ସିଂହ:** ଶାରୀରିକ ଅସୁସ୍ଥତା ଅନୁଭବ କରିବେ। କର୍ମହାନୀ ଯୋଗ ତଥାପି ଫଳ ଲାଭର ଆଶା। ପରିଶ୍ରମ ବଢ଼ିବ। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ। ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ।



**କନ୍ୟା:** କର୍ମକ୍ଷେତ୍ରରେ ସଫଳତାର ପରିମାଣ ଅଧିକ ହେବ। ବନ୍ଧୁ ମିଳନ ସହିତ ସାହାଯ୍ୟ ଓ ସହଯୋଗ ମଧ୍ୟ ମିଳିବ। ଆୟ ଓ ବ୍ୟୟର ପରିମାଣ ସ୍ଥିର ରହିବ। ଘରେ ଦ୍ୱନ୍ଦ୍ୱ ହେବାର ସୂଚନା ମଧ୍ୟ ରହୁଛି।



**ତୁଳା:** ବାକ୍ ସଂଯମତା ରହିବନାହିଁ। ମନରେ ଅହଂକାର ଆସିବ। କାର୍ଯ୍ୟକ୍ଷେତ୍ରରେ ବିରକ୍ତି ଦେଖାଦେବ। ଆୟର ପରିମାଣ ସ୍ଥିର ରହିବ। ଘରେ ଜଞ୍ଜାଳର ପରିମାଣ ବୃଦ୍ଧି। ମନ ଅସ୍ଥିର ରହିବ।



**ବିଛା:** ଶତ୍ରୁମାନେ ନାଶ ଯିବେ। ସୁସମ୍ବାଦ ଲାଭ ହେବ। ଦୂରକୁ ଯାତ୍ରା ମଧ୍ୟ କରିପାରନ୍ତି। ବନ୍ଧୁ ମିଳନରୁ ଉତ୍ସାହିତ ହେବେ। କର୍ମକ୍ଷେତ୍ରରେ ଉଦାସୀନ ହେବେ। ଗୃହେ ଆନନ୍ଦ ଦେଖାଦେବାର ସୂଚନା।



**ଧନୁ:** କର୍ମକ୍ଷେତ୍ରରେ ଅଗ୍ରଗତି ଦ୍ରୁତ ଗତିରେ ହେବ। ରୋଜଗାରରେ ଉନ୍ନତି କଥାବାର୍ତ୍ତାରେ ସଂଯମ ରକ୍ଷା ନକଲେ ବିବାଦଗ୍ରସ୍ତ ହେବେ। ମାଲିମୋକଦ୍ଦମାରେ ସ୍ଥିତି ଆଶାଜନକ ହେବ। ମନ ଭଲ ରହିବ।



**ମକର:** ଅନେକ କ୍ଷେତ୍ରରେ ସମ୍ମାନିତ ହେବେ। କର୍ମକ୍ଷେତ୍ରରେ ଗୁରୁଦାୟିତ୍ୱ ବହନ କରିବେ। ନିଜର ଅନିଚ୍ଛା ସତ୍ତ୍ୱେ ଦୂରକୁ ଯାତ୍ରା କରିବେ। ଗୃହେ ଜଞ୍ଜାଳ ବଢ଼ିବାର ସୂଚନା। ଆୟ ପୂର୍ବପରି ସ୍ଥିର ରହିବ।



**କୁମ୍ଭ:** କର୍ମକ୍ଷେତ୍ରରେ ଉପର କର୍ମକର୍ତ୍ତାଙ୍କ ସାନ୍ନିଧ୍ୟ ଲାଭ କରିବେ। କର୍ତ୍ତବ୍ୟନିଷ୍ଠ ହେବେ। ସମ୍ମାନିତ ହେବେ। ଅସୁବିଧା ଦୂର ହେବ। ଅପରାହ୍ନେ ବନ୍ଧୁଙ୍କର ଆଗମନର ସୂଚନା। ଆୟ ଓ ବ୍ୟୟ ସମାନ ରହିବ।



**ମୀନ:** ଆଜି ଦିନଟି ଭଲରେ କଟିବ। ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ସମାଜ ସେବାରେ ପ୍ରଶଂସା ମିଳିବ। ପାରିବାରିକ ଝାମେଲାର ସୂଚନା ମିଳୁଛି। ରୋଜଗାର ସ୍ଥିର ରହିବ। ମହିଳାମାନେ ଖୁସୀ ହେବେ।

## ଆଗାମୀ କାଲିର ପଞ୍ଜିକା

ସନ- ୧୪୩୩ ସାଲ, ଶକାବ୍ଦଃ- ୧୯୪୩, ସମ୍ବତ୍- ୨୦୮୧, ହିଜରୀ- ୧୪୪୭, କଳିଯୁଗାବ୍ଦଃ- ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ- ଅ୬୯ଙ୍କ

**ତା୩୧।୧୨।୨୦୨୫, ପୌଷ ଦି୧୬ନ, ବୁଧବାର**

**ସୂର୍ଯ୍ୟୋଦୟ-** ଘ୬।୨୧।୨୦ **ଚନ୍ଦ୍ରୋଦୟ-** ଦିଘ୨।୦୪।୧୨

**ଦ୍ୱାଦଶୀ-** ରାଘ୧।୪୮ ପର୍ଯ୍ୟନ୍ତ । **କୃତିକା ନକ୍ଷତ୍ର-** ରାଘ ୧।୩୦ ପର୍ଯ୍ୟନ୍ତ। **ମେଷ ଚନ୍ଦ୍ର-** ଦିଘ ୯।୨୨ ପର୍ଯ୍ୟନ୍ତ। **ଚନ୍ଦ୍ର ଶୁଦ୍ଧି-** ମିଥୁନ, କର୍କଟ, ସିଂହ, ତୁଳା, ବିଛା, ଧନୁ, କୁମ୍ଭ ଓ ମୀନ ରାଶିର। ଦିଘ ୯।୨୨ ଗତେ ମେଷ, ବୃଷ, କର୍କଟ, ସିଂହ, କନ୍ୟା, ଧନୁ, ମକର ଓ ମୀନ ରାଶିର। **ଘାତ ଚନ୍ଦ୍ର-** ମେଷ ରାଶିର। ଦିଘ ୯।୨୨ ଗତେ ବିଛା ରାଶିର। **ଶ୍ରାଦ୍ଧ ନିର୍ଣ୍ଣୟ-** ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। **ନିଷିଦ୍ଧ ଖାଦ୍ୟ-** ପୋଇ ରାଘ ୧।୪୮ ପରେ ବାଇଗଣ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୨୬ ଗତେ ଘ ୮।୩୪ ମଧ୍ୟେ । ଦିଘ ୧।୪୦ ଗତେ ଘ ୩।୪୫ ମଧ୍ୟେ। **ପର୍ବୋତ୍ସବ-** ଇଂରାଜୀ ବର୍ଷ ଶେଷ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଭାରତ-ଆମେରିକା ସମ୍ପର୍କରେ ଅଶାନ୍ତିର ବର୍ଷ

ବର୍ଷ-୨୦୨୫ ଭାରତ ଓ ଆମେରିକା ସମ୍ପର୍କ ପାଇଁ ଅଶାନ୍ତିପୂର୍ଣ୍ଣ ରହିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତ ବିରୋଧରେ କଡ଼ା ଶୁଳ୍କ ନିଷ୍ପତ୍ତି, ଏଚ୍-୧ବି ଭିସା ଉପରେ କଟକଣା ଏବଂ ପାକିସ୍ତାନ ସହ ଜଡ଼ିତ ଭୂ-ରାଜନୈତିକ ଉତ୍ତେଜନା ଯୋଗୁଁ ଦୁଇ ଦେଶ ମଧ୍ୟରେ ସମ୍ପର୍କ ଗଭୀର ଚାପଗ୍ରସ୍ତ ରହିଛି। ଯଦିଓ ଆମେରିକା ସହ ପ୍ରତିରକ୍ଷା କ୍ଷେତ୍ରରେ ସହଯୋଗ ଓ ଉଚ୍ଚସ୍ତରୀୟ କଥାବାର୍ତ୍ତା କିଛି ଆଶା ଦେଖାଉଛି, ତଥାପି ଏହି ବର୍ଷ ଦୁଇ ଦେଶର ସମ୍ପର୍କକୁ କଠୋର ପରୀକ୍ଷାରେ ପକାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆମେରିକା ଗସ୍ତ ଓ ଟ୍ରମ୍ପଙ୍କ ସହ ବୈଠକରେ ଦ୍ୱିପାକ୍ଷିକ ବାଣିଜ୍ୟକୁ ୨୦୩୦ ସୁଦ୍ଧା ୫୦୦ ବିଲିୟନ ଡଲାରକୁ ବଢ଼ାଇବା ପାଇଁ ବାଣିଜ୍ୟ ଚୁକ୍ତି (ବିଟିଏ) ଆଲୋଚନାର ଘୋଷଣା ହୋଇଥିଲା। କିନ୍ତୁ ଟ୍ରମ୍ପ ଭାରତକୁ 'ଅତ୍ୟଧିକ ଶୁଳ୍କ ଆଦାୟକାରୀ ଦେଶ' ବୋଲି ସମାଲୋଚନା କରି ଏପ୍ରିଲରେ ୨୬ ପ୍ରତିଶତ ଓ ପରେ ଅଗଷ୍ଟରେ ରୁଷ୍ଠାରୁ ତୈଳ କ୍ରୟ ଯୋଗୁଁ ଆଉ ୨୫ ପ୍ରତିଶତ ଅତିରିକ୍ତ ଟାରିଫ୍ ଲଗାଇ ମୋଟ ୫୦ ପ୍ରତିଶତ କରିଦେଇଥିଲେ। ଏହା ଭାରତୀୟ ରପ୍ତାନିକୁ ବଡ଼ କ୍ଷତି ପହଞ୍ଚାଇଛି। ଆମେରିକୀୟ ସାଂସଦ ରାଜା କୃଷ୍ଣମୂର୍ତ୍ତି ଏହାକୁ ଭାରତ ବିରୋଧରେ 'ଅନାବଶ୍ୟକ ଚାପ' ବୋଲି ସମାଲୋଚନା କରିଛନ୍ତି। ଆପ୍ରବାସନ କ୍ଷେତ୍ରରେ ମଧ୍ୟ ଟ୍ରମ୍ପଙ୍କ କଡ଼ା ନୀତି ଭାରତୀୟ ପ୍ରବାସୀଙ୍କୁ ପ୍ରଭାବିତ କରିଛି। ଏଚ୍-୧ବି ଭିସାରେ ନୂଆ ୧୦୦,୦୦୦ ଡଲାର ଫି ଲଗାଇବା ସହ ହଜାର ହଜାର ଭାରତୀୟଙ୍କୁ ଡିପୋର୍ଟ(ନିର୍ବାସନ) କରାଯାଇଛି। ଏହା ଭାରତୀୟ ଆଇଟି ପେସାଦାରଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଛି।

ପାକିସ୍ତାନ ସହ ଜଡ଼ିତ ଘଟଣା ମଧ୍ୟ ଭାରତ-ଆମେରିକା ସମ୍ପର୍କକୁ ଆହୁରି ଜଟିଳ କରିଛି। ଏପ୍ରିଲ ୨୨ରେ ପହଲଗାମରେ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣଙ୍କ ମୃତ୍ୟୁ ପରେ ଭାରତ 'ଅପରେସନ ସିନ୍ଦୂର' ଆରମ୍ଭ କରି ପାକିସ୍ତାନ ଓ ପିଓକେରେ ଆତଙ୍କବାଦୀ ଠିକଣା ଉପରେ ଆକ୍ରମଣ କରିଥିଲା। ମେ ୧୦ରେ ଯୁଦ୍ଧ ବିରତି ହୋଇଥିବା ବେଳେ ଟ୍ରମ୍ପ ନିଜ ଆଡ଼ୁ ଏହି ଘୋଷଣା କରି ତାଙ୍କ ମଧ୍ୟସ୍ଥତାରେ ପରମାଣୁ ଯୁଦ୍ଧ ରୋକାଯାଇଥିବା ଦାବି କରିଥିଲେ। ଏହି ଦାବିକୁ ଭାରତ ଖଣ୍ଡନ କରିବା ସହ 'ଆମ ଲକ୍ଷ୍ୟ ହାସଲ ପରେ ପାକ୍ ଅନୁରୋଧରେ ଯୁଦ୍ଧବିରତି ହୋଇଥିଲା' ବୋଲି ସ୍ପଷ୍ଟ କରିଥିଲା। ତେବେ ଟ୍ରମ୍ପ ଏହା ମାନିବାକୁ ପ୍ରସ୍ତୁତ ନଥିବା ବେଳେ ଭାରତ ମଧ୍ୟ ଟ୍ରମ୍ପଙ୍କ ଏ ବାବଦ ତୁହାକୁ ତୁହା ଦାବିକୁ ପ୍ରତ୍ୟାଖ୍ୟାନ କରିଛି। ଅନ୍ୟପକ୍ଷରେ ଟ୍ରମ୍ପଙ୍କ ପାକିସ୍ତାନ ସେନା ପ୍ରମୁଖଙ୍କ ସହ ବୈଠକ ଓ ପାକିସ୍ତାନକୁ କମ୍ ଶୁଳ୍କ ଲାଗୁ କରିବା ଭାରତରେ ଅସନ୍ତୋଷ ସୃଷ୍ଟି କରିଛି।

ଏଭଳି ତିକ୍ତତା ସତ୍ତ୍ୱେ ଚଳିତ ବର୍ଷ କିଛି ସକାରାତ୍ମକ ଘଟଣା ମଧ୍ୟ ଘଟିଛି। ଅକ୍ଟୋବରରେ ଭାରତ-ଆମେରିକା ୧୦ ବର୍ଷିଆ ପ୍ରତିରକ୍ଷା ସହଯୋଗ ଚୁକ୍ତି ସ୍ୱାକ୍ଷର ହୋଇଛି। ମୋଦି ଓ ଟ୍ରମ୍ପଙ୍କ ମଧ୍ୟରେ ସମ୍ପ୍ରତି କଥାବାର୍ତ୍ତା 'ଅତ୍ୟନ୍ତ ସୌହାର୍ଦ୍ଦ୍ୟପୂର୍ଣ୍ଣ' ରହିଛି ବୋଲି ଉଭୟ ରାଷ୍ଟ୍ର ପକ୍ଷରୁ କୁହାଯାଇଛି। ଟ୍ରମ୍ପ ମୋଦୀଙ୍କୁ 'ମହାନ ବନ୍ଧୁ' ବୋଲି କହି ୨୦୨୬ରେ ଭାରତ ଗସ୍ତର ସଙ୍କେତ ଦେଇଛନ୍ତି। ବିଶେଷଜ୍ଞମାନେ କହୁଛନ୍ତି ଯେ ଏହି ଚାପ ସତ୍ତ୍ୱେ ରଣନୈତିକ ଗୁରୁତ୍ୱ ଯୋଗୁଁ ସମ୍ପର୍କ କାଏମ ରହିବ, କିନ୍ତୁ ବାଣିଜ୍ୟ ଓ ଆପ୍ରବାସନ ସମସ୍ୟା ଦୀର୍ଘକାଳୀନ ପ୍ରଭାବ ଛାଡ଼ିପାରେ। ଭାରତ ନିଜର ସ୍ୱାର୍ଥ ରକ୍ଷା କରି ଏବେ ନୂଆ ବଜାର ଖୋଜୁଛି ଏବଂ ରୁଷ୍ ଓ ଚୀନ୍ ସହ ସମ୍ପର୍କ ମଜବୁତ କରୁଛି।

# ଓଡ଼ିଆ ସାମ୍ରାଜ୍ୟର ନିର୍ମାତା-କପିଳେନ୍ଦ୍ର ଦେବ

ଇଂ. ଭରତ ଚନ୍ଦ୍ର ଦାସ,
ମୋବାଇଲ-
୯୪୩୯୭୩୩୬୫୬
ଦୁର୍ଗାମାଧବ ନଗର, ଲେନ୍-
୧୧-ସି, ପ୍ଲଟ୍ ନଂ.୧୩୯୨/
୧୫୪୪,
ସବ-ପ୍ଲଟ୍ ନଂ.୨୧, ପୋ-
ମହାଲକ୍ଷ୍ମୀ ବିହାର,
ଭୁବନେଶ୍ୱର-୭୫୧୦୨୯
କଳିଙ୍ଗ ବିକାଶ ପରିଷଦ

ଭାରତୀୟ ଧାର୍ମିକ ସଂସ୍କୃତି ଅନୁଯାୟୀ ଗ୍ରହପୂଜା ସମୟରେ ଅଗ୍ରଗଣ୍ୟ ସୂର୍ଯ୍ୟଙ୍କର ଭୂମିରୂପେ ପରିକଳ୍ପିତ ହୋଇଥାଏ-କଳିଙ୍ଗ! ଏଥିପାଇଁ ଧ୍ୟାନମନ୍ତ୍ର ହେଲା-ଓଁ ଭୂର୍ଭୁବଃ ସ୍ୱଃ, କଳିଙ୍ଗ ଦେଶଜାତଂ କାଶ୍ୟପସ୍ୟ ଗୋତ୍ରଂ..... ଇତ୍ୟାଦି। ସୂର୍ଯ୍ୟ କେବଳ ସକଳ ଶକ୍ତିର ଆଧାର ନୁହଁନ୍ତି, ସେ ମଧ୍ୟ ଶକ୍ତି ସାମର୍ଥ୍ୟ ଏବଂ ରୋଗମୁକ୍ତିର ଦେବତା ଅଟନ୍ତି। ପୂର୍ବ ଭାରତରେ ସୁଦୀର୍ଘ ସମୁଦ୍ରକୂଳଯୁକ୍ତ କଳିଙ୍ଗ ବା ଆଜିର ଓଡ଼ିଶାର କୋଣାର୍କ କ୍ଷେତ୍ରରେ (ଯେଉଁଠି ବିଶ୍ୱପ୍ରସିଦ୍ଧ କୋଣାର୍କ ସୂର୍ଯ୍ୟମନ୍ଦିର ନିର୍ମିତ ହୋଇଥିଲା) ସୂର୍ଯ୍ୟାଲୋକର ବିଶେଷ ପ୍ରଭାବ ରହିଛି। ଭାରତବର୍ଷର ପ୍ରାଚୀନ ଐତିହାସିକ ଶାସ୍ତ୍ରଶ୍ରୀମଦ୍ ଭାଗବତ ମହାପୁରାଣ ଅନୁଯାୟୀ ଶ୍ରୀକୃଷ୍ଣଙ୍କ ପୁତ୍ର ଶାମ୍ବ ଏଠାରେ ସୂର୍ଯ୍ୟ ଉପାସନା ଏବଂ ତପସ୍ୟା କରି କୃଷ୍ଠ ରୋଗରୁ ମୁକ୍ତ ହୋଇଥିଲେ। ତଦନୁଯାୟୀ କଳିଙ୍ଗୋତ୍କଳର ଲୋକମାନେ ଶାମ୍ବଦଶମୀ ତିଥିରେ ସୂର୍ଯ୍ୟ ପୂଜା କରିଆସୁଛନ୍ତି। ଏହା ମଧ୍ୟ 'ବଡ଼ାକୁଡ଼ା' ପର୍ବ ବୋଲି ବିଭିନ୍ନ ପିଠାପଣା ସହିତ ସୂର୍ଯ୍ୟଙ୍କୁ ପୂଜା କରାଯାଇଥାଏ। ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ମଧ୍ୟ ଏହି ଦିବସ 'ସୂର୍ଯ୍ୟପୂଜା ଦିବସ' ରୂପେ ପାଳିତ ହୋଇଥାଏ। 'ବଡ଼ାକୁଡ଼ା' ଆଜି ଓଡ଼ିଶାର ଏକ ଗଣପର୍ବ! ଏହି ପବିତ୍ର ଶାମ୍ବଦଶମୀ ତିଥି ଥିଲା-ଖ୍ରୀ ୧୪୦୧ରେ ଜନ୍ମିତ,ସୁବିଶାଳ ଓଡ଼ିଆ ସାମ୍ରାଜ୍ୟର ପ୍ରତିଷ୍ଠାତା, ଓଡ଼ିଆ ରାଜଭାଷାର ଆଦିପ୍ରଣେତା ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ପରମ ଭକ୍ତ ତଥା ମଧ୍ୟଯୁଗୀୟ ଭାରତର ସର୍ବଶ୍ରେଷ୍ଠ ହିନ୍ଦୁ ସମ୍ରାଟ ଗଜପତି କପିଳେନ୍ଦ୍ର ଦେବଙ୍କ ଜନ୍ମ ଦିବସ! ସମ୍ଭବତଃ ସମସାମୟିକ ଓଡ଼ିଶାବାସୀଙ୍କ ଅତିପ୍ରିୟ ଏହି ମହାନ୍ ସମ୍ରାଟଙ୍କ ଜନ୍ମ ଦିବସ ଆନନ୍ଦ ଉଲ୍ଲାସରେ ଘରେ ଘରେ ପିଠାପଣା, ସହିତ ସୂର୍ଯ୍ୟଙ୍କୁ ପୂଜା କରାଯାଇଆସୁଅଛି। ଏହାହିଁ ଓଡ଼ିଶାର "ବଡ଼ାକୁଡ଼ା" ରୂପେ ଏକ ସ୍ୱତନ୍ତ୍ର ପର୍ବର ରୂପ ନେଇଅଛି। କପିଳେନ୍ଦ୍ର ଦେବ କୌଣସି ରାଜପରିବାରରେ ଜନ୍ମିନଥିଲେ ମଧ୍ୟ ସେ ଏକ ଓଡ଼ିଆ ଯୋଦ୍ଧାପରିବାରରେ କଟକ ବାରବାଟୀ ଦୁର୍ଗ ସନ୍ନିକଟ ଏକ ଜନପଦରେ ଜନ୍ମଗ୍ରହଣ କରିଥିଲେ। ଲିଖିତ ଇତିହାସରେ ତାଙ୍କ ପିତାଙ୍କ ନାମ ଜାଗେଶ୍ୱର (ମୂଳନାମ ଅଖିଳ ପାଣ୍ଡବ) ଏବଂ ମାତାଙ୍କ ନାମ ବେଲମା (ମୂଳନାମ ତୁଳସୀ) ଥିଲା। କପିଳେନ୍ଦ୍ର ଦେବଙ୍କ ଅନ୍ୟ ୩ଜଣ ଭ୍ରାତାଙ୍କ ନାମ ଥିଲା- ବଳରାମ, ପର୍ଶୁରାମ ଓ ରାମ।

ସମସାମୟିକ ଗଙ୍ଗରାଜାଙ୍କ ହସ୍ତୀସେନାଧ୍ୟକ୍ଷ ତାଙ୍କ ପିତା ଜାଗେଶ୍ୱର ଏବଂ ଜ୍ୟେଷ୍ଠଭ୍ରାତା ବଳରାମ କୌଣସି ଏକ ଯୁଦ୍ଧରେ ବୀରଗତି ପ୍ରାପ୍ତ ହୋଇଥିଲେ। ବାରବାଟୀ ଦୁର୍ଗର ସୁରକ୍ଷା ମୁଖ୍ୟ ତାଙ୍କର ପିତାମହ-କପିଳେଶ୍ୱରଙ୍କ (ମୂଳନାମ- ସୁବଳ ପାଣ୍ଡବ) ତତ୍ତ୍ୱାବଧାନରେ, ନବ୍ୟ ବାରଣାସୀ ରୂପେ କଟକରେ ଉଭୟ ଶାସ୍ତ୍ର ଏବଂ ଶସ୍ତ୍ରବିଦ୍ୟାରେ ପାରଙ୍ଗମ ହୋଇ ନବଯୁବକ କପିଳେନ୍ଦ୍ର ଦେବ ସମସାମୟିକ ଓଡ଼ିଶାର ଗଙ୍ଗବଂଶୀ ରାଜା ଚତୁର୍ଥ ଭାନୁଦେବଙ୍କ (ଖ୍ରୀ.୧୪୧୪-୧୪୩୫)

ସେନାବାହିନୀରେ ଜଣେ ଘୋଡ଼ାସବାର ଧନୁର୍ଦ୍ଧାରୀ ସୈନିକ ରୂପେ 'ରାଉତ' ଉପାଧିରେ ଯୋଗ ଦେଇଥିଲେ। ନିଜର ଅସାମାନ୍ୟ ସାମରୀକ ପ୍ରତିଭା ଏବଂ ରାଜନୈତିକ ବିଚକ୍ଷଣତା ବଳରେ ସେ ନିଃସନ୍ତାନ ଏବଂ ବୃଦ୍ଧ ୪ର୍ଥ ଭାନୁଦେବଙ୍କ ପୁତ୍ରବତ୍ ସ୍ନେହ ପ୍ରାପ୍ତ ହୋଇ 'ଭ୍ରମରବର' ଉପାଧିରେ ବିଶେଷ କ୍ଷମତାର ଅଧିକାରୀ ହୋଇଥିଲେ। ପୂର୍ବରୁ ଜନସାଧାରଣଙ୍କ ମଧ୍ୟରେ ବର୍ଦ୍ଧିତ ଜନପ୍ରିୟ କପିଳେନ୍ଦ୍ର ସମସ୍ତ ରାଜକର୍ମଚାରୀମାନଙ୍କ ଆଶା ଏବଂ ବିଶ୍ୱାସର ପାତ୍ର ମଧ୍ୟ ହୋଇପାରିଥିଲେ।

ସେହି ସମୟ ଥିଲା-ଓଡ଼ିଶାର ଏକ ଘଡିସନ୍ଧି ସମୟ! ଦକ୍ଷିଣ ଭାରତର ବିଜୟନଗର ବ୍ୟତୀତ ଭାରତର ପ୍ରାୟ ସମସ୍ତ ରାଜ୍ୟମାନ ବିଦେଶୀ ମୁସଲମାନଙ୍କ ଦ୍ୱାରା ଅଧିକୃତ ହୋଇସାରିଥିଲା। ଦିଲ୍ଲୀର ସୁଲତାନଙ୍କ ସହିତ ଓଡ଼ିଶାର ପୂର୍ବରେ ବଙ୍ଗର ମୁସଲମାନ ଶାସକ, ଉତ୍ତରରେ 'ଜଉନପୁର'ର ସାର୍କି ସୁଲତାନ, ଦକ୍ଷିଣ ପଶ୍ଚିମରେ 'ବାହମନୀ' ସାମ୍ରାଜ୍ୟର ସୁଲତାନ (ସେହି ସମୟରେ ଆଜିର ମହାରାଷ୍ଟ୍ର ଏହି ସାମ୍ରାଜ୍ୟ ଅନ୍ତର୍ଗତ ଥିଲା। ୧୬୭୪ ଖ୍ରୀଷ୍ଟାବ୍ଦରେ ହିଁ ଛତ୍ରପତି ଶିବାଜୀ ପ୍ରଥମେ ରାୟଗଡାଠାରେ ଏକ କ୍ଷୁଦ୍ର ସ୍ୱାଧୀନ ମରାଠା ରାଜ୍ୟ ସ୍ଥାପନ କରିଥିଲେ) ଏବଂ 'ମାଳବ'ର ସୁଲତାନ ପ୍ରଭୃତି ଓଡ଼ିଶା ଦଖଲ କରିବାକୁ ସଜବାଜ ହେଉଥିଲେ। ଏହା ସାଙ୍ଗକୁ ବିଜୟନଗରର ସାମନ୍ତ ରାଜ୍ୟ 'ରାଜମହେନ୍ଦ୍ରୀ'ର ରେଡି ରାଜା ବିଜୟନଗର ସହାୟତାରେ ଦକ୍ଷିଣ ସୀମାରୁ ବାରମ୍ବାର ଓଡ଼ିଶା ଆକ୍ରମଣ କରୁଥିଲେ। ଓଡ଼ିଶାର ବୃଦ୍ଧ ଗଙ୍ଗରାଜା ଭାନୁଦେବ ଏସବୁର ମୁକାବିଲା କରିବା ପାଇଁ ଅସମର୍ଥ ହେଉଥିଲେ! ଓଡ଼ିଶାର ଏହି ସଙ୍କଟ ସମୟରେ ନିଜ ମାତୃଭୂମି ପ୍ରତି ଅନୁରକ୍ତ ପଦସ୍ଥ ରାଜକର୍ମଚାରୀଗଣ ଭାନୁଦେବଙ୍କ ଦାକ୍ଷିଣାତ୍ୟରେ ଦୀର୍ଘକାଳ ରହଣି ଏବଂ ରାଜଧାନୀରେ ଅନୁପସ୍ଥିତି ସମୟରେ, ସୁଯୋଗ୍ୟ କପିଳେନ୍ଦ୍ର ଦେବଙ୍କୁ ଓଡ଼ିଶାର ନୂତନ ଗଜପତି ରୂପେ ଲିଙ୍ଗରାଜ ମନ୍ଦିର, ନିକଟସ୍ଥ 'ପାପନାଶିନୀ ପୁଷ୍କରଣୀ' ତଟରେ ଅଭିଷିକ୍ତ କରି ଦେଇଥିଲେ। ଓଡ଼ିଶାର ସେହି ନୂତନ ଭାଗ୍ୟୋଦୟର ଦିବସ ଥିଲା-୨୯ ଜୁନ୍, ୧୪୩୫ ଖ୍ରୀଷ୍ଟାବ୍ଦ। (ଆନନ୍ଦର କଥା ଯେ, ଓଡ଼ିଶା ସରକାର ୨୦୨୫ଠାରୁ ଏହି ଦିବସକୁ ପାଳନ କରିଛନ୍ତି) ଏହା ଥିଲା 'ଆଗଙ୍ଗାଗୋଦାବରୀ ଆସମୁଦ୍ରବିନ୍ଧ୍ୟ' ପରିବ୍ୟାପ୍ତ ସୁବିଶାଳ ମଧ୍ୟଯୁଗୀୟ ଓଡ଼ିଶାର ସାର୍ବଭୌମତ୍ୱ ଏବଂ ସ୍ୱାଧୀନତାର ଆହ୍ୱାନ!

ମହମ୍ମଦ ଘୋରୀଙ୍କ ଦ୍ୱାରା ଭାରତର ଦିଲ୍ଲୀ ଏବଂ ଆଜମିରର ରାଜା ପୃଥ୍ୱୀରାଜ ପରାସ୍ତ ଏବଂ ନିହତ ହେବାପରେ ଖ୍ରୀ.୧୨୦୬ରେ ଦିଲ୍ଲୀ ସିଂହାସନକୁ ଦଖଲ କରିଥିବା କୁତବୁଦ୍ଦିନ୍ ଲାହୋରଠାରୁ ବିହାର-ବଙ୍ଗ ପର୍ଯ୍ୟନ୍ତ ଏବଂ ଦିଲ୍ଲୀଠାରୁ ଗୁଜରାଟ ପର୍ଯ୍ୟନ୍ତ ରାଜ୍ୟମାନେ ଦଖଲ କରିଗଲେ। ଏହାପରେ ଆଲ୍ଲାଉଦ୍ଦିନ ଖିଲଜୀ (ଖ୍ରୀ.୧୨୯୬-୧୩୧୬) ସମଗ୍ର ଦାକ୍ଷିଣାତ୍ୟ ସମେତ ଭାରତର ପ୍ରାୟ ସମସ୍ତ ରାଜ୍ୟମାନଙ୍କୁ ଅଧିକାର କରିଥିଲେ। ମାତ୍ର ଶକ୍ତିଶାଳୀ ବିଶାଳ ଓଡ଼ିଶାକୁ ସ୍ପର୍ଶ କରିବାକୁ ସେ ସାହସ କରିପାରିନଥିଲେ। ବୀର ଓଡ଼ିଆ ମହାଜାତିର ବାହୁବଳରେ ଏବଂ ଓଡ଼ିଶାର ମହାନ୍ ପରାକ୍ରମୀ ନରପତିମାନଙ୍କ ନେତୃତ୍ୱରେ ଓଡ଼ିଶାର ସ୍ୱାଧୀନତା ବିଗତ ୨୩୦ ବର୍ଷଧରି ସଗର୍ବରେ ସୁରକ୍ଷିତ ରହି ଆସିଛି, ବିଦେଶୀ ଆକ୍ରମଣକାରୀ ଯବନମାନଙ୍କୁ ବହୁ ସମ୍ମୁଖ ଯୁଦ୍ଧମାନଙ୍କରେ ପରାସ୍ତ ଏବଂ ପ୍ରତିହତ କରି! ଏବେ ଏହାର ଦାୟିତ୍ୱ କପିଳେନ୍ଦ୍ରଙ୍କ ଉପରେ! ଦାକ୍ଷିଣାତ୍ୟରୁ ପ୍ରତ୍ୟାବର୍ତ୍ତନ କରି ୪ର୍ଥ ଭାନୁଦେବ ପରିବର୍ତ୍ତିତ ଓଡ଼ିଶାର ରାଜନୈତିକ ପରସ୍ଥିତିକୁ ଗ୍ରହଣ କରିନେଇଥିଲେ। ବୃଦ୍ଧ ଏବଂ ନିଃସନ୍ତାନ ଭାନୁଦେବଙ୍କର ପୁତ୍ରବତ୍ ସ୍ନେହପ୍ରାପ୍ତ କପିଳେନ୍ଦ୍ର ଦେବଙ୍କ ପ୍ରତି ତାଙ୍କର,

ଶ୍ରଦ୍ଧା ଏବଂ ଅନୁରକ୍ତି ଥିଲା ମୁଖ୍ୟ କାରଣ। ନୂତନ ଗଜପତି ରୂପେ କପିଳେନ୍ଦ୍ର ତାଙ୍କୁ ସସମ୍ମାନେ ଗୁଡାରୀ କଟକଠାରେ (ଆଜିର ପାରଳାଖେମୁଣ୍ଡିରେ) ଅବସ୍ଥାପିତ କରାଇଥିଲେ। ତାଙ୍କର ଅବଶିଷ୍ଟ ବାର୍ଦ୍ଧକ୍ୟ କ୍ଳିଷ୍ଟଜୀବନ ଶାନ୍ତିରେ କଟାଇବା ପାଇଁ! ରାଜପଦ ପାଇଁ ଆଦୌ ଲାଳାୟିତ ନଥିବା ଏବଂ ମାତୃଭୂମି ପ୍ରତି ଅନୁରକ୍ତ ସମର୍ଥ ଏବଂ ଅଭିଜ୍ଞ କପିଳେନ୍ଦ୍ର ଦେବ ଘୋଷଣା କରିଥିଲେ ଯେ "ଶ୍ରୀଜଗନ୍ନାଥ ହିଁ ଓଡ଼ିଶା ରାଷ୍ଟ୍ରର ପ୍ରକୃତ ସମ୍ରାଟ! ମୁଁ ତାଙ୍କର ରାଉତ ସେବକ ମାତ୍ର!"

ଜାତିଭେଦର ଦୁଷ୍ପ୍ରଭାବକୁ ଦୂରକରି ସେ ଓଡ଼ିଶାର ସମସ୍ତ ପ୍ରାନ୍ତରୁ ଏବଂ ସମସ୍ତ ଜାତିରୁ ଯୁବାବର୍ଗଙ୍କୁ ଓଡ଼ିଶାର ସେନାବାହିନୀରେ ଗ୍ରହଣ କରିଥିଲେ, 'ଆଚଣ୍ଡାଳ ବିପ୍ର ଏକତ୍ର ମହାପ୍ରସାଦ ସେବନ' କରିବାର ନୂତନ ପରମ୍ପରା ପ୍ରଚଳନ କରି! ସମ୍ଭବତଃ ଉତ୍କଳଗୌରବ ମଧୁସୂଦନ ଦାସ ଓଡ଼ିଶାର ମହାନ୍ ଗଜପତି ସମ୍ରାଟ କପିଳେନ୍ଦ୍ର ଦେବଙ୍କୁ ସ୍ମରଣକରି ତାଙ୍କର କବିତା "ଜନନୀର ଉକ୍ତି"ରେ ଲେଖିଛନ୍ତି- "ଏକ ପୁତ୍ର ମୋର ନୀଳାଚଳ ଧାମେ ଉଡାଇଲା ମୋର ଧ୍ୱଜା, ସମସ୍ତ ଭାଇଙ୍କୁ କୋଳେ ବସାଇଲା ଭେଦନାହିଁ ରାଜାପ୍ରଜା ॥" ବିଜ୍ଞ ଏବଂ ଅପରାଜେୟ ଯୋଦ୍ଧା କପିଳେନ୍ଦ୍ର ଦେବ ବୁଝିଥିଲେ ଯେ- ସ୍ୱାଭାବିକ ଭାବେ ସାହସୀ ଏବଂ ବୀର, ଓଡ଼ିଆମାନେ ଭାରତର ତଥା ବିଶ୍ୱର ଏକ ପ୍ରାଚୀନତମ ମହାଜାତି। ସେମାନେ ଚଣ୍ଡାଶୋକର କଳିଙ୍ଗ ଯୁଦ୍ଧକୁ ପ୍ରତିହତ କରିଛନ୍ତି। ସେମାନେ ମଧ୍ୟ କଳିଙ୍ଗମାଟିର ମହାନ୍ ଦିଗବିଜୟୀ ବୀର ଖାରବେଳଙ୍କ ନେତୃତ୍ୱରେ ସମଗ୍ର ଭାରତବର୍ଷରେ ୬ଥର ସମରାଭିଯାନ କରି ବିଦେଶୀ ଶକ୍ତିଶାଳୀ ଗ୍ରୀକ୍ ଏବଂ ଶକ ପ୍ରଭୃତିଙ୍କୁ ବିତାଡିତ କରିବା ସହିତ ଏ ଦେଶର ସ୍ୱାଧୀନତାର ସୁରକ୍ଷା ପୂର୍ବକ ସମସ୍ତ ରାଜାମାନଙ୍କୁ ବଶୀଭୂତ କରି 'ଅଖଣ୍ଡ ଭାରତବର୍ଷର' 'ଏକରାଷ୍ଟ୍ରୀୟତା'ର ପ୍ରତିଷ୍ଠା କରିଛନ୍ତି। ଯୁଗେ ଯୁଗେ ଅପରାଜେୟ କଳିଙ୍ଗର ସାମରୀକ ଶକ୍ତି! ବୀର ଓଡ଼ିଆ ମହାଜାତି!! କପିଳେନ୍ଦ୍ର ଏହା ପ୍ରମାଣ କରିଛନ୍ତି! ଏହା ଭାରତ ଇତିହାସରେ ଖ୍ରୀଷ୍ଟାବ୍ଦ ୧୨୦୬ ଠାରୁ ୧୭୦୭ ପର୍ଯ୍ୟନ୍ତ ସେହି ୫୦୦ ବର୍ଷର ବିଦେଶୀ ଆକ୍ରମଣକାରୀ ମୁସଲମାନମାନଙ୍କ ରାଜତ୍ୱର ଅନ୍ଧକାର ଯୁଗଥିଲା, ଯେଉଁ କାଳଖଣ୍ଡ ମଧ୍ୟରେ ହିଁ ସହସ୍ର ଯୁଦ୍ଧହସ୍ତୀ ନେଇ ଏ ଦେଶର ଭୂମିପୁତ୍ର ହିନ୍ଦୁ ସମ୍ରାଟ କପିଳେନ୍ଦ୍ର ଦେବ ସମସାମୟିକ ମୁସଲମାନ ଶାସକମାନଙ୍କୁ ପରାସ୍ତ, ପ୍ରତିହସ ଏବଂ ଭୀତତ୍ରସ୍ତ କରି ପ୍ରତିଷ୍ଠା କରିଥିଲେ ଭାରତର ସର୍ବ ବୃହତ ହିନ୍ଦୁ ସାମ୍ରାଜ୍ୟ!! ଗଜପତି କପିଳେନ୍ଦ୍ର ଦେବ ସମସାୟିକ ଭାରତରେ ବିଦେଶୀ ମୁସଲମାନଙ୍କ କୁଶାସନର ଭୟଙ୍କର ପରିଣାମ ସମ୍ପର୍କରେ ପୂର୍ଣ୍ଣ ସଚେତନ ଥିଲେ। ଭାରତର ପ୍ରାୟ ଅନ୍ୟ ସମସ୍ତ ରାଜ୍ୟମାନ ସେତେବେଳକୁ ସେମାନଙ୍କ ଦ୍ୱାରା କବଳିତ ହୋଇସାରିଥିଲା। ଯଦିଓ କେବଳ ଦାକ୍ଷିଣାତ୍ୟର 'ବିଜୟନଗର' ଖ୍ରୀ.୧୩୩୬ରେ ସେମାନଙ୍କ କବଳରୁ ନିଜକୁ ମୁକ୍ତ କରିପାରିଥିଲା।(ଖ୍ରୀ. ୧୫୬୫ ପର୍ଯ୍ୟନ୍ତ ଏହା ତିଷ୍ଠି ରହିପାରିଥିଲା)। ଏଣୁ ନିଜ ଜନ୍ମଭୂମି ଓଡ଼ିଶା ରାଷ୍ଟ୍ରର ଏପର୍ଯ୍ୟନ୍ତ ସୁରକ୍ଷିତ ରହି ଆସିଥିବା ସ୍ୱାଧୀନତାର ସୁରକ୍ଷା ଥିଲା ତାଙ୍କର ପ୍ରାଥମିକତା। କାରଣ, ନିଜର ସ୍ୱାଧୀନତା ହରାଇଲେ କୌଣସି ଦେଶ ବା ରାଜ୍ୟର ଅବସ୍ଥା କଣ ହୁଏ ତାହା ଦୂରଦର୍ଶୀ ରାଷ୍ଟ୍ରନୀତିଜ୍ଞ କପିଳେନ୍ଦ୍ର ଦେବ ନିଜ ସ୍ୱଚକ୍ଷୁରେ ଦେଖିପାରୁଥିଲେ। ଏଣୁ, ସେ ସର୍ବ ପ୍ରଥମେ ଓଡ଼ିଶାର ଏକ ବିଶାଳ ଏବଂ ସୁସଂଗଠିତ ଦୁର୍ଦ୍ଧର୍ଷ ସମାରୀକ ଶକ୍ତିର ସଂରଚନାକରି ନିଜର ଜ୍ୟେଷ୍ଠ ବୀରପୁତ୍ର ହମ୍ୱୀରଦେବ, ପୁତୁରା ରଘୁଦେବ ଏବଂ ଗଣଦେବଙ୍କ ସମେତ ଅନେକ ସମର୍ଥ ଏବଂ ବିଶ୍ୱସ୍ତ ସେନାପତିମାନଙ୍କୁ ନିଯୁକ୍ତ କରିଥିଲେ। ନିଜେ ସମ୍ମୁଖ ଯୁଦ୍ଧମାନଙ୍କରେ ଏହାର ପ୍ରତ୍ୟକ୍ଷ ନେତୃତ୍ୱ ନେଇଥିଲେ। କୌଣସି ଯୁଦ୍ଧରେ କଦାପି ହାରିନଥିବା ଅପରାଜେୟ କପିଳେନ୍ଦ୍ର ଦେବ 'ବୀରଶ୍ରୀ ଗଜପତି ଗୌଡେଶ୍ୱର ନବକୋଟି କର୍ଣ୍ଣାଟୋତ୍କଳ କଳବର୍ଗେଶ୍ୱର' ଭଳି ସୁଦୀର୍ଘ ଉପାଧି ଧାରଣ କରିଥିଲେ। ସର୍ବ ପ୍ରଥମେ ବିଦେଶୀ ମୁସଲମାନ ଶାସିତ ବଙ୍ଗ ଜୟକରି ସେ 'ଗୌଡେଶ୍ୱର' ଏବଂ ଏହାପରେ ଦକ୍ଷିଣ ଭାରତରେ ରାଜମେହେନ୍ଦ୍ରୀ, ବିଜୟନଗରରର କୋଣ୍ଡବିଡୁ, ଉଦୟଗିରି, ଚନ୍ଦ୍ରଗିରି ପ୍ରଭୃତି ଜୟକରି ବିଜୟନଗରର ରାଜା ମଲ୍ଲିକାର୍ଜ୍ଜନଙ୍କୁ ବଶୀଭୂତ କରିଥିଲେ। ଦାକ୍ଷିଣାତ୍ୟର ୯ଟି ମୁଖ୍ୟ ଦୁର୍ଗମାନ ଜୟକରି ସେ 'ନବକୋଟି କର୍ଣ୍ଣାଟେଶ୍ୱର' ଉପାଧି ଭୂଷିତ ହୋଇଥିଲେ। ତେଲଙ୍ଗାନାର ଦେବରକୋଣ୍ଡାଠାରେ ସେ ସମସାମୟିକ ଭାରତର ସବୁଠାରୁ ଶକ୍ତିଶାଳୀ ମୁସଲମାନ ସାମ୍ରାଜ୍ୟ-ବାହମନୀର ସେନାଙ୍କୁ ପରାସ୍ତ କରିବା ସହିତ ପରବର୍ତ୍ତି ଆକ୍ରମଣରେ ସେ ବାହମନୀର ରାଜଧାନୀ 'କଳବର୍ଗ'କୁ ଜୟକରି 'କଳବେର୍ଗଶ୍ୱର' ଉପାଧି ମଧ୍ୟ ଧାରଣ କରିଥିଲେ। ଗଜପତି ସମ୍ରାଟ କପିଳେନ୍ଦ୍ର ଦେବଙ୍କ ଏସବୁ ଦିଗ୍‌ବିଜୟମାନଙ୍କର ସୁଦୀର୍ଘ ବର୍ଣ୍ଣନାମାନ, ଆମ ଓଡ଼ିଶାର, ଭାରତର ତଥା ବିଦେଶୀ 'ହରମାନ୍ କୁଲ୍‌କେ' ପ୍ରଭୃତି ଐତିହାସିକମାନଙ୍କ ଲିଖିତ ଇତିହାସମାନଙ୍କ ପୃଷ୍ଠାମଣ୍ଡନ କରୁଅଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା-ସମ୍ରାଟ କପିଳେନ୍ଦ୍ର ଦେବ ସମସାମୟିକ ବିଶାଳ ଓଡ଼ିଶା ରାଷ୍ଟ୍ରରେ ତଥା କାବେରୀ ନଦୀ ପର୍ଯ୍ୟନ୍ତ ବିଜିତ ରାଜ୍ୟମାନଙ୍କରେ ସୁଦକ୍ଷ ଶାସକମାନଙ୍କୁ ନିଯୁକ୍ତି କରି ସୁଦୃଢ଼ ଶାସନର ପ୍ରତିଷ୍ଠା କରିଥିଲେ। ସୁଦୀର୍ଘ ୩୪ବର୍ଷ ଧରି ଯୁଦ୍ଧପରେ ଯୁଦ୍ଧରେ ବ୍ୟାପୃତ ରହିଥିଲେ ମଧ୍ୟ ତାଙ୍କ ସୁସଂଗଠିତ ଏବଂ ସୁଦୃଢ଼ ଶାସନ ବ୍ୟବସ୍ଥାରେ ପ୍ରଜାମାନେ ସୁଖରେ ଥିଲେ। କପିଳେନ୍ଦ୍ର ଦେବ ହିଁ ସର୍ବପ୍ରଥମେ ଓଡ଼ିଆ ଭାଷାକୁ ନିଜର ବିଶାଳ ସାମ୍ରାଜ୍ୟର 'ରାଜଭାଷା' ରୂପେ ପ୍ରଚଳନ କରିଥିଲେ। ତାଙ୍କର ପୃଷ୍ଠପୋଷକତାରେ ସାରଳା ଦାସ ଓଡ଼ିଆ ଭାଷାରେ 'ମହାଭାରତ' ରଚନା କରିଥିଲେ। ଶ୍ରୀଜଗନ୍ନାଥ ମନ୍ଦିର ଚତୁଃପାର୍ଶ୍ୱରେ ଆଜି ଆମେ ଦେଖୁଥିବା 'ମେଘନାଦ ପ୍ରାଚୀର' ନିର୍ମାଣ ସହିତ 'ନରେନ୍ଦ୍ର ପୁଷ୍କରଣୀ' ତାଙ୍କର ହିଁ ଅବଦାନ। କପିଳେନ୍ଦ୍ର ଦେବ ନିଜେ 'ପର୍ଶୁରାମ ବିଜୟ' ନାଟକ ରଚନାକରିବା ସହିତ ଏଥିରେ ଓଡ଼ିଆ ଗୀତିମାନ ସଂଯୋଜନା କରି ମଂଚସ୍ଥ କରାଇ ସମାଜରେ ବୀରରସର ସଂଚାର କରୁଥିଲେ। ଓଡ଼ିଶା ଏବଂ ଦାକ୍ଷିଣାତ୍ୟରେ ଉପଲବ୍ଧ ତାଙ୍କର ୪ଟି ତାମ୍ରଫଳକ ସହିତ ୪୧ଟି ଅଭିଲେଖ ସମ୍ରାଟ କପିଳେନ୍ଦ୍ର ଦେବଙ୍କ ବହୁ ଅନାଲୋଚିତ ତଥ୍ୟମାନଙ୍କୁ ଉପସ୍ଥାପନା କରନ୍ତି!! ପ୍ରକୃତ ଇତିହାସ ଅନୁଯାୟୀ, ଗଜପତି ସମ୍ରାଟ କପିଳେନ୍ଦ୍ର ଦେବ ହିଁ ମଧ୍ୟଯୁଗୀୟ ଭାରତର ସର୍ବଶ୍ରେଷ୍ଠ ଜାତୀୟ ବୀର ଏବଂ ସର୍ବଶ୍ରେଷ୍ଠ ଶାସକ। ଏଣୁ, ଆମର ସର୍ବଭାରତୀୟ ଘଉରଜଞ୍ଜ ଇତିହାସ ପାଠ୍ୟ ପୁସ୍ତକମାନଙ୍କରେ ତାଙ୍କୁ ଯଥାସ୍ଥାନ ପ୍ରଦାନ କରାଯାଇ ଭାରତ ଇତିହାସର ପୁନର୍ଲିଖନ ହେବା ଜରୁରୀ। ଆଜିର ଓଡ଼ିଶାର ପୁନରୁତ୍ଥାନ ପାଇଁ ଓଡ଼ିଶା ସ୍ୱାଭିମାନ ଏବଂ ଓଡ଼ିଆ ଅସ୍ମିତାର ପ୍ରତୀକ ଗଜପତି ସମ୍ରାଟ କପିଳେନ୍ଦ୍ର ଦେବଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନର ମହତ୍ୱ ଏବଂ ଆବଶ୍ୟକତା ନିଶ୍ଚୟ ରହିଅଛି!! ଗଜପତି କପିଳେନ୍ଦ୍ର ପ୍ରତି ଓଡ଼ିଆଙ୍କ ଗର୍ବିତ ପରିଚୟ!! କଟକ ବାରବାଟୀ ଦୁର୍ଗ ଏବଂ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର ଠାରେ ମହାନ ସମ୍ରାଟ କପିଳେନ୍ଦ୍ର ଦେବଙ୍କର ସୁବୃହତ ପ୍ରତିମୂର୍ତ୍ତି ସ୍ଥାପନ ସହିତ ପ୍ରାଥମିକ ଶିକ୍ଷାଠାରୁ ଉଚ୍ଚଶିକ୍ଷା ବ୍ୟବସ୍ଥାର ପାଠ୍ୟକ୍ରମରେ ଓଡ଼ିଶାର ଯୁବ ଛାତ୍ରଗଣ ତାଙ୍କୁ ଜାଣି ଗର୍ବିତ ଏବଂ ଅନୁପ୍ରାଣିତ ହୁଅନ୍ତୁ! ଏହା ଆଜିର ଆହ୍ୱାନ!! ଏଥିପାଇଁ ଓଡ଼ିଆ ଅସ୍ମିତା ଭିତିକ ଆଜିର ଓଡ଼ିଶା ସରକାର ଏକ ଐତିହାସିକ ପଦକ୍ଷେପ ନେବା ଜରୁରୀ!! ଜୟ ଜଗନ୍ନାଥ! ବନ୍ଦେ ଉତ୍କଳ ଜନନୀ!!

ବିଦ୍ର: (ସୂତ୍ର - ଉତ୍କଳ ସମ୍ମିଳନୀ ଦ୍ୱାରା ପ୍ରକାଶିତ ଏବଂ ଡ଼. ରବିନାରାୟଣ ଦାଶଙ୍କ ଦ୍ୱାରା ସଂକଳିତ ମହାର୍ଘ ଐତିହାସିକ ଗ୍ରନ୍ଥ- 'ଓଡ଼ିଆ ସାମ୍ରାଜ୍ୟ ପ୍ରତିଷ୍ଠାତା ଗଜପତି କପିଳେନ୍ଦ୍ର ଦେବ ଏବଂ ଅନ୍ୟାନ୍ୟ ସୂତ୍ରମାନ।

# ସମାଜକୁ ଶିକ୍ଷକଙ୍କ ଅବଦାନ



ଶ୍ରୀବତ୍ସ ନାୟକ, ଅଧ୍ୟାପକ,
ବାଣିଜ୍ୟ ବିଭାଗ,
ବ୍ରାହ୍ମଣଝରିଲୋ
ମହାବିଦ୍ୟାଳୟ, କଟକ

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ବ୍ରିଟେନ୍‌ର ପ୍ରଧାନମନ୍ତ୍ରୀ ଓ୍ୱିନଷ୍ଟନ୍ ଚର୍ଚ୍ଚିଲଙ୍କ ନେତୃତ୍ୱକୁ ପ୍ରସଂଶା କରି ବ୍ରିଟେନର ନାଗରିକମାନେ ତାଙ୍କୁ ସମ୍ବୋଧିତ କରିବା ପାଇଁ ଯିବା ସମୟରେ, ଚର୍ଚ୍ଚିଲ ଏହାକୁ ଖଣ୍ଡନ କରି ସମାବେଶକୁ ଯେପରି ଉଦବୋଧନ ଦେଇଥିଲେ ତାହା ଥିଲା ଅତ୍ୟନ୍ତ ହୃଦୟସ୍ପର୍ଶୀ। 'ମତେ ସମ୍ମାନିତ କରନାହିଁ ବରଂ ଶିକ୍ଷକମାନଙ୍କୁ ସମ୍ମାନିତ କର ଯେଉଁମାନେ ମତେ ଶୃଙ୍ଖଳିତ କରି ଗଢ଼ିଛନ୍ତି, ଯେଉଁମାନେ ମତେ ଏହି କଷ୍ଟକର ସମୟରେ ଧୈର୍ଯ୍ୟର ସହ ପରିସ୍ଥିତିକୁ ମୁକାବିଲା କରିବାପାଇଁ ଅଦମ୍ୟ ସାହସ, ଶକ୍ତି, ଶୃଙ୍ଖଳା ଜ୍ଞାନ ଦେଇଛନ୍ତି', ଶିକ୍ଷକମାନଙ୍କ ଉଦ୍ଦେଶ୍ୟରେ ଏହିଭଳି ଏକ ମନ୍ତବ୍ୟ ଦେଇ ସମଗ୍ର ବ୍ରିଟେନ୍ ବାସୀଙ୍କୁ ଶିକ୍ଷକଙ୍କ ଆଗରେ ନତମସ୍ତକ କରିଦେଇଥିଲେ ଚର୍ଚ୍ଚିଲ। ଶିକ୍ଷକଙ୍କ ମହତ୍ତ୍ୱ ପ୍ରତି ଚର୍ଚ୍ଚିଲଙ୍କ ଦୃଷ୍ଟିଭଙ୍ଗୀ ଥିଲା ସ୍ୱତନ୍ତ୍ର। ତାଙ୍କର ମତରେ: "The influence of a great teacher can never be erased"। ଅର୍ଥାତ୍ ଏକ ମହାନ ଶିକ୍ଷକଙ୍କ ପ୍ରଭାବ କେବେ ବ୍ୟର୍ଥ ଯାଏ ନାହିଁ। ସେ ନିଜ ଜୀବନରେ ଶିକ୍ଷକଙ୍କ ଭୂମିକାକୁ ସ୍ୱୀକାର କରିଥିଲେ। ତାଙ୍କୁ ଜ୍ଞାନଦାତା ନୁହଁ ବରଂ ଜୀବନଦାତା ରୂପେ ବିବେଚନା କରୁଥିଲେ। ସେ ମନେ କରୁଥିଲେ ଏକ ଦେଶ ଗଢ଼ିବା ପାଇଁ ଶକ୍ତିଶାଳୀ ସେନା ମାତ୍ର ପର୍ଯ୍ୟାପ୍ତ ନୁହେଁ; ଆବଶ୍ୟକ ହେଉଛି ଶକ୍ତିଶାଳୀ ଶିକ୍ଷକ। ଶିକ୍ଷକଙ୍କୁ ଜନତାଙ୍କ ନିର୍ମାତା ଭାବରେ ଭାବିଥିଲେ ଚର୍ଚ୍ଚିଲ ଏବଂ କହିଥିଲେ— "The future of the nation lies in the hands of teachers more than in the hands of politicians." ଅର୍ଥ — ଦେଶର ଭବିଷ୍ୟତ ରାଜନୀତିବିଦଙ୍କ ଠାରୁ ବହୁତ ଅଧିକ ଶିକ୍ଷକଙ୍କ ହାତରେ ଥାଏ।

ଏହା ଶିକ୍ଷକଙ୍କ ସମାଜ ନିର୍ମାଣରେ ଭୂମିକାକୁ ଯଥୋଚିତ ଗୁରୁତ୍ୱ ଦେଉଛି। ତାଙ୍କ ମତରେ "Give teachers honour, you will get a great nation." ବାସ୍ତବିକ୍ ଆଜି ସାରା ବିଶ୍ୱ ଯେଉଁ ଶକ୍ତିଶାଳୀ ବ୍ରିଟେନ ଦେଖୁଛି ତାହାର ମୂଳଦୁଆ ପଛରେ ଶିକ୍ଷକଙ୍କର ଅବଦାନ ଅବର୍ଣ୍ଣନୀୟ।

ହଁ ଆଜ୍ଞା ଖାଲି ବ୍ରିଟେନ୍ କାହିଁକି ଏକ ସୁସ୍ଥ ସମାଜ,ଉନ୍ନତ ରାଷ୍ଟ୍ର ଓ ସର୍ବୋପରି ପରିକଳ୍ପିତ ବିଶ୍ୱର ନିର୍ମାଣରେ ଶିକ୍ଷକଙ୍କ ମହାନୀୟତା ସର୍ବଜନବିଦିତ। ଶିକ୍ଷକ କେବଳ ଜଣେ ବ୍ୟକ୍ତି ନୁହଁନ୍ତି କିମ୍ବା ଶିକ୍ଷାଦାନ କରୁଥିବାରୁ ସେ ଶିକ୍ଷକ ପଦବାଚ୍ୟ ନୁହଁନ୍ତି। ସେ ଆଦର୍ଶର ଆଭୂଷଣରେ ବିଭୂଷିତ ଦେବତ୍ୱର ଦିବ୍ୟତ୍ୱ। ରକ୍ତ, ମାଂସ ଓ ଚର୍ମଯୁକ୍ତ ଶରୀରରେ ବ୍ୟକ୍ତ ହୋଇଥିବା ଏକ ଅବ୍ୟକ୍ତ ଅସ୍ତିତ୍ୱ। ଶରୀର ଧର୍ମ ନିର୍ବାହ କରି ଆତ୍ମ ଧର୍ମରେ ପ୍ରତିଷ୍ଠିତ ହୋଇ ସୁସ୍ଥ ସମାଜର ଜଣେ ବିଧାଣୀ। ତାଙ୍କର ଶକ୍ତି ଅନନ୍ତ ଓ ଅବ୍ୟକ୍ତ। ସ୍ଥୁଳ ରୂପରେ ରହି ସୁକ୍ଷ୍ମ ରୂପରେ ପରିବ୍ୟାପ୍ତ। ଅଗଣିତ ଛାତ୍ର-ଛାତ୍ରୀ,ସାଧକ- ସାଧିକା,ଜିଜ୍ଞାସୁ-ମୁମୁକ୍ଷୁ ମାନଙ୍କର ବାଞ୍ଛା କଳ୍ପତରୁ। ସେ ହେଉଛନ୍ତି ନିର୍ବାଣର ଆଲୋକବର୍ତ୍ତିକା, ଭ୍ରାନ୍ତ ମଣିଷର ଇପ୍ସିତ ଲକ୍ଷ୍ୟପଥର କର୍ଣ୍ଣଧାର। ଯଦିଓ ଶିକ୍ଷକମାନଙ୍କୁ ଆମେ ହସ୍ତ ଓ ପଦଯୁକ୍ତ ଅବୟବରେ ଚର୍ମ ଚକ୍ଷୁରେ ଦେଖୁ, ତଥାପି ଆମେ ମନେ ରଖିବା ଉଚିତ, ଶିକ୍ଷକମାନେ ହେଉଛନ୍ତି ନାରାୟଣଙ୍କ ନର ଅବତାର। ଆମ ପରମ୍ପରାରେ ଶିକ୍ଷକ ମାନଙ୍କୁ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ଓ ପରମବ୍ରହ୍ମ ବୋଲି ବିବେଚନା କରାଯାଏ। ଉଭୟ ପରା ଓ ଅପରା ବିଦ୍ୟା ହାସଲ ନିମନ୍ତେ ଗୁରୁ ବା ଶିକ୍ଷକ ହିଁ ମାଧ୍ୟମ। ଗୁରୁଙ୍କ ବନ୍ଦନାରେ ଆମ ଶାସ୍ତ୍ର ପୁରାଣ ସହସ୍ର ମୁଖ। ଗୁରୁ ଶିଷ୍ୟ ପରମ୍ପରାର ଆମ ସଂସ୍କୃତିର ଏକ ବିଭବ: ଯେଉଁଥିପାଇଁ ଭାରତୀୟ ଜ୍ଞାନ କ୍ଷେତ୍ର ଆଲୋକିତ ହୋଇଥିଲା ଏବଂ ସେ ଆଲୋକ ଏବେ ବି ସାରା ପୃଥିବୀକୁ ବାଟ ଦେଖାଉଛି। ଭାରତର ପ୍ରାଚୀନ ଗୁରୁକୁଳ ଶିକ୍ଷା ପଦ୍ଧତି ଠାରୁ ଆରମ୍ଭ କରି ଏକବିଂଶ ଶତାବ୍ଦୀର ଯାନ୍ତ୍ରୀକ ଓ ଡିଜିଟାଲ ଶିକ୍ଷା ପଦ୍ଧତିରେ ଶିକ୍ଷକଙ୍କର ଭୂମିକା ପ୍ରଶଂସନୀୟ। ଶିକ୍ଷା ବ୍ୟବସ୍ଥାରେ ସର୍ବଦା ଛାତ୍ରଛାତ୍ରୀମାନଙ୍କୁ ନୈତିକ ଶିକ୍ଷା, ଶୃଙ୍ଖଳା ଜ୍ଞାନ, ଚରିତ୍ର ଗଠନ ଏବଂ ଯୁଗୋପଯୋଗୀ ଶିକ୍ଷାଦାନ କରିବାର ଦାୟିତ୍ୱ ସମଗ୍ର ଶିକ୍ଷକ ସମାଜ ନେଇଥାଏ। ଶିକ୍ଷକଙ୍କ ପ୍ରଚେଷ୍ଟାରେ ଛାତ୍ର ଛାତ୍ରୀମାନଙ୍କର ଜଡ଼ତ୍ୱ ଅପସରି ଯାଇ ଜ୍ଞାନର ଆଭା ଫୁଟି ଉଠେ। ଶିକ୍ଷକମାନେ ଛାତ୍ରମାନଙ୍କୁ ନିଜ ଅଧିକାର, କର୍ତ୍ତବ୍ୟ ଏବଂ ନାଗରିକତା ବିଷୟରେ ସଚେତନ କରନ୍ତି। ନୀତି, ନୈତିକତା, ଶିଷ୍ଟାଚାର, ସତ୍ୟବାଦିତା ଓ କରୁଣା ଭଳି ମୂଲ୍ୟଗୁଡ଼ିକ ପ୍ରତି ସମ୍ମାନ ଗଢ଼ି ତୋଳନ୍ତି, ଯାହା ସୁସ୍ଥ ସମାଜର ମୂଳଭିତ୍ତି। ବିଜ୍ଞାନସମ୍ମତ ଚିନ୍ତାଧାରା, ସହିଷ୍ଣୁତା ଓ ସାମ୍ପ୍ରଦାୟିକ ସମରସତା ପ୍ରତି ଛାତ୍ରମାନଙ୍କ ମନରେ ଭୀତି ସୃଷ୍ଟି କରିଥାନ୍ତି। ଯାହା ସମାଜରେ ଦ୍ୱେଷ, ଅନୁଶ୍ରୁତି, ଅନ୍ଧବିଶ୍ୱାସ ଓ ବିଭେଦକୁ ଦୂର କରିବାରେ ସହାୟକ ହୋଇଥାଏ। ଏତଦବ୍ୟତୀତ ଶିକ୍ଷକ ଦେଶର ଅର୍ଥନୈତିକ ଓ ବୈଜ୍ଞାନିକ ଉନ୍ନତି ପାଇଁ ଆବଶ୍ୟକୀୟ ଦକ୍ଷ ଓ ସୃଜନଶୀଳମାନବ ସମ୍ପଦ ସୃଷ୍ଟି କରନ୍ତି। ଏକ ସଶକ୍ତ ଓ ସ୍ୱାଧୀନ ଦେଶ ନିର୍ମାଣ ପାଇଁ ଏହି ଅବଦାନ ଅମୂଲ୍ୟ। ଶିକ୍ଷକର ମାର୍ଗଦର୍ଶନରେ ହିଁ ଦେଶ ଓ ଜାତିର କଲ୍ୟାଣ ସାଧିତ ହୋଇଥାଏ। ଯେଉଁ ସମାଜରେ ଶିକ୍ଷକଙ୍କୁ ସମ୍ମାନ ଦିଆଯାଏ, ସେହି ସମାଜ ଅଗ୍ରଗାମୀ, ନ୍ୟାୟଭିତ୍ତିକ ଓ ସୁସ୍ଥ ହୁଏ। ସେହିପରି, ସୁସ୍ଥ ସମାଜ ଗଠନରେ ଶିକ୍ଷକଙ୍କ ଭୂମିକା ଅନନ୍ୟ, ଅପରିହାର୍ଯ୍ୟ ଏବଂ ସଦା ସମ୍ମାନର ଯୋଗ୍ୟ।

ଶିକ୍ଷକ କେବଳ ପଢ଼ାନ୍ତି ତା ନୁହେଁ, ସମାଜର ଭବିଷ୍ୟତ ନିର୍ମାତାଙ୍କୁ ଗଢ଼ି ତୋଳନ୍ତି। ସେମାନେ ନାଗରିକଙ୍କ ମନରେ ଜ୍ଞାନର ପ୍ରଦୀପ ଜ୍ୱଳନ କରି ଅନ୍ଧକାରକୁ ଦୂର କରନ୍ତି ଏବଂ ଜୀବନ ଗଢ଼ିବାର ନୂତନ ଦିଗ ଦେଖାନ୍ତି। ଶିକ୍ଷକ ହେଉଛନ୍ତି ଛାତ୍ର ଜୀବନର ନିର୍ମାତା। ଛାତ୍ର ଜୀବନ ହେଉଛି ଚରିତ୍ର, ବ୍ୟକ୍ତିତ୍ୱ ଓ ଭବିଷ୍ୟତ୍ ଗଢ଼ିବାର ସମୟ; ଏହି ଅବସ୍ଥାରେ ଶିକ୍ଷକଙ୍କ ପ୍ରଭାବ ଜୀବନଭରି ରହିଯାଏ। ଶିକ୍ଷକ ପ୍ରଥମେ ଜ୍ଞାନ ଦାନ କରନ୍ତି। ପାଠପ୍ରଦାନ ମାଧ୍ୟମରେ ସେମାନେ ଛାତ୍ର ଛାତ୍ରୀଙ୍କ ତର୍କବୋଧ, ଯୁକ୍ତି, ବୁଦ୍ଧିମତା ଓ ବିଚାରଶକ୍ତିକୁ ଗଢ଼ି ପ୍ରଶସ୍ତ କରନ୍ତି। ଏହି ଜ୍ଞାନ ଛାତ୍ରଙ୍କୁ କେବଳ ପରୀକ୍ଷା ନୁହେଁ, ଜୀବନର ପ୍ରତ୍ୟେକ କ୍ଷେତ୍ରରେ ସଫଳ କରେ। ଏକ ଉତ୍ତମ ଶିକ୍ଷକ ଶିଷ୍ଟାଚାର ଓ ନୀତିମୂଲ୍ୟ ଶିଖାଇଥାନ୍ତି। ସମୟନିଷ୍ଠା, ସତ୍ୟତା, ସମ୍ମାନ, ଦାୟିତ୍ୱବୋଧ ଓ ନୈତିକତା ଭଳି ଗୁଣଗୁଡ଼ିକ ଅନେକ ସମୟରେ ଘରେ ନୁହେଁ, ବରଂ ଶିକ୍ଷକଙ୍କ ପାଖରୁ ଶିଖାଯାଏ। ଏହି ଗୁଣଗୁଡ଼ିକ ଛାତ୍ରଙ୍କୁ ଭଲ ମଣିଷ ଭାବେ ଗଢ଼େ। ଶିକ୍ଷକ ଛାତ୍ରଙ୍କ ଭିତରେ ଥିବା ପ୍ରତିଭା ଓ କ୍ଷମତାକୁ ଚିହ୍ନଟ କରି ସେମାନଙ୍କୁ ଉଚିତ୍ ଦିଗରେ ଚାଲିବାକୁ ପ୍ରେରିତ କରନ୍ତି। କେବେ କେବେ ଛାତ୍ର ନିଜ କ୍ଷମତା ବା ପ୍ରତିଭା ସମ୍ପର୍କରେ ଅବଗତ ନଥାଏ; ସେତେବେଳେ ଏକ ସୁ-ଶିକ୍ଷକ ତାହାକୁ ଚିହ୍ନଟ କରି ତାହାର ଉନ୍ନତି ପାଇଁ ମାର୍ଗ ଦେଇଥାନ୍ତି। ଶିକ୍ଷକ, ମାନସିକ ଓ ଭାବନାତ୍ମକ ଶିକ୍ଷା ଛାତ୍ରଛାତ୍ରୀମାନଙ୍କ ମନରେ ଦୃଢ଼ ଆତ୍ମବିଶ୍ୱାସ ସୃଷ୍ଟି କରିଥାଏ। ଯେବେ ଛାତ୍ରଛାତ୍ରୀ ମାନେ ବିଭିନ୍ନ ସମସ୍ୟା, ଭୟ, ବିଫଳତା ବା ଦ୍ୱନ୍ଦ୍ୱରେ ପଡିଥାନ୍ତି ସେ ସମୟରେ, ଶିକ୍ଷକ ପିଲାମାନଙ୍କର ଆତ୍ମବଳ ବଢ଼ାଇ ତାଙ୍କୁ ଆଗକୁ ବଢ଼ିବାକୁ ପ୍ରେରଣା ଦିଅନ୍ତି। ଏହି ଭୂମିକା ସେମାନଙ୍କୁ ଦ୍ୱିତୀୟ ଅଭିଭାବକ ଭାବରେ ପ୍ରତିଷ୍ଠିତ କରେ ଯାଥାର୍ଥରେ ଏହା କୁହାଯାଇପାରେ ଯେ ଛାତ୍ର ଜୀବନରେ ଶିକ୍ଷକଙ୍କ ଭୂମିକା ଅପରିହାର୍ଯ୍ୟ ଓ ଅପରିମିତ। ସେମାନେ ଭଲ ଛାତ୍ରକୁ ଭଲ ନାଗରିକ ଏବଂ ଶେଷରେ ଏକ ସଫଳ ମଣିଷରେ ପରିଣତ କରନ୍ତି। ଦେଶ ପ୍ରତି ଶିକ୍ଷକଙ୍କ ଉତ୍ତରଦାୟିତ୍ୱ କେବଳ ଶ୍ରେଣୀ କୋଠରୀର ଚାରିକାନ୍ଥ ମଧ୍ୟରେ ସୀମିତ ରହିନାହିଁ। ବରଂ ଦେଶର ଆବଶ୍ୟକ ମୁତାବକ ଶିକ୍ଷକଟିଏ ବିଭିନ୍ନ ପରିସ୍ଥିତିରେ ଭିନ୍ନଭିନ୍ନ ରୂପରେ ନିଜକୁ ଅବତୀର୍ଣ୍ଣ କରିପାରେ। ସାମାଜିକ, ଆଧ୍ୟତ୍ମିକ ଓ ଜ୍ଞାନର କ୍ରାନ୍ତି ଶିକ୍ଷକମାନେ ଭୀଷ୍ମ ଓ ଦ୍ରୋଣଙ୍କ ଭଳି ଶିଷ୍ୟ ସୃଷ୍ଟି କରିପାରନ୍ତି, ସେ ଅର୍ଜୁନ ତିଆରି କରିପାରନ୍ତି ଦ୍ରୋଣାଚାର୍ଯ୍ୟ ହୋଇ, ସିଏ ବିବେକାନନ୍ଦ ତିଆରି କରିପାରନ୍ତି ରାମକୃଷ୍ଣ ହୋଇ, ଚନ୍ଦ୍ରଗୁପ୍ତ ତିଆରି କରିପାରନ୍ତି ଚାଣକ୍ୟ ହୋଇ, ସେହି ପ୍ରାଚୀନଗୁରୁ ଯେଉଁ ମାନେ ସୃଷ୍ଟି କରିପାରନ୍ତି ଚରକ, ଉପମନ୍ୟୁ ଇତ୍ୟାଦିଙ୍କୁ। ସତ୍ୟ ପ୍ରତି ସମର୍ପଣର ଦୃଷ୍ଟାନ୍ତ ସ୍ୱରୂପ ପ୍ରହଲ୍ଲାଦଙ୍କୁ ସୃଷ୍ଟି କରିପାରନ୍ତି ନାରଦ ମୁନୀ ହୋଇ, ଶିଷ୍ଟାଚାରର ସାରଥୀ ସୁଦାମାଙ୍କୁ ସୃଷ୍ଟି କରିପାରନ୍ତି ଗୁରୁ ସନ୍ଦୀପନ ହୋଇ, ଜ୍ଞାନ ପ୍ରାପ୍ତି ପାଇଁ ଆଦମ୍ୟ ଅଟଳତାର ସ୍ୱରୂପ ନଚିକେତା ସୃଷ୍ଟି କରିପାରନ୍ତି ଯମରାଜ ହୋଇ, ଅପରିମିତ ଭକ୍ତି ଓ ଶାସନ ଗୃହୀତ ଆଚରଣର ମୂର୍ତ୍ତିମାନ ହନୁମାନଙ୍କ ସୃଷ୍ଟି କରିପାରନ୍ତି ସୂର୍ଯ୍ୟ ଦେବ ହୋଇ, ବିକ୍ରମ ସରଭାଇ ହୋଇପାରନ୍ତି ଅବଦୁଲ କଲାମଙ୍କ ପାଇଁ, ରାମଚନ୍ଦ୍ରଙ୍କ ଭଳି ମର୍ଯ୍ୟାଦା ପୁରୁଷ ସୃଷ୍ଟି କରିପାରନ୍ତି ବଶିଷ୍ଠ ଓ ବିଶ୍ୱାମିତ୍ର ହୋଇ। ଏହି କାରଣରୁ ଶିକ୍ଷକଙ୍କୁ ସମାଜର ଆଲୋକ ସ୍ତମ୍ଭ ବୋଲି କୁହାଯାଏ। ସ୍ୱାମୀ ବିବେକାନନ୍ଦଙ୍କ ଉକ୍ତିରେ:' A father brings a child from heaven to earth and the teacher sends the child from earth to heaven" ସମାଜରେ ଏମିତି କୌଣସି ବିକାଶ ମୂଳକ କାର୍ଯ୍ୟ ନାହିଁ ଯେଉଁଠି ଜଣେ ଶିକ୍ଷକଙ୍କ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ପ୍ରେରଣାକୁ ଅସ୍ୱୀକାର କରାଯାଇପାରିବ। ଡାକ୍ତର୍ ହୁଅନ୍ତୁ କି ଯନ୍ତ୍ରୀ, ଶାସକ ହୁଅନ୍ତୁ କି ପ୍ରଶାସକ, କୃଷକ ହୁଅନ୍ତୁ କି ଲେଖକ, କଳାକାର ହୁଅନ୍ତୁ କି ରାଜନେତା ସମସ୍ତେ ନିଜ ସଫଳତା ପାଇଁ ଶିକ୍ଷକଙ୍କୁ ହିଁ କୃତଜ୍ଞତା ଜଣାଇଥାନ୍ତି। ସେ ମହାମାରୀ ହେଉ କି ଦୁର୍ଭିକ୍ଷ, ସେ ଯୁଦ୍ଧ ହେଉକି ବନ୍ୟା ବାତ୍ୟା, ଆଜି ବି ସାଧାରଣରେ ଶିକ୍ଷକଙ୍କ ପରାମର୍ଶ ଗ୍ରହଣୀୟ ହୋଇଥାଏ। ସମାଜ ପ୍ରତି ଶିକ୍ଷକଙ୍କ ଗୁରୁ ଦାୟିତ୍ୱ ହିଁ ତାଙ୍କୁ ଏ ଭଳି ଆସ୍ଥାଭାଜନ କରିଦେଇଛି। ସାଧାରଣରେ ତାଙ୍କ ପ୍ରତି ରହିଥିବା ସେହି ବିଶ୍ୱାସଟିକୁ ପାଥେୟ କରି ଶିକ୍ଷକ କେବଳ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରିବାକୁ ନିଜ ବ୍ରତ ବୋଲି ବିବେଚନା ନକରି ଦେଶର ହିତ ସାଧନ ପାଇଁ ନିଜ ଜୀବନକୁ ବିପନ୍ନ କରି ସରକାରଙ୍କ ନିର୍ଦ୍ଦେଶକୁ ବିନା ଦ୍ୱିଧାରେ ପାଳନ କରି ଚାଲିଛନ୍ତି। ପରିବର୍ତ୍ତନ ହେଉଛି ସଂସାରର ନିୟମ। ଏହି ପରିବର୍ତ୍ତନଶୀଳ ସଂସାରରେ କୌଣସି ସ୍ଥିରତା ନାହିଁ। ଆସନ୍ତାକାଲିର ଜିନିଷ ଆଜି ପାଇଁ ବର୍ତ୍ତମାନ୍ ସଦୃଶ ଏବଂ ବର୍ତ୍ତମାନର ଜିନିଷ ଆସନ୍ତାକାଲି ପାଇଁ ଅତୀତ। ଏହି ଅନିଶ୍ଚିତତା ଭିତରେ ଏକ ମାତ୍ର ସ୍ଥିରତା ହେଉଛି ଶିକ୍ଷା। ଏକବିଂଶ ଶତାବ୍ଦୀରେ ଆମେ ଆଜି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଚରମ ସୀମାରେ ଉପନିବେଶ କରି କୃତ୍ରିମ ବୁଦ୍ଧିମତ୍ତା, ରୋବଟିକସ୍, ମହାକାଶ ଅନୁସନ୍ଧାନ ଆଦିରେ ମନୋନିବେଶ କରିଛୁ। ପାରମ୍ପରିକତାକୁ ଭୁଲି ନୂତନତ୍ୱକୁ ଆଦରି ନେଉଛୁ। ବିଜ୍ଞାନ ବଳରେ ଆଜିର ଯନ୍ତ୍ର ମଣିଷ ଅନେକ ଅସମ୍ଭବକୁ ସମ୍ଭବ କରିପାରିଛି ସତ ମାତ୍ର କିନ୍ତୁ ତାରି ଭିତରେ ଏକମାତ୍ର ସତ୍ୟ ଓ ସ୍ଥିରତା ହେଉଛି ଶିକ୍ଷାକଙ୍କ ଶିକ୍ଷା। ମେସିନ୍ ଗୁଡିକ ତଥ୍ୟ ଶିକ୍ଷା ଦେଇପାରନ୍ତି କିନ୍ତୁ ଶିକ୍ଷକମାନେ ଯେ ମଣିଷ ମାନଙ୍କୁ ଆକୃତି ଦେଇପାରିବେ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ଆଜି କାଲି ଯାହା ଖୋଜିଲେ ତାହା ଗୁଗୁଲ୍ କିମ୍ବା ଚାଟ ଜିପିଟିରେ ମିଳିଯାଉଛି କିନ୍ତୁ ଆମର ମନେ ରଖିବା ଉଚିତ୍ ତାହା ଗୋଟେ ଗୋଟେ ସର୍ଚ ଇଂଜିନ୍। କିନ୍ତୁ ଜଣେ ଶିକ୍ଷକ ସର୍ଚ୍ଚ ଇଂଜିନ୍ ଠାରୁ ବହୁତ ଭଲ-ଜ୍ଞାନର ବ୍ୟାଖାକାରୀ, ଚରିତ୍ରର ଚିତ୍ରକାରୀ ଓ ମୂଲ୍ୟବୋଧର ମାର୍ଗଦର୍ଶକ ଯାହାର ଭୂମିକାକୁ କୌଣସି ପ୍ରଯୁକ୍ତିବିଦ୍ୟା ବଦଳାଇ ଦେଇପାରିବ ନାହିଁ। ଗୁଗୁଲ୍ କଦାପି ଗୁରୁଙ୍କ ସ୍ଥାନ ନେଇପାରିବ ନାହିଁ। ଗୁଗୁଲ ହୁଏତ ସୂଚନା ଦେଇପାରେ;ଚେତନା କୋଉଠୁ ଦେବ? ତେଣୁ ଯଥାର୍ଥରେ ଏହା କୁହାଯାଇପାରେ ଏକ ଅର୍ଥପୂର୍ଣ୍ଣ ଜୀବନ ପାଇଁ ଗୁରୁ ଏକାନ୍ତ ଆବଶ୍ୟକ। ସୁସ୍ଥ ସମାଜ ଓ ଉନ୍ନତ ରାଷ୍ଟ୍ର ଗଠନ କରିବାରେ ଶିକ୍ଷକଙ୍କ ଅବିସ୍ମରଣୀୟ ଅବଦାନ ଆଗରେ ସମଗ୍ର ମାନବ ସମାଜ ଯୁଗ ଯୁଗକୁ ଋଣୀ ହୋଇରହିବ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୩୦ ଡିସେମ୍ବର ୨୦୨୫ ମଙ୍ଗଳବାର





# ଛାତ୍ରଛାତ୍ରୀମାନେ ହିଁ ବିକଶିତ ଭାରତର ସୂତ୍ରଧର:ମୁଖ୍ୟମନ୍ତ୍ରୀ

**କେନ୍ଦୁଝର, ନ୍ୟୁଜ୍**



ଶିକ୍ଷା ହେଉଛି ମାନବ ସଭ୍ୟତାର ବିକାଶର ପ୍ରଥମ ପାହାଚ। ଏହି ପାହାଚ ଚଢ଼ି ଭାରତ ବିକଶିତ ହେବ ଏବଂ ଆମେ ଆତ୍ମ ନିର୍ଭରଶୀଳ ହୋଇପାରିବା। ତେଣୁ ଛାତ୍ରଛାତ୍ରୀମାନେ ଜୀବନରେ ସବୁବେଳେ ଶିକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ମଇଦାନକେଲ ସ୍ଥିତ ପ୍ରଗତି ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଶିକ୍ଷା ହେଉଛି ମାନବ ସଭ୍ୟତାର ବିକାଶର ପ୍ରଥମ ପାହାଚ। ଆଜି ସମୟ ବଦଳିଛି, ଶିକ୍ଷାଦାନ, ଶିକ୍ଷା ଆହରଣ ପଦ୍ଧତି ମଧ୍ୟ ବଦଳିଛି। ଆଜିର ପିଲାମାନେ ଅତ୍ୟନ୍ତ ବିଚକ୍ଷଣ, ବୁଦ୍ଧିମାନ ଏବଂ ପ୍ରତିଭାବାନ୍। ମୋ କହିବାରେ ଆଦୌ ସଙ୍କୋଚ ନାହିଁ ଯେ ଆମ ସମୟରେ କିମ୍ବା ଆମ ପୂର୍ବ ପିଢ଼ିମାନେ ଯାହା ଦଶମ-ଏକାଦଶ ଶ୍ରେଣୀରେ ପଢୁଥିଲେ ତାହା ଆଜିର ପିଲାମାନେ ସପ୍ତମ ଶ୍ରେଣୀରୁ ପଢିବା ଆରମ୍ଭ କରିଦେଉଛନ୍ତି। ଆଗାମୀ ଦିନରେ ଏହି ଜ୍ଞାନର ପରିସୀମା ଆହୁରି ବୃଦ୍ଧି ହେବ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, ଛାତ୍ରଛାତ୍ରୀମାନେ ହିଁ ବିକଶିତ ଭାରତର ସୂତ୍ରଧର। ବର୍ତ୍ତମାନର ଛାତ୍ରଛାତ୍ରୀ ହେଉଛନ୍ତି ଏକବିଂଶ ଶତାବ୍ଦୀର ଛାତ୍ରଛାତ୍ରୀ। ୫୦ ବର୍ଷ ତଳେ ଛାତ୍ରଛାତ୍ରୀମାନେ ଯେଉଁ ସୁଯୋଗ ବିଷୟରେ ସ୍ୱପ୍ନରେ ସୁଦ୍ଧା ଭାବିନଥିଲେ, ଆଜି ସବୁ ସୁଯୋଗ ପାଉଛନ୍ତି। ତେବେ ଛାତ୍ରଛାତ୍ରୀମାନେ କେବଳ ପାଠରେ ଗୁରୁତ୍ୱ ନୁହେଁ ବରଂ ସବୁଦିଗରୁ ପ୍ରତିଭାବାନ ହେବା ଆବଶ୍ୟକ। କେବଳ ପାଠ କଥା କହୁନାହିଁ। କିଛି ପିଲା ଭଲ ପାଠ ପଢନ୍ତି, ଆଉ କିଛି ପିଲା ଭଲ ଖେଳନ୍ତି। ଅନ୍ୟ କିଛି ପିଲାଙ୍କର ନାଚ, ଗୀତ ଓ ଅନ୍ୟାନ୍ୟ ବିଷୟରେ ରୁଚି ଥାଏ। ସବୁଠୁ ବଡ କଥା ହେଉଛି, ନିଜ ଭିତରେ ଥିବା ପ୍ରତିଭାକୁ ଜାଣିବା, ଚିହ୍ନିବା। ଯଦି ନିଜ ପ୍ରତିଭାକୁ ଜାଣିପାରିବ, ଏବଂ ନିଜ ପ୍ରତିଭା ଅନୁଯାୟୀ ଆଗକୁ ବଢିବାର ପ୍ରୟାସ କରିବ, ତେବେ ତୁମକୁ କେହି ରୋକିପାରିବେନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଆଜିକାଲି ଯୁଗ ହେଉଛି, ପ୍ରଫେସନାଲ୍ ଏକ୍ସେଲେନ୍ସର ଯୁଗ। ଦକ୍ଷତାର ଯୁଗ। ଯେକୌଣସି କ୍ଷେତ୍ରରେ କେହି ପାଦ ଦେଇପାର, କିନ୍ତୁ ଦକ୍ଷ ହେବାକୁ ପଡିବ। ଦକ୍ଷ ହେଲେ ଦେଶ ମଧ୍ୟ ପ୍ରଗତି କରିବ। ଆଜିକାଲିର ଛାତ୍ରଛାତ୍ରୀଙ୍କ ଜ୍ଞାନ ଓ ଦକ୍ଷତାକୁ ଭିତ୍ତିକରି, ଭାରତ ବିଶ୍ୱରେ ଶ୍ରେଷ୍ଠ ହେବ। ଆଜି ଆଧୁନିକ ଯୁଗରେ ଶିକ୍ଷାରେ ବୈପ୍ଳବିକ ପରିବର୍ତ୍ତନ ଆସିଛି। ନୂତନ ଶିକ୍ଷାନୀତି-୨୦୨୦ ଏହାର ଏକ ଜ୍ୱଳନ୍ତ ଉଦାହରଣ। ଯଶସ୍ୱୀ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ଦିଗ୍‌ଦର୍ଶନରେ ଏହି ଶିକ୍ଷା ନୀତି ତୃଣମୂଳ ସ୍ତରରେ କାର୍ଯ୍ୟକାରୀ ହେଉଛି। ଆମ ରାଜ୍ୟରେ ମଧ୍ୟ ସରକାର ଏହାକୁ କାର୍ଯ୍ୟକାରୀ କରିଛନ୍ତି। ଏହି ନୂତନ ଶିକ୍ଷାନୀତି ଫଳରେ ବିଦ୍ୟାର୍ଥୀଙ୍କ ସାମଗ୍ରିକ ବିକାଶ ହେବା ସହ, ସେମାନେ ଜୀବନରେ ଉତ୍ତମ ମଣିଷ ମଧ୍ୟ ହୋଇପାରିବେ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଥିଲେ, ଶିକ୍ଷାର ବିକାଶ ପାଇଁ ଅନେକ ମହତକାଂକ୍ଷୀ ଯୋଜନା ଆରମ୍ଭ କରାଯାଇଛି । ଶିଶୁ ବାଟିକା, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା, ପଞ୍ଚଶାଖା ଶିକ୍ଷା ସେତୁ ଅଭିଯାନ ଆଦି ଯୋଜନା ଜରିଆରେ ସ୍କୁଲ ଶିକ୍ଷାର ସୁଦୃଢୀକରଣ ପାଇଁ ପଦକ୍ଷେପ ନିଆଯାଉଛି। ପିଲାଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାରେ ନିକଟରେ ଆରମ୍ଭ ହୋଇଥିବା ଶିଶୁ ବାଟିକା ଠାରୁ ଆରମ୍ଭ କରି ଦଶମ ଶ୍ରେଣୀ ପିଲାଙ୍କୁ ମଧ ମଧ୍ୟାହ୍ନ ଭୋଜନ ଯୋଗାଇ ଦିଆଯାଉଛି। ଅପରପକ୍ଷରେ ଖାଲିଥିବା ଶିକ୍ଷକ ପଦବୀ ପୂରଣ ସହିତ ନୂତନ ଶିକ୍ଷକ ପଦବୀ ସୃଷ୍ଟି କରାଯାଉଛି, ଯାହା ଶିକ୍ଷାର ମାନ ବୃଦ୍ଧି କରିବାରେ ବିଶେଷ ସାହାଯ୍ୟ କରିବ। ଚଳିତବର୍ଷ ମଧ୍ୟ ଆମେ ଓଡ଼ିଆ ପରମ୍ପରା ଅନୁଯାୟୀ ରାଜ୍ୟବ୍ୟାପୀ ସବୁ ପ୍ରାଥମିକ ବିଦ୍ୟାଳୟରେ ଶିଶୁବାଟିକା ପାଇଁ 'ଖଡି ଛୁଆଁ' କାର୍ଯ୍ୟକ୍ରମ ଆରମ୍ଭ କରିଛୁ । ବର୍ତ୍ତମାନ ଆମର ଡବଲ୍ ଇଞ୍ଜିନ୍ ସରକାର ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ପିଏମ୍‌ଶ୍ରୀ ସ୍କୁଲ ରୂପେ ପ୍ରତ୍ୟେକ ଜିଲ୍ଲାର କିଛି ବିଦ୍ୟାଳୟର ବିକାଶ ପାଇଁ ପଦକ୍ଷେପ ନେଇଛନ୍ତି । ସେହିପରି ଆଦିବାସୀ ପିଲାମାନଙ୍କ ମଧ୍ୟରେ ଡ୍ରପ୍ ଆଉଟ୍ ହାର କମାଇବା ପାଇଁ ଆମ ସରକାର ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା ଆରମ୍ଭ କରିଛନ୍ତି। ଏହିସବୁ ପଦକ୍ଷେପ ଗୁଡିକ ଆଗାମୀ ଦିନରେ ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ଦିଗରେ ନିଶ୍ଚିତ ଭାବରେ ଭଲ ପ୍ରଭାବ ପକାଇବ। ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ ଜରିଆରେ, ଆମର ଛାତ୍ରଛାତ୍ରୀମାନେ ନିଶ୍ଚିତ ଭାବରେ ମୌଳିକ ଜ୍ଞାନ ହାସଲ କରି ଉଚ୍ଚ ଶିକ୍ଷାରେ ସଫଳ ହୋଇପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡାକ୍ତର ଫକୀର ନାଏକ, ଜିଲ୍ଲାପାଳ ବିଶାଳ ସିଂହ, ବିଜେପି ଜିଲ୍ଲା ସଭାପତି ଶୁକଦେବ ମହାନ୍ତ, ବିଜେପିର ଉପସଭାପତି ବିବେକାନନ୍ଦ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ମୁଖ୍ୟ ଚିକିତ୍ସାଳୟରେ ଓପିଡ଼ି ଏକ ଘଣ୍ଟା ବନ୍ଦ ଯୋଗୁ ରୋଗୀ ହନ୍ତସନ୍ତ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**



ସାରା ରାଜ୍ୟରେ ଖାଲିପଡ଼ିଥିବା ଡାକ୍ତର ପଦବୀ ପୂରଣ କରିବା ସହ ଅନ୍ୟାନ୍ୟ ଦାବି ନେଇ ବାରମ୍ବାର ଅନୁରୋଧ କଲେ ମଧ ସରକାର ଏହାକୁ ଅଣଦେଖା କରୁଛନ୍ତି। ଯାହାକି ଡାକ୍ତରମାନଙ୍କୁ ଆନ୍ଦୋଳନ କରିବା ପାଇଁ ବାଧ୍ୟ କରୁଛି। ତଥାପି ରୋଗୀ ସେବାକୁ ଗୁରୁତ୍ୱ ଦେଇ ପ୍ରତୀକାତ୍ମକ ଭାବେ ମାତ୍ର ଏକ ଘଣ୍ଟା ବର୍ହି ବିଭାଗ (ଓପିଡି) ବନ୍ଦ କରାଯାଇଛି। ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଘଣ୍ଟାଏ ପାଇଁ ଓପିଡିରେ ରୋଗୀ ପରାମର୍ଶ ବନ୍ଦ ରହିଥିଲା। ଫଳରେ ରୋଗୀମାନଙ୍କୁ ହନ୍ତସନ୍ତ ହେବାକୁ ପଡିଛି। କେନ୍ଦ୍ର ସରକାରଙ୍କ ଦରମା ଢାଞ୍ଚା ଅନୁଯାୟୀ ଓଡ଼ିଶା ସରକାରଙ୍କ ଅଧୀନରେ ଥିବା ଅନ୍ୟ ଶ୍ରେଣୀ ଅଧିକାରୀଙ୍କ କ୍ଷେତ୍ରରେ ବିନା ସର୍ତ୍ତରେ ଦରମା ଲାଗୁ କରିବା ସହିତ ସମସ୍ତ ଗ୍ରେଡ଼ର ସମାନୁପାତିକ କ୍ୟାଡର, ପୁନଃଗଠନ, ସୁପର ବିଶେଷଜ୍ଞ, ଡିପ୍ଲୋମାଧାରୀ ପ୍ରଶାସକଙ୍କ ବର୍ଦ୍ଧିତ ପ୍ରୋତ୍ସାହନ, ପୋଷ୍ଟ ମର୍ଟମ୍ ଭତ୍ତା, ଦନ୍ତ କ୍ୟାଡର ମାନଙ୍କୁ ଡିଏସିପି, ବିଶେଷଜ୍ଞ ଭତ୍ତା, ସମସ୍ତ ସ୍ୱାସ୍ଥ୍ୟ ସେବା କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟବୀମା ଭଳି ବିଭିନ୍ନ ଦାବି ପୂରଣ ପାଇଁ ଓମ୍ସା ପକ୍ଷରୁ ଏପରି ନିଷ୍ପତି ନିଆଯାଇଛି। ଯାହାକୁ ନେଇ ମୁଖ୍ୟ ଚିକିତ୍ସାଳୟର ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୂର ଦୁରାନ୍ତରୁ ଆସିଥିବା ରୋଗୀ ଅସୁବିଧା ସମ୍ମୁଖୀନ ହୋଇଛନ୍ତି। ଇତି ମଧ୍ୟରେ ସକାଳ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ଓପିଡି ବନ୍ଦ ହେବା ଘଟଣା ରୋଗୀଙ୍କ ପାଇଁ ଅଧିକ ଚିନ୍ତା ବଢ଼ାଇ ଦେଇଛି। ଏ ସମ୍ପର୍କରେ ଚିକିତ୍ସା ଅଧିକାରୀ ଡ଼ଃ ଦୁର୍ଗା ଦତ୍ତ ଦାଶ କହିଛନ୍ତି । ଶୁକ୍ରବାର ଠାରୁ ଓମ୍ସା ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଗୋଟିଏ ଘଣ୍ଟା ପର୍ଯ୍ୟନ୍ତ ବର୍ହି ବିଭାଗ ବନ୍ଦ ରହୁଛି। ଓପିଡ ବନ୍ଦ ସମୟରେ ଜରୁରୀ କାଳୀନ ବିଭାଗରେ ରୋଗୀ ପରାମର୍ଶ କରାଯାଉଛି। ଦିନ ୧୧ଟା ପରେ ସ୍ୱାଭାବିକ ଭାବେ ବର୍ହି ବିଭାଗ ଖୋଲା ରହୁଥିବା ଶ୍ରୀ ପ୍ରଧାନ କହିଛନ୍ତି।



# ଶ୍ରୀକୃଷ୍ଣ-ବଳରାମଙ୍କ ପାଇଁ ଉତ୍ସବମୁଖର ଗୋପପୁର

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ମଥୁରା ନରେଶଙ୍କ ଆଦେଶରେ ଗୋପପୁର ଆସିଥିବା ପୂତନା ସମେତ ଷଡ଼ମଲ୍ଲ କୃଷ୍ଣଙ୍କ ହାତରେ ନିହତ ହୋଇଛନ୍ତି। ଧନୁଯାତ୍ରାର ଚତୁର୍ଥ ସନ୍ଧ୍ୟାରେ ଶ୍ରୀକୃଷ୍ଣ ଓ ରାକ୍ଷସ ରାକ୍ଷସୀଙ୍କ ମଧ୍ୟରେ ହୋଇଥିବା ଯୁଦ୍ଧକୁ ମନଭରି ଉପଭୋଗ କରିଛନ୍ତି ଦର୍ଶକ ଓ ପର୍ଯ୍ୟଟକ। ମାୟାବଳରେ ନିଜ ସ୍ତନରେ ଉତ୍କଟ ବିଷ ଭରି ଶ୍ରୀକୃଷ୍ଣଙ୍କୁ ସ୍ତନ୍ୟପାନ କରାଇ ହତ୍ୟା କରିବାକୁ ଉଦ୍ୟମ କରିଥିଲା ରାକ୍ଷସୀ ପୂତନା। ତେବେ ସ୍ତନପାନ ବେଳେ କ୍ଷୀର ସହ ପୂତନାର ପ୍ରାଣ ଶୋଷି ନେଇଥିଲେ ଶ୍ରୀକୃଷ୍ଣ। ଗୋପାଳ ବାଳକମାନଙ୍କ ସହିତ ନିକଟସ୍ଥ ଜଙ୍ଗଲକୁ ଗୋଚାରଣ କରିବାକୁ ଯାଇଥିବା ବେଳେ ଅନ୍ୟ ରାକ୍ଷସମାନଙ୍କୁ ମାରି କଂସଙ୍କ ଷଡ଼ଯନ୍ତ୍ରକୁ ପଣ୍ଡ କରିଦେଇଥିଲେ ଶ୍ରୀକୃଷ୍ଣ-ବଳରାମ।

# ଶ୍ରେଷ୍ଠ ଆୟକାରୀ ଶାଖା ଭାବେ କେନ୍ଦ୍ରାପଡ଼ା ପାଇଲା ଚାମ୍ପିୟନ ଟ୍ରଫି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**



ସଚ୍ଚୋଟ ଓ ନୀତିନିଷ୍ଠ ସେବା ଏବଂ ଗରିବ ଓ ନିଃସହାୟ ମଣିଷଙ୍କ ପ୍ରତି ସହାନୁଭୂତି ଯେକୌଣସି ସଂଗଠନକୁ ଉଚ୍ଚରୁ ଉଚ୍ଚତର ସୋପାନକୁ ନେଇଯାଇଥାଏ। ଏହି ସମବାୟ ସମିତି ତାର ନୀତି, ନୈତିକତା, ସତ୍ୟ ନିଷ୍ଠତା, ଉତ୍ତମ ଆଚରଣ ଓ କଠିନ ପରିଶ୍ରମ ପାଇଁ ମୁମୂର୍ଷୁ ଅବସ୍ଥାରୁ ଏବେ ଚଳନ୍ତି ଅବସ୍ଥାରେ ପହଞ୍ଚିପାରିଛି ବୋଲି ରବିବାର ଦିନ ଓଲାଶୁଣୀ ମନ୍ଦିର ସଭାକକ୍ଷରେ ଆୟୋଜିତ ଏକବିଂଶ ତମ ବାର୍ଷିକୋତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତଟ ରେଳପଥର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀ ତଥା ବିଶିଷ୍ଟ କବି ଓ ସ୍ତମ୍ଭକାର ନିରାକାର ଦାସ ଯୋଗଦାନ କରି ମତବ୍ୟକ୍ତ କରିଥିଲେ। ସମବାୟ ସମିତିର ସଭାପତି ତଥା ବରିଷ୍ଠ ଗାଳ୍ପିକା ଅବନ୍ତୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସଭାରେ କେନ୍ଦ୍ରାପଡା ଶିକ୍ଷକ ମହାସଂଘର ସମ୍ପାଦିକା ଶୈଳରାଣୀ ସାମଲ ଓ ହାଇଦ୍ରାବାଦର କାନାଡ଼ା ବ୍ୟାଙ୍କର ବରିଷ୍ଠ ଡିଭିଜିନାଲ ମ୍ୟାନେଜର ନୀଳାଦ୍ରୀ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦାନ ଦାନକରି ବ୍ୟାଙ୍କରେ ସାଧାରଣ ଲୋକଙ୍କ ପାଇଁ ଥିବା ସୁବିଧା ସୁଯୋଗ ଉପରେ ଆଲୋକପାତ କରିଥିଲେ। ସମିତିର କେନ୍ଦ୍ରାପଡା ମୁଖ୍ୟ ଶାଖା ପରିଚାଳକ ସଂଘମିତ୍ରା ରାଉତ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଅନ୍ୟତମ ନିର୍ଦ୍ଦେଶିକା ମେନକା ଦଣ୍ଡିଆ ଓ ବନଲତା ସାହୁ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କେନ୍ଦ୍ରାପଡା ଶାଖା ସର୍ବୋଚ୍ଚ ଆୟକାରୀ ଶାଖା ଭାବେ ଚମ୍ପିୟାନ ଟ୍ରଫି ଗ୍ରହଣ କରିଲାବେଳେ ଚାନ୍ଦୋଳ ଶାଖା ସର୍ବୋଚ୍ଚ ଋଣ ଆଦାୟକାରୀ ଶାଖା ଭାବେ ପୁରସ୍କୃତ ହୋଇଥିଲା। ଏହି ଅବସରରେ ଉତ୍ସର୍ଗୀକୃତ କର୍ମଚାରୀ ଦେବେନ୍ଦ୍ର ନାୟକ, ହରେକୃଷ୍ଣ ସାହୁ ଓ ଶୁଭଲକ୍ଷ୍ମୀ ମହାରଣାଙ୍କୁ ପ୍ରଥମ, ହିମାଂଶୁ ନାୟକ, ସୁଶାନ୍ତ ନାୟକ ଓ ବାଦଶାହ ଖାଁଙ୍କୁ ଦ୍ୱିତୀୟ, କଲ୍ୟାଣୀ ବେହେରା, ଦୀପ୍ତିମୟୀ ରାଉତ, ଶୁଭ୍ରାଂଶୁ ଶେଖର ରାଉତରାୟ, ନୃସିଂହ ଚରଣ ପରିଡା, ପ୍ରଶାନ୍ତ କୁମାର ଲେଙ୍କା ଓ ଶୋଭାରାଣୀ ପ୍ରଧାନ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। କଲ୍ୟାଣୀ ବେହେରା, ବନଲତା ସାହୁ ଓ ସତ୍ୟବତୀ ଜେନା ସମିତିର ନିର୍ଦ୍ଦେଶିକାଙ୍କ ସହ ଉପଦେଷ୍ଟା ସମାସେବୀ କୃଷ୍ଣଚନ୍ଦ୍ର ବଳ, ପତିତପାବନ ସାହୁ ଓ ପ୍ରଶାନ୍ତ କୁମାର ସାହୁଙ୍କ ସମ୍ବର୍ଦ୍ଧନା କରାଯାଇଥିଲା।





# ଗନ୍ଧମାର୍ଦ୍ଦନ ପାହାଡ଼ର ସୁରକ୍ଷା ପାଇଁ ଆନ୍ଦୋଳନ ଆହ୍ୱାନ

**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଖପ୍ରାଖୋଲ ହରିଶଙ୍କର ଜଙ୍ଗଲ ବିଭାଗର ବୈଠକ ଗୃହରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଏକ୍ସନ୍ କମିଟିର ଦୁଇ ଦିନିଆ ଯୁବ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା, ରାଜ୍ୟ ତଥା ରାଜ୍ୟ ବାହାରୁ ବିଶିଷ୍ଟ ପରିବେଶବିଦ୍ ଓ ଆନ୍ଦୋଳନକାରୀମାନେ ଆସି ସ୍ଥାନୀୟ ଯୁବକମାନଙ୍କୁ ନିଜ ନିଜର ଅନୁଭୂତି ବିଖାଣିବା ସହିତ କିପରି ପରିବେଶ, ଜଳ ଜଙ୍ଗଲ, ଜମି, ପାଣି ପବନ, ଜୀବିକାକୁ ସୁରକ୍ଷିତ ରଖିପାରିବା ସେ ବିଷୟରେ ବୁଝାଇ କହିଥିଲେ। ଆନ୍ଦୋଳନକାରୀଙ୍କ ମତରେ ପ୍ରସିଦ୍ଧ ଗନ୍ଧମାର୍ଦ୍ଦନ ପାହାଡ଼ ଉପରେ ବିଭିନ୍ନ କମ୍ପାନୀର ଲୋଲୁପ ଦୃଷ୍ଟି ରହିଥିବା ବେଳେ ବର୍ତ୍ତମାନର ସରକାରଙ୍କ କାର୍ଯ୍ୟକଳାପରେ ସନ୍ଦେହ ରହୁଥିବାରୁ ହରିଶଙ୍କର ତଥା ଗନ୍ଧମାର୍ଦ୍ଦନ ପାହାଡକୁ ସୁରକ୍ଷା ଦେବା ପାଇଁ ସରକାର ବିରୋଧରେ ପୁଣି ଏକ ଆନ୍ଦୋଳନ ଜାରି କରିବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ । ଏହା ସହିତ ଗନ୍ଧମାର୍ଦ୍ଦନ ପର୍ବତର ଏକ ସ୍ଥାୟୀ ସୁରକ୍ଷାକୁ ନେଇ ସରକାର ଚିରଦିନ ପାଇଁ ଏକ ଶ୍ୱେତପତ୍ର ପ୍ରକାଶ କରନ୍ତୁ ବୋଲି ଅତିଥିମାନେ ଦାବି କରିଛନ୍ତି ନଚେତ୍ ଆଗମୀ ଦିନରେ ଏହା ଏକ ଭୟଙ୍କର ଆନ୍ଦୋଳନର ରୂପ ନେବ ବୋଲି ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଆଫଲାତୁନ, ଲିଙ୍ଗରାଜ କିସାନ, ଲିଙ୍ଗରାଜ ଆଜାଦ, ପ୍ରଫୁଲ୍ଲ ସାମନ୍ତରାୟ ପ୍ରମୁଖ ବିଶିଷ୍ଟ ପରିବେଶବିଦ ତଥା ଆନ୍ଦୋଳନକାରୀ ଉପସ୍ଥିତ ରହିଥିଲେ। ଏହି ଅବସରରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଏକ୍ସନ୍ କମିଟିର ଟେକେନ୍ଦ୍ର ଜାଲ, ସୁଶୀଲ ନାୟକ, ପଞ୍ଚମ ପ୍ରଧାନ, ରାଜକୁମାର ସେଠ, ରଘୁବୀର ସିଂ ବରିହା, କ୍ଷମା ଭୋଇ, ବିପ୍ର ବିଶି, ଜଳ ତାଣ୍ଡି, ଥବୀର ମେହେର, ଟିକେଶ୍ୱର ଧରୁଆ, ଶଶି କାନ୍ତ ଧରୁଆ ପ୍ରମୁଖ ଉପସ୍ଥିତ ରହିଥିଲେ।

# ମୟୂରଭଞ୍ଜ ଜିଲ୍ଲାରେ ହୋମଗାର୍ଡ ନିଯୁକ୍ତି ପାଇଁ ଲିଖିତ ପରୀକ୍ଷା

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ମୟୂରଭଞ୍ଜ ଜିଲ୍ଲାରେ ହୋମ୍‌ଗାର୍ଡ ନିଯୁକ୍ତି ପାଇଁ ଲିଖିତ ପରୀକ୍ଷା ବାରିପଦା ପୋଲିସ ପ୍ୟାରେଡ ପଡିଆ ଓ ରାଇରଙ୍ଗପୁର ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହୋଇଛି । ସୂଚନା ଅନୁଯାୟୀ, ମୋଟ୍ ୩୦୧ଟି ପଦବୀ ପାଇଁ ଏହି ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି । ୨୪ ହଜାରୁ ଅଧିକ ଆବେଦନକାରୀଙ୍କ ମଧ୍ୟରୁ ୨୩ ହଜାରରୁ ଅଧିକ ପ୍ରାର୍ଥୀ ଲିଖିତ ପରୀକ୍ଷା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ପରୀକ୍ଷା ସକାଳ ୯ଟାରୁ ୧୨ଟା ପର୍ଯ୍ୟନ୍ତ ୨ଟି ସିଟିଂରେ କରାଯାଉଛି। ପ୍ରାର୍ଥୀମାନଙ୍କୁ ସକାଳ ୭ଟାରେ ରିପୋର୍ଟ କରିବାକୁ ନିର୍ଦ୍ଦେଶ ଥିବା ଯୋଗୁ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ଭିଷଣ ଭିଡ ପରିଲକ୍ଷିତ ହୋଇଛି । ବାରିପଦାର ରିଜର୍ଭ ଅଫିସ୍ ଗ୍ରାଉଣ୍ଡ (ବାରିପଦା ସଦର, ବେତନଟି ଓ ଉଦଳା ପାଇଁ) ଏବଂ ରାଇରଙ୍ଗପୁର ଷ୍ଟାଡିୟମ୍ (ରାଇରଙ୍ଗପୁର ଓ କରଞ୍ଜିଆ ସବ୍‌ଡିଭିଜନ୍ ପାଇଁ) ପରୀକ୍ଷା କରାଯାଉଛି। ଲିଖିତ ପରୀକ୍ଷା ପରେ ଶାରୀରିକ ମାନକ ପରୀକ୍ଷା, ପ୍ରାଥମିକ ମେଡିକାଲ, ଟ୍ରେଡ୍ ସ୍କିଲ୍ ଟେଷ୍ଟ୍ ଓ ପର୍ସନାଲ୍ ଇଣ୍ଟରଭ୍ୟୁ ହୋଇଥିଲା। ବାରିପଦା ଠାରେ ମୟୂରଭଞ୍ଜ ଏସ୍.ପି ବରୁଣ ଗୁଣ୍ଟୁପାଲି ଓ ରାଇରଙ୍ଗପୁର ଠାରେ ଏଡ଼ିସନାଲ୍ ଏସ୍.ପି ଦୀପକ କୁମାର ଗୋଚ୍ଛାୟତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିରପେକ୍ଷ ପରୀକ୍ଷା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି ।

# ବ୍ୟବସାୟୀଙ୍କ ପରଲୋକ:କଳିଙ୍ଗ ବଜାର ବନ୍ଦ

**ଚୌଦ୍ୱାର, ନ୍ୟୁଜ୍ ବ୍ୟୁରୋ**

ଚୌଦ୍ୱାର କଳିଙ୍ଗ ବଜାରର ବ୍ୟବସାୟୀ ତଥା ଚୌଦ୍ୱାର ପୌରପାଳିକା ୧୭ନଂ ୱାର୍ଡ ବାସିନ୍ଦା ନିରଞ୍ଜନ ସେଠୀ (୫୮)ଙ୍କ ଶୁକ୍ରବାର ବିଳମ୍ବିତ ରାତିରେ ମୃତ୍ୟୁ ହୋଇଯାଇଛି। ସେ ଦିର୍ଘଦିନ ହେବ ଅସୁସ୍ଥ ହୋଇ ଚିକିତ୍ସାଧିନ ଥିଲେ। ଦିବଂଗତ ନିରଞ୍ଜନ ଜଣେ ମିଷ୍ଟଭାଷୀ, ମେଳାପୀ ଓ ଧର୍ମପରାୟଣ ବ୍ୟକ୍ତି ଭାବେ ଅଞ୍ଚଳରେ ସୁପରିଚିତ ଥିଲେ। ତାଙ୍କର ମରଶରୀରକୁ କଳିଙ୍ଗବଜାର ଅଣାଯାଇ କୈଳାଶ କମ୍ପ୍ଲେକ୍ସ ଠାରେ ବଜାର କମିଟି ତରଫରୁ ନିରବ ପ୍ରର୍ଥନା ଓ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ପୁରୀ ସ୍ୱର୍ଗଦ୍ୱାର ଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁଅ ରାକେଶ ମୁଖାଗ୍ନୀ ଦେଇଥିଲେ। ତାଙ୍କ ସ୍ମୃତିରେ ମଙ୍ଗଳାବାର ଦିନ କଳିଙ୍ଗବଜାର ସମ୍ପୂର୍ଣ୍ଣ ବନ୍ଦ କରାଯିବା ପାଇଁ ନିଷ୍ପତି କରାଯାଇଥିବା ବଜାର କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# 'ଆମେ ବଞ୍ଚିଛୁ' ପକ୍ଷରୁ ବର୍ଷଶେଷ ନାଟକ ଆଲୋଚନା



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ତାଳଚେରର ଅଗ୍ରଣୀ ନାଟ୍ୟ ସଂସ୍ଥା ଆମେ ବଞ୍ଚିଛୁ ଦ୍ୱାରା ଭୁବନେଶ୍ୱରସ୍ଥ କେଦାରନାଥ ଗବେଷଣା ପ୍ରତିଷ୍ଠାନ ଠାରେ ବର୍ଷଶେଷ ନାଟକ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରରୁ ପ୍ରାୟ ପଚାଶ ଜଣ ନାଟ୍ୟକାର ନିର୍ଦ୍ଦେଶକ ସଂଗଠକ ନାଟ୍ୟପ୍ରେମୀ ଯୋଗଦେଇ ନାଟକର ବିଭିନ୍ନ ଦିଗରେ ଆଲୋଚନା କରିଥିଲେ। ଆଜିର ସମୟରେ ଭୁବନେଶ୍ୱରରେ ଅନେକ ନାଟକ ହେଉଥିବାବେଳେ ରାଜ୍ୟର ଅନେକ ସ୍ଥାନରେ ନାଟକ ମୃତ୍ୟୁକୁ ଅପେକ୍ଷା କରିଛି ବୋଲି ମତ ପ୍ରକାଶ ପାଇଥିଲା। ଏଥିସହ ନୂତନ ପିଢ଼ିର ନାଟ୍ୟକାରଙ୍କ ଅଭାବ ନାଟକର ଭବିଷ୍ୟତ ନେଇ ପ୍ରଶ୍ନ ସୃଷ୍ଟି କରୁଛି ବୋଲି କିଛି ନାଟ୍ୟମୋଦି ମତ ରଖିଥିଲେ। ନାଟକର ବୃହତ ଦର୍ଶକ ଗ୍ରାମାଞ୍ଚଳରେ ଥିଲାବେଳେ ମଞ୍ଚନାଟକ କେବଳ ସହରରେ ବଞ୍ଚି ରହିଛି ବୋଲି କଳାକାରମାନେ ଅନୁଭବ କରିଥିଲେ। ଏଥିସହ ଦର୍ଶକର ରୁଚି ଉପରେ ଲେଖା ଯାଉଥିବା ନାଟକ ଦର୍ଶକଙ୍କୁ ନେଇପାରିବ ବୋଲି ଆଲୋଚନା ହେଇଥିଲା। ଏଥିରେ ରଘୁନାଥ ମିଶ୍ର ସଭାପତିତ୍ୱ କରିଥିଲେ ଓ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ଅନୁଷ୍ଠାନର ସମ୍ପାଦକ ମୁକୁନ୍ଦ ଶତପଥୀ ଓ ଏଥିରେ ଲାଲା ବିରେନ ରାୟ, ଧୀର ମାଳିକ, ପ୍ରଦୀପ ବିଶ୍ୱାଳ, ନାଟ୍ୟକାର ସରୋଜ ମିଶ୍ର, ଫକୀର ସିଂହ, ଲଲାଟେନ୍ଦୁ ରଥ, ସତ୍ୟ ଜେନା, ନରେନ୍ଦ୍ର ମିଶ୍ର, ଗବେଷକ ରମେଶ ପାଣି, ଭାଷାବିତ ଦେବାଶିଷ ମହାପାତ୍ର, ଚିତ୍ତରଞ୍ଜନ ଶତପଥୀ, ବଦ୍ରୀ ମହାନ୍ତି, ପଞ୍ଚାନନ ଦାସ, ଡାକ୍ତର ଜୀବନ କୃଷ୍ଣ ମହାନ୍ତି, ମନ୍ମଥ ଶତପଥୀ, ଶତ୍ରୁଘ୍ନ ସାମଲ, ରଞ୍ଜନ ନାୟକ, ପ୍ରସନ୍ନ ମିଶ୍ର, ଶଙ୍କର ବସୁମଲ୍ଲିକ, ବିନାୟକ ମିଶ୍ର, ପ୍ରଶାନ୍ତ ମହାପାତ୍ର, ପ୍ରଶାନ୍ତ କର, ରାମଚନ୍ଦ୍ର ବେହେରା, ଜଗତ ଚନ୍ଦ୍ର ଦାସ, ସମୀକ୍ଷକ ପ୍ରଦୀପ ପଟନାୟକ, ଦେବଦତ୍ତ ପାତ୍ର, ବିକ୍ରମ ଦାସ ପ୍ରମୁଖ ଭାଗ ନେଇଥିଲେ ଓ କେଦାର ନାଥ ଗବେଷଣା ପ୍ରତିଷ୍ଠାନର ଅଲେଖ ନନ୍ଦୀ, ବିନୋଦିନି ସାହୁ, ବାପି ଅରୁଣ ନାୟକ, ସୁଶାନ୍ତ ସ୍ୱାଇଁ ସହଯୋଗ କରିଥିଲେ। ଭଜକୃଷ୍ଣ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ଗୋପାଳପୁରରେ ପର୍ଯ୍ୟଟକଙ୍କ ଭିଡ଼:୩୧ ପର୍ଯ୍ୟନ୍ତ ହୋଟେଲ୍ ରୁମ୍ ନାହିଁ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ହାତରେ ରହିଛି ମାତ୍ର କମ୍ ସମୟ । ୨୦୨୫ ବର୍ଷକୁ ବିଦାୟ ଜଣାଇ ନୂଆବର୍ଷ ୨୦୨୬କୁ ସ୍ୱାଗତ କରିବା ପାଇଁ ଚାରିଆଡ଼େ ଉତ୍ସାହ ଦେଖାଦେଇଛି । ନୂଆବର୍ଷକୁ ସ୍ୱାଗତ ସମେତ ଜିରୋ ନାଇଟ୍ ଉତ୍ସବକୁ ପାଳନ କରିବା ପାଇଁ ଯୁବବର୍ଗଙ୍କ ମଧ୍ୟରେ ପ୍ରବଳ ଉତ୍କଣ୍ଠା ଦେଖାଦେଇଥିବା ବେଳେ ଏବେ ସହର ସମେତ ଗୋପାଳପୁରର ବିଭିନ୍ନ ହୋଟେଲ୍ ଗୁଡ଼ିକରେ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି । ରାଜ୍ୟରେ ଶୀତର ପ୍ରକୋପ ଜାରିରହିଥିବା ବେଳେ ଜିଲ୍ଲାକୁ ପର୍ଯ୍ୟଟକଙ୍କ ଆଗମନ ବି ବଢ଼ିଛି । ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନସ୍ଥଳ ଗୁଡ଼ିକରେ ପର୍ଯ୍ୟଟକଙ୍କ ଭିଡ଼ ଜମୁଥିବା ବେଳେ ବଣଭୋଜିର ଆସର ଜମୁଛି । ଦେଶ ତଥା ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳ ଭାବେ ମାନ୍ୟତା ପାଇଥିବା ଗୋପାଳପୁରକୁ ଏବେ ପର୍ଯ୍ୟଟକଙ୍କ ସୁଅ ଛୁଟିଛି। ବିଶେଷ କରି ନୂଆବର୍ଷ ଦିନ ଗୋପାଳପୁରରେ କଟାଇବା ପାଇଁ ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରୁ ପର୍ଯ୍ୟଟକ ନିଜ ପରିବାର ସହ ଆସୁଥିବା ବେଳେ ହୋଟେଲ୍‌ଗୁଡ଼ିକରେ ଭିଡ଼ ବି ଆରମ୍ଭ ହୋଇଯାଇଛି । ଗୋପାଳପୁରରେ ଛୋଟବଡ଼ ହୋଟେଲ୍ ଠାରୁ ତାରକା ହୋଟେଲ୍ ରହିଥିବା ବେଳେ ମିଳିଥିବା ସୂଚନା ଅନୁଯାୟୀ ଡ଼ିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ସମସ୍ତ ହୋଟେଲ୍ ଗୁଡ଼ିକର ରୁମ୍ ବୁକ୍ ସରିଥିବା ଜଣାଯାଇଛି । ଅନ୍‌ଲାଇନ୍ ଓ ଅଫ୍‌ଲାଇନ୍‌ରେ ପର୍ଯ୍ୟଟକ ରୁମ୍ ବୁକିଂ କରିସାରିଥିବା ବେଳେ ହୋଟେଲ୍ ଗୁଡ଼ିକ ପକ୍ଷରୁ ବି ନୂଆବର୍ଷକୁ ସ୍ୱାଗତ କରିବା ଏବଂ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି । ଗୋପାଳପୁରରୁ ପ୍ରତ୍ୟେକ ଦିନ ରାଜ୍ୟ ଓ ରାଜ୍ୟ ବାହାରୁ ପର୍ଯ୍ୟଟକ ବୁଲିବାକୁ ଆସିଥାନ୍ତି । ଏଥିରେ ବିଦେଶୀ ପର୍ଯ୍ୟଟକ ବି ରହିଥାନ୍ତି । ବିଶେଷ କରି ନଭେମ୍ବରରୁ ଫେବୃଆରୀ ପର୍ଯ୍ୟନ୍ତ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ରହିଥାଏ । ଡିସେମ୍ବର ୩୧ ପର୍ଯ୍ୟନ୍ତ ହୋଟେଲ୍ ରୁମ୍ ବୁକିଂ ହୋଇସାରିଥିବା ବେଳେ ଏଭଳି ଭିଡ଼ ଜାନୁଆରୀ ଶେଷ ପର୍ଯ୍ୟନ୍ତ ରହିବା ସମ୍ଭାବନା ରହିଛି। ବର୍ତ୍ତମାନ ଗୋପାଳପୁରରେ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳୁଥିବା ବେଳେ ବେଳାଭୂମିରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଭିଡ଼ ଜମୁଛି । ବେଳାଭୂମି ସମେତ ବିଜୁ ପଟ୍ଟନାୟକ ପାର୍କ, ସେଲ୍‌ଫି ପଏଣ୍ଟ ଗୁଡ଼ିକରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିଥିବା ବେଳେ ଫାଷ୍ଟଫୁଡ୍ ଦୋକାନ ଓ ଉଠା ଦୋକାନୀଙ୍କ ସଂଖ୍ୟା ବି ବଢ଼ିଛି। ତେବେ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଗୋପାଳପୁରକୁ ପର୍ଯ୍ୟଟକଙ୍କ ସଂଖ୍ୟା ବଢୁଥିବା ବେଳେ ବେଳାଭୂମିରେ ପର୍ଯ୍ୟଟକଙ୍କ ପାଇଁ ପାନୀୟ ଜଳ ଠାରୁ ଆରମ୍ଭ କରି ଶୌଚାଳୟ ଓ ଆଲୋକୀକରଣ ବ୍ୟବସ୍ଥା ବ୍ୟବସ୍ଥିତ ଢଙ୍ଗରେ ନଥିବା ଯୋଗୁ ଅସନ୍ତୋଷ ପ୍ରକାଶ ପାଇଛି । ଏଭଳି ବେଳାଭୂମି ସଫେଇକୁ ଅଧିକ ଗୁରୁତ୍ୱ ଦେବାକୁ ମତ ପ୍ରକାଶ ପାଇଛି । ଜିଲ୍ଲା ପ୍ରଶାସନ ଓ ଏନ୍‌ଏସି କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ମତପ୍ରକାଶ ପାଇଛି ।

# ବାଲି ବୋଝେଇ ହାଇୱା ଧକ୍କାରେ ଯୁବକ ମୃତ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଧର୍ମଶାଳା ଥାନା ଅନ୍ତର୍ଗତ ଗୋକର୍ଣ୍ଣେଶ୍ୱର ନିକଟ ବ୍ରହ୍ମଣନଦୀରୁ ବେଆଇନ୍ ବାଲି ଚାଲାଣ ସମୟରେ ହାଇୱା ଧକ୍କାରେ ଜଣେ ଯୁବକର ଶୋଚନୀୟ ମୃତ୍ୟୁ ଘଟିଛି। କୁମାରୀ ପଞ୍ଚାୟତର ଦେଉଳି ଗ୍ରାମର ଶ୍ୟାମାସୁନ୍ଦର ବେହେରାଙ୍କ ପୁତ୍ର ନରେଶ ରଣା (୩୦) ଉପରେ ଶନିବାର ବିଳମ୍ବିତ ରାତିରେ ବାଲି ବୋଝେଇ ହାଇୱା ତାଉପରେ ଚଢିଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଧର୍ମଶାଳା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ କିନ୍ତୁ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ଧର୍ମଶାଳା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡିଟିକୁ ଜବତ କରି ଘଟଣାର ତଦନ୍ତ କରୁଛୁ। ନରେଶର ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି। ତା ପରିବାରକୁ ଆର୍ଥିକ ସହାୟତା ଦେବା ସଙ୍ଗେ ସଙ୍ଗେ ଚୋରା ବାଲି ଚାଲାଣ ଉପରେ ଲଗାମ ଦେବାକୁ ସାଧାରଣରେ ଦୃଢ଼ ଦାବି ହେଉଛି।

# ବିକାଶର ଆତ୍ମା ହେଉଛି ସଂସ୍କୃତି ଓ ପରମ୍ପରା:ସାଂସଦ

**ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ**



ରାୟଗଡା ଚଇତି ମଞ୍ଚ ଆବାଳ ବୃଦ୍ଧା ବନିତା ସମସ୍ତଙ୍କୁ ରୋମାଞ୍ଚିତ କରିଛି । ଜିଲ୍ଲାବାସୀଙ୍କ ଗଣପର୍ବ ପାଲଟିଥିବା ଚଇତି ଧୀରେ ଧୀରେ ଲୋକଙ୍କ ଜନମାନସରେ ନିଜର ଛବି ଆଙ୍କିଦେଇଛି । ଜିଲ୍ଲାପାଳ ତଥା ସଂସ୍କୃତି ପରିଷଦ ଅଧ୍ୟକ୍ଷ ଆଶୁତୋଷ କୁଲକର୍ଣ୍ଣିଙ୍କ ସଭାପତିତ୍ୱରେ ଦ୍ୱିତୀୟ ରଜନୀ ପ୍ରାରମ୍ଭ ହୋଇଥିଲା । ମ୍ୟୁଜିକ ଗ୍ୟାଲେକ୍ସି କଳାକାରମାନେ ବନ୍ଦେ ଉତ୍କଳ ଜନନୀ ସଂଗୀତ ପରିବେଷଣ କରି ମଞ୍ଚକୁ ପ୍ରାଣ ଭରିଥିଲେ । ଦ୍ୱିତୀୟ ରାଜନୀରେ ମଞ୍ଚକୁ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ସୁଜିତ କୁମାର ଶୋଭା ମଣ୍ଡିତ କରିଥିଲେ। ରାୟଗଡା ଜିଲ୍ଲାର କଳା ସଂସ୍କୃତି ବିଶ୍ୱ ଦରବାରରେ ନିଆରା। ଆମର ସଂସ୍କୃତି ମହାନ ଓ ସମୃଦ୍ଧ ଗୌରବ ଏବଂ ତ୍ୟାଗର ମାଟି । ପ୍ରତ୍ୟେକ ଜାତିର ବିକାଶ ହେବା ସହ ତାହାର ସଂସ୍କୃତିକୁ ମଧ୍ୟ ସାଇତି ରଖିବା ଜରୁରୀ । କାରଣ ବିକାଶର ଆତ୍ମା ହେଉଛି ସଂସ୍କୃତି ଓ ପରମ୍ପରା । ଆଉ ଏହିଭଳି ମଞ୍ଚ ହିଁ ତାହାର ଜୀବନ ଧାରା ବୋଲି ମୁଖ୍ୟ ଅତିଥି ସୁଜିତ କୁମାର ନିଜ ମତ ରଖିଥିଲେ। ସେହିଭଳି ଆଦିବାସୀଙ୍କ ବିକାଶ ପାଇଁ ଉଦ୍ଦିଷ୍ଟ ଯୋଜନା ବିଷୟରେ ସୂଚନା ଦେଇଥଲେ ଏବଂ ଜିଲ୍ଲାରେ ୭ଟି ନୂତନ ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ନିର୍ମାଣ କରାଯିବା ନେଇ କହିଥିଲେ । ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ରାୟଗଡା ଜିଲ୍ଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ, ଉପାଧ୍ୟକ୍ଷ ସନ୍ତୋଷ ସୁନା, ରାୟଗଡା ବ୍ଲକ ଅଧ୍ୟକ୍ଷା ଟୁନି ହୁଇକା, କାଶୀପୁର ବ୍ଲକ ଅଧ୍ୟକ୍ଷ କଣ୍ଠ ମାଝୀ, ପଦ୍ମପୁର ବ୍ଲକ ଅଧ୍ୟକ୍ଷ ମଣିମାଳା ଶବର, ବିଷମକଟକ ବ୍ଲକ ଅଧ୍ୟକ୍ଷ ଯଶୋଦା ହୁଇକା, କୋଲନରା ବ୍ଲକ ଅଧ୍ୟକ୍ଷ ସଂଯୁକ୍ତା କୁଲେସିକା, ଗୁଣୁପୁର ବ୍ଲକ ଅଧ୍ୟକ୍ଷା ଝିଲି ଶବର, ଚନ୍ଦ୍ରପୁର ବ୍ଲକ ଅଧ୍ୟକ୍ଷ କଇଁନା କିମ୍ବାକା, କଲ୍ୟାଣସିଂହପୁର ବ୍ଲକ ଅଧ୍ୟକ୍ଷା ଅମ୍ରିତା କାଡ୍ରାକା, ରାମନାଗୁଡ଼ା ବ୍ଲକ ଅଧ୍ୟକ୍ଷ ରବିଶଙ୍କର ଗମାଙ୍ଗ, ମୁନିଗୁଡା ବ୍ଲକ ଅଧ୍ୟକ୍ଷକ ଦୁଃଖିନୀ ନୁଣ୍ଡରୁକା ଓ ଗୁଡାରି ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ଶବରଙ୍କ ସମେତ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଡିଆରଡିଏ ଅକ୍ଷୟ କୁମାର ଖେମୁଣ୍ଡ ପ୍ରମୁଖ ମଞ୍ଚାସୀନ ଥିଲେ । ଜିଲ୍ଲାପାଳ ଶ୍ରୀ କୁଲକର୍ଣ୍ଣି ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଙ୍କ ସମେତ ଜିଲ୍ଲାର ସମସ୍ତ ଜିଲ୍ଲାପରିଷଦ ସଭ୍ୟମାନଙ୍କୁ ସମ୍ମାନିତ କରିଥିଲେ । ସେହିଭଳି ଜିଲ୍ଲାର ଲୁଚନ ସାହୁଙ୍କୁ ଶିକ୍ଷା କ୍ଷେତ୍ରରେ, ବୀରେନ୍ଦ୍ର ସବର ଏବଂ ସ୍ୱାଟି ପ୍ରିୟା ପ୍ରଧାନଙ୍କୁ କ୍ରୀଡା କ୍ଷେତ୍ରରେ, ସନ୍ତୋଷ କୁମାର ବଛାଙ୍କୁ ସଂସ୍କୃତି କ୍ଷେତ୍ରରେ, ପ୍ରଶାନ୍ତି ସାହୁଙ୍କୁ ସାହିତ୍ୟ କ୍ଷେତ୍ରରେ, ବିଦ୍ୟାଧର ସବରଙ୍କୁ ଲୋକକଳା ନୃତ୍ୟ କ୍ଷେତ୍ରରେ, ସମାଜସେବୀ ଇଶ୍ୱର ତିର୍ମିକିଙ୍କୁ ପରିବେଷ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ଯୋଗୁଁ ଉପସ୍ଥିତ ଅତିଥିଙ୍କ ଦ୍ୱାରା ଚଇତି ସମ୍ମାନରେ ସମ୍ମାନିତ କରାଯାଇଥିଲା । ମଞ୍ଚରେ ଗୁଣୁପୁର ପୌରପରିଷଦ ପକ୍ଷରୁ ଓଡ଼ିଶୀ ନୃତ୍ୟ, ସୋନପୁର ଜିଲ୍ଲା ସଂସ୍କୃତି ପରିଷଦ ପକ୍ଷରୁ ପନେରୀ ନୃତ୍ୟ, କୋଟପାଡ଼ର ସାଗର ଢେମସା ନୃତ୍ୟ, ନବରଙ୍ଗପୁର ଜିଲ୍ଲା ସଂସ୍କୃତି ପରିଷଦର ମାଡିଆ ଢେମସା ନୃତ୍ୟ, ଗୁଡାରି ବ୍ଲକ ତରଫରୁ ଢେମସା ନୃତ୍ୟ, କାଶୀପୁର ବ୍ଲକର ଆଦିବାସୀ ଢେମସା, ରାୟଗଡା ପୌର ପରିଷଦ ପକ୍ଷରୁ ପିଡ଼ିସି ଡ୍ୟାନ୍ସ ଗ୍ରୁପର ସୈଲୋଡ଼ି ଏବଂ ରାଜୁ ଡ୍ୟାନ୍ସ ଗ୍ରୁପର ଢେମସା ନୃତ୍ୟ, ଜେକେପୁର ନୃତ୍ୟ ସଦନ ପକ୍ଷରୁ ସମ୍ବଲପୁରୀ ନୃତ୍ୟ ପରିବେଷଣ କରି ସମସ୍ତଙ୍କୁ ଉତ୍ସାହିତ କରିଥିଲେ । ଦ୍ୱିତୀୟ ରାଜନୀରେ ରୁକୁ ସୁନାଙ୍କ ଗୀତରେ ତାଳେ ତାଳେ ଝୁମିଥିଲେ ଦର୍ଶକ । ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ସସ୍ମିତା ବାଉରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୦ ଦଫା ଦାବି ନେଇ ଓମ୍‌ସାର ଆନ୍ଦୋଳନ



**ରାଇଘର, ନ୍ୟୁଜ୍ ବ୍ୟୁରୋ**

୧୦ ଦଫା ଦାବି ନେଇ ଓମ୍‌ସା ପକ୍ଷରୁ ଆନ୍ଦୋଳନ ଡାକରା ଦିଆଯାଇଛି । ରାଜ୍ୟରେ ମଞ୍ଜୁରିପ୍ରାପ୍ତ ଡାକ୍ତରଙ୍କ ମଧ୍ୟରୁ ଅଧାରୁ ଅଧିକ ସ୍ଥାନରେ ପଦବୀ ଖାଲିପଡ଼ିଛି । ଏହି ପଦବୀ ପୂରଣ ସହ ଅନ୍ୟାନ୍ୟ ଦାବି ପୂରଣ ପାଇଁ ରାଜ୍ୟ ସରକାରଙ୍କୁ ଓମ୍‌ସା ପକ୍ଷରୁ ଅନୁରୋଧ କରାଯାଇଥିଲା ବେଳେ ଏହାକୁ ଅଣଦେଖା କରାଯାଇଛି। ଏହି ପ୍ରତିବାଦରେ ସଂଘ ଶୁକ୍ରବାର ଆନ୍ଦୋଳନକୁ ଓହ୍ଲାଇଛି। ରାଇଘର ବ୍ଲକରେ ଦୁଇଟି ସ୍ୱାସ୍ଥ୍ୟକେନ୍ଦ୍ର ଛାଡିଦେଲେ ସବୁ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଡାକ୍ତର ଅଭାବ ସହ ଆୟୁର୍ବେଦିକ ଡାକ୍ତର ଦ୍ୱାରା ଚିକିତ୍ସା ଜାରି ରହିଛି । ଶୁକ୍ରବାର ଠାରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ସକାଳ ୧୦ରୁ ୧୧ଟା ପର୍ଯ୍ୟନ୍ତ ସରକାରୀ ଡାକ୍ତରଖାନାରେ ବର୍ହିବିଭାଗ (ଓପିଡି) ବନ୍ଦ ରହିବା ଘଣ୍ଟାଏ ପର୍ଯ୍ୟନ୍ତ ଡାକ୍ତରମାନେ ଓପିଡିରେ ରୋଗୀଦେଖିବେନାହିଁ । ଏହାସହ ଜାତୀୟ ସ୍ୱାସ୍ଥ୍ୟମିଶନ ପକ୍ଷରୁ ହେଉଥିବା କାର୍ଯ୍ୟକୁ ମଧ୍ୟ ବନ୍ଦ କରାଯିବ ବୋଲି ଓଡ଼ିଶା ମେଡିକାଲସେବା ସଂଘ ପକ୍ଷରୁ ଘୋଷଣା କରାଯାଇଥିଲା। ଯାହାଦ୍ୱାରା ଓଡ଼ିଶା ସୀମାନ୍ତ ଉପାନ୍ତ ରାଇଘର ବ୍ଲକରେ ଉଭୟ ହାଟଭରଣ୍ଡି ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଛତିଶଗଡ଼ ସୀମାନ୍ତରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। କୌଣସି ପୂର୍ବସର୍ତ୍ତ ବିନା କେନ୍ଦ୍ରୀୟ ସରକାରୀ ଦରମା ଗଠନ ପାଇଁ ଡିଏସିପିଏସ୍ ଯୋଗ୍ୟତା ତାରିଖରୁ ଓଡ଼ିଶା ସରକାରଙ୍କ ଅଧୀନରେ ଥିବା ଅନ୍ୟ ଉପାନ୍ତ ରାଇଘର ବ୍ଲକରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓପିଡି ବନ୍ଦ ପାଇଁ ସ୍ତର ୧୫ ଉଚ୍ଛେଦ କରିବା, ସମସ୍ତ ଗ୍ରେଡର ସମାନୁପାତିକ କ୍ୟାଡର ପୁନର୍ଗଠନ ବିଶେଷଜ୍ଞ, ଡିପ୍ଲୋମା ଧାରକ ପ୍ରଶାସକଙ୍କ ପାଇଁ ବର୍ଦ୍ଧିତ ପ୍ରୋତ୍ସାହନ, ପୋଷ୍ଟମର୍ଟମ ଭତ୍ତା ଏବଂ ଓ ଏମ୍ଏଚ୍ଏସ୍ ଏବଂ ଓଏମ୍ଇଏସ୍ କ୍ୟାଡରଙ୍କ ପାଇଁ ସମାନ ପିବିଆଇ, କେବିକେ ଏବଂ ଟିଏସପି କ୍ଷେତ୍ରରେ ୩ ବର୍ଷର ଏକ୍‌ଜିଟ୍ ନୀତି କାର୍ଯ୍ୟକାରୀ କରିବା ଏବଂ ପିବିଆଇଓ ରାଇଘର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ଚିତ୍ର ଦେଖିବାକୁ ମିଳିଛି। ଆୟୁର୍ବେଦିକ ଚିକିତ୍ସକ ଦ୍ୱାରା ଚିକିତ୍ସା ଜାରିରହିଥିବା ବେଳେ ଜରୁରୀ ପରିସ୍ଥିତିରେ ଏମ୍‌ବିବିଏସ୍ ଡକ୍ଟର ଚିକିତ୍ସା କରିବେ ବୋଲି ଗୋଷ୍ଠୀ ଚିକିତ୍ସାଧିକାରୀ ଦଶରଥ ନାଗ ପ୍ରକାଶ କରିଥିଲେ। ଗୋଟିଏ ଘଣ୍ଟା ଓପିଡି ବନ୍ଦ ଯୋଗୁଁ ରୋଗୀ ପ୍ରଦାନ କରାଯିବା, ଭୁବନେଶ୍ୱର ବିସ୍ତାରିତ ଆବଶ୍ୟକତା ଅନୁଯାୟୀ କେବଳ ଲୋକଙ୍କ ସୁବିଧା ପାଇଁ ଓ ଏମ୍ଏଚ୍ଏସ୍ କ୍ୟାଡରଙ୍କ ପାଇଁ କ୍ୟାପିଟାଲ୍ ହସ୍ପିଟାଲ୍ ନିର୍ମାଣ, ନିୟମିତ ବାର୍ଷିକ ଓପିଏସ୍‌ସି ନିଯୁକ୍ତିଏବଂ ଡିପିସି, ଓଡ଼ିଶା ମେଡିକେୟାର ଆଇନ୍-୨୦୦୮ ସଂଶୋଧନ ସହିତ ବିରୁଦ୍ଧରେ ଜାମିନ ବିହୀନ ୱାରେଣ୍ଟ, ସଶସ୍ତ୍ର ୨୪ଘଣ୍ଟିଆ ସୁରକ୍ଷା କର୍ମୀ ଏବଂ ସମସ୍ତ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଭିତରେ ପୋଲିସ ଆଉଟପୋଷ୍ଟ, ଆଡହକ ଡାକ୍ତରଙ୍କୁ ନିୟମିତ କରିବା ଏବଂ ଡିଏସିପି ପାଇଁ ବିଚାର ପାଇଁ ଆଡହକ ଏବଂ ଚୁକ୍ତିଭିତ୍ତିକ ସେବା ଅବଧି ଅନ୍ତର୍ଭୁକ୍ତ କରିବା ଓ ସମସ୍ତ ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟବୀମା କରିବା ଭଳି ଦାବି ଉଲ୍ଲେଖ ରହିଛି । ଏହି ଆନ୍ଦୋଳନରେ ରାଇଘର ବ୍ଲକରେ ବହୁ ସଂଖ୍ୟାରେ ଡାକ୍ତର ସାମିଲ ହୋଇଛନ୍ତି ।

## ଅନ୍ତର୍ଜାତୀୟ କ୍ରିକେଟରେ ୪ ଓଭରରେ ୭ ରନ ଦେଇ ୮ ୱିକେଟ ଅକ୍ତିଆର କଲେ ସୋନମ ୟେସେ

**ନୂଆଦିଲ୍ଲୀ**



ଅନ୍ତର୍ଜାତୀୟ ଟି-୨୦ କ୍ରିକେଟରେ ବଡ଼ ରେକର୍ଡ । ୪ ଓଭର ବୋଲିଂ କରି ମାତ୍ର ୭ ରନ ବ୍ୟୟରେ ୮ ୱିକେଟ ଅକ୍ତିଆର କଲେ ଯୁବ ବୋଲର । ମହିଳା କ୍ରିକେଟରେ ଏଭଳି ଏକ ନୂଆ ରେକର୍ଡ ସ୍ଥାପନ ହୋଇଛି । ଇତିହାସ ରଚିଥିବା ବୋଲର ହେଉଛନ୍ତି ଭୂଟାନର ବାମହାତି ସ୍ପିନର ସୋନମ ୟେସେ । ୨୨ ବର୍ଷୀୟ ଏହି ବୋଲରଙ୍କୁ ପ୍ରାୟତଃ କେହି ଜାଣି ନଥିଲେ । ମାତ୍ର ତାଙ୍କର ପ୍ରଭାବଶାଳୀ ପ୍ରଦର୍ଶନ ଏବେ ସବୁଠି ଚର୍ଚ୍ଚାର ବିଷୟ ପାଲଟିଛି । ମିଆଁମାର ବିପକ୍ଷରେ ସେ ଏହି ନୂଆ ରେକର୍ଡ ସ୍ଥାପନ କରିଛନ୍ତି ।

ସୋନମ ନିଜର ସ୍ପେଲରେ ୪ ଓଭର ପକାଇ ମାତ୍ର ୭ ରନ ଦେଇଥିଲେ । ସେ ଏକାକୀ ମିଆଁମାରର ବ୍ୟାଟ୍ସମ୍ୟାନଙ୍କୁ ଧରାଶାୟୀ କରିଥିଲେ । ଏକାକୀ ୮ ୱିକେଟ୍ ଅକ୍ତିଆର କରିଥିବା ବେଳେ ମିଆଁମାର ମାତ୍ର ୪୫ ରନରେ ଅଲଆଉଟ୍ ହୋଇଥିଲା । ତାଙ୍କ ପୂର୍ବରୁ ମାତ୍ର ୨ ଜଣ ବୋଲର ଟି-୨୦ରେ ୭ଟି ୱିକେଟ ଅକ୍ତିଆର କରିବାରେ ସଫଳ ହୋଇଛନ୍ତି । ତେବେ ଏହା କେବଳ ପୁରୁଷ କ୍ରିକେଟରେ ସମ୍ଭବ ହୋଇଥିଲା । ମାତ୍ର ମହିଳା କ୍ରିକେଟରେ ଏହା ପ୍ରଥମ ରେକର୍ଡ । ସେପଟେ ମହିଳା ଅନ୍ତର୍ଜାତୀୟ ମହିଳା ଟି-୨୦ରେ ସର୍ବୋତ୍ତମ ୱିକେଟ ଅକ୍ତିଆର କରିବାର ରେକର୍ଡ ପୂର୍ବରୁ ଇଣ୍ଡୋନେସିଆର ରେହେମାଲିଆଙ୍କ ନାମରେ ରହିଛି । କୌଣସି ରନ ନଦେଇ ୭ ୱିକେଟ ଅକ୍ତିଆର କରିଥିଲେ । ମାତ୍ର ସୋନମ ୮ ୱିକେଟ ଅକ୍ତିଆର କରି ନୂଆ ରେକର୍ଡ ସ୍ଥାପନ କରିଛନ୍ତି ।

## ଗୌତମ ଗମ୍ଭୀରଙ୍କୁ ମୁଖ୍ୟ ପ୍ରଶିକ୍ଷକ ପଦରୁ ହଟାଯିବନାହିଁ : ରାଜୀବ ଶୁକ୍ଲା

**ନୂଆଦିଲ୍ଲୀ**



ନିକଟରେ ଟିମ୍ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକ ପଦରୁ ଗୌତମ ଗମ୍ଭୀରଙ୍କୁ ହଟାଇବା ନେଇ ଗୁଜବ ଜୋର ଧରିଛି । ନ୍ୟୁଜିଲାଣ୍ଡ ବିପକ୍ଷରେ ଘରୋଇ ଟେଷ୍ଟ ସିରିଜ୍ ହାରିବା ଯୋଗୁ ଭାରତୀୟ ଦଳ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ୨୦୨୫ ଫାଇନାଲରେ ଖେଳିପାରିନଥିଲା । ଏହା ପରେ ମଧ୍ୟ, ଟେଷ୍ଟରେ ଟିମ୍ ଇଣ୍ଡିଆର ଖରାପ ପ୍ରଦର୍ଶନ ଜାରି ରହିଥିଲା । ଏହା ଫଳରେ ଗୌତମ ଗମ୍ଭୀର ଖୁବ୍‌ଶୀଘ୍ର ତାଙ୍କ ପଦବୀ ହରାଇପାରନ୍ତି ବୋଲି ଗୁଜବ ଉଠିଥିଲା । ଏବେ, ବିସିସିଆଇ ଉପାଧ୍ୟକ୍ଷ ରାଜୀବ ଶୁକ୍ଲା ଏହି ପ୍ରସଙ୍ଗରେ ସ୍ପଷ୍ଟୀକରଣ ଦେଇଛନ୍ତି ।

ରାଜୀବ ଶୁକ୍ଲା ସ୍ପଷ୍ଟ କରିଛନ୍ତି, ଗୌତମ ଗମ୍ଭୀରଙ୍କୁ ମୁଖ୍ୟ ପ୍ରଶିକ୍ଷକ ପଦରୁ ହଟାଯିବ ନାହିଁ । ସେ କହିଛନ୍ତି, "ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କୁ ହଟାଇବା କିମ୍ବା ଟିମ୍ ଇଣ୍ଡିଆ ପାଇଁ ନୂତନ ମୁଖ୍ୟ ପ୍ରଶିକ୍ଷକ ନିଯୁକ୍ତି କରିବାର କୌଣସି ଯୋଜନା ନାହିଁ ।"

ଗୌତମ ଗମ୍ଭୀରଙ୍କ ବହିଷ୍କାର ସମ୍ପର୍କରେ, ବିସିସିଆଇ ସଚିବ ଦେବଜିତ ସାଇକିଆ ପୂର୍ବରୁ କହିଥିଲେ, ପ୍ରସାରିତ ଖବର ସମ୍ପୂର୍ଣ୍ଣ ମିଥ୍ୟା । ଗମ୍ଭୀରଙ୍କ ବହିଷ୍କାର ଖବରକୁ ଅତିରଞ୍ଜିତ କରୁଥିବା ଗଣମାଧ୍ୟମ ଏଜେନ୍ସି ଗୁଡ଼ିକୁ ମଧ୍ୟ ସାଇକିଆ ଟାର୍ଗେଟ କରିଥିଲେ । ବିସିସିଆଇ ସଚିବ ସ୍ପଷ୍ଟ କରିଛନ୍ତି କି ଗୌତମ ଗମ୍ଭୀରଙ୍କୁ ହଟାଇବା ଖବରରେ କୌଣସି ସତ୍ୟତା ନାହିଁ ଏବଂ ଏହା କେବଳ ମନଗଢ଼ା କାହାଣୀ ।

ବର୍ତ୍ତମାନ ପାଇଁ, ଟେଷ୍ଟ କ୍ରିକେଟରେ ଖରାପ ପ୍ରଦର୍ଶନ ପରେ ଟିମ୍ ଇଣ୍ଡିଆ ଆଗକୁ ବଢ଼ିବାକୁ ଚାହିଁବ, କାରଣ ସେମାନେ ଏକ ବଡ଼ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛନ୍ତି । ଟିମ୍ ଇଣ୍ଡିଆ ୨୦୨୪ ଟି-୨୦ ବିଶ୍ୱକପ ଜିତିଥିଲା ଏବଂ ଏବେ ସେମାନଙ୍କର ଟାଇଟଲ ବଜାୟ ରଖିବାର ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛନ୍ତି । ଉଲ୍ଲେଖନୀୟ ଯେ ଭାରତ ଏବଂ ଶ୍ରୀଲଙ୍କା ମିଳିତ ଭାବରେ ୨୦୨୬ଟି-୨୦ ବିଶ୍ୱକପ ଆୟୋଜନ କରିବେ, ଯାହା ଫେବୃୟାରୀ ୭ରୁ ମାର୍ଚ୍ଚ ୮ ପର୍ଯ୍ୟନ୍ତ ଖେଳାଯିବ ।

## ମହିଳା ହକି ଇଣ୍ଡିଆ ଲିଗ୍ : ରାଞ୍ଚି ରୟାଲ୍ସକୁ ୨-୦ ଗୋଲ୍‌ରେ ହରାଇଲା ଦିଲ୍ଲୀ ଏସ୍‌ଜି ପାଇପର୍ସ



**ନୂଆଦିଲ୍ଲୀ**

ଝାଡ଼ଖଣ୍ଡର ରାଞ୍ଚିଠାରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସହ ମହିଳା ହକି ଇଣ୍ଡିଆ ଲିଗ୍‌ର ଦ୍ୱିତୀୟ ସଂସ୍କରଣ ଆରମ୍ଭ ହୋଇଛି । ଉଦ୍‌ଘାଟନୀ ମ୍ୟାଚ୍‌ରେ ରାଞ୍ଚି ରୟାଲ୍ସକୁ ୨-୦ ଗୋଲ୍‌ରେ ହରାଇ ଦିଲ୍ଲୀ ଏସ୍‌ଜି ପାଇପର୍ସ ପଏଣ୍ଟ ଖାତା ଖୋଲିଛି । ଚଳିତ ବର୍ଷ ମୋଟ ୪ଟି ଦଳ ଯଥା ଦିଲ୍ଲୀ ଏସଜି ପାଇପର୍ସ, ରାଢ ବେଙ୍ଗଲ ଟାଇଗର୍ସ, ସୁରମା ହକି କ୍ଲବ୍ ଓ ରାଞ୍ଚି ରୟାଲ୍ସ ଭାଗ ନେଇଛନ୍ତି ।

ପ୍ରଥମ ସଂସ୍କରଣରେ ଓଡ଼ିଶା ୱାରିୟର୍ସ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଥିଲା । ଫାଇନାଲ୍ ଦଳ ୨-୧ ଗୋଲ୍ ସୁରମା ହକି କ୍ଲବ୍‌କୁ ପରାସ୍ତ କରିଥିଲା । ଏଥର ଓଡ଼ିଶା ୱାରିୟର୍ସ ସ୍ଥାନରେ ରାଞ୍ଚି ରୟାଲ୍ସ ଭାଗ ନେଉଛି । ସୁରମା ହକି କ୍ଲବ୍ ଓ ବେଙ୍ଗଲ ଟାଇଗର୍ସ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଖେଳାଯିବ । ଜୟପାଲ ସିଂ ଷ୍ଟାଡିୟମରେ ଏସ୍‌ଜି ପାଇପର୍ସ ଓ ରାଞ୍ଚି ରୟାଲ୍ସ ସାମ୍ନାସାମ୍ନି ହୋଇଥିଲେ । ପ୍ରଥମ କ୍ୱାର୍ଟର ଆକ୍ରମଣ ଓ ପ୍ରତିଆକ୍ରମଣ ମଧ୍ୟରେ ଗୋଲ୍‌ଶୂନ୍ୟ ରହିଥିଲା । ଦ୍ୱିତୀୟ କ୍ୱାର୍ଟରରେ ଏସଜି ପାଇପର୍ସ ଗୋଲ୍ ଖାତା ଖୋଲିଥିଲା । ୨୭ ମିନିଟ୍‌ରେ ଦଳକୁ ମିଳିଥିବା ଏକ ପେନାଲ୍ଟି ସୁଯୋଗକୁ ନଭନୀତ କୌର ଗୋଲ୍‌ରେ ରୂପାନ୍ତରିତ କରି ଦଳକୁ ଅଗ୍ରଣୀ ପ୍ରଦାନ କରିଥିଲେ ।

ତୃତୀୟ କ୍ୱାର୍ଟରରେ ରାଞ୍ଚି ରୟାଲ୍ସ ଘନଘନ ଆକ୍ରମଣ କରି ଏକାଧିକ ସୁଯୋଗ ସୃଷ୍ଟି କରିଥିଲା । ମାତ୍ର ଗୋଲ୍ ପରିଶୋଧ କରିପାରିନଥିଲା । ଚତୁର୍ଥ କ୍ୱାର୍ଟର ଆରମ୍ଭରୁ ମାରିଆ ଟେରେସା ଭିୟାନା ଆଚେଙ୍କ (୪୬ମିନିଟ୍) ଗୋଲ୍ ବଳରେ ଏସ୍‌ଜି ପାଇପର୍ସ ୨-୦ରେ ଆଗେଇଥିଲା । ପରବର୍ତ୍ତୀ ସମୟର ଖେଳ ସଂଘର୍ଷପୂର୍ଣ୍ଣ ହୋଇଥିଲା । ରାଞ୍ଚି ସମସ୍ତ ଶକ୍ତି ଲଗାଇ ଆକ୍ରମଣ କରିଥିଲେ ମଧ୍ୟ ଗୋଟିଏ ବି ଗୋଲ୍ ପରିଶୋଧ କରିପାରିନଥିଲା ।

## ମେଲବୋର୍ଣ୍ଣ ପିଚ୍‌କୁ ନେଇ ବଢ଼ିଲା ଅସନ୍ତୋଷ : ମିଳିଲା ଡିମେରିଟ୍ ପଏଣ୍ଟ

**ଦୁବାଇ**

ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଚତୁର୍ଥ ଆଶେସ ଟେଷ୍ଟ ଖେଳାଯାଇଥିବା ମେଲବୋର୍ଣ୍ଣ ପିଚ୍‌କୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ଶୃଙ୍ଖଳାଗତ ପଦକ୍ଷେପ ସ୍ୱରୂପ ଏହି ଗ୍ରାଉଣ୍ଡକୁ କୋଟିଏ ଡିମେରିଟ୍ ପଏଣ୍ଟ ପ୍ରଦାନ କରାଯାଇଛି । ଏହି ପିଚ୍ ମାତ୍ରାଧିକ ବୋଲରମାନଙ୍କୁ ସୁହାଇଛି ବୋଲି ମ୍ୟାଚ ରେଫରି ଜେଫ କ୍ରୋ ତାଙ୍କ ଆସେସମେଣ୍ଟ ରିପୋର୍ଟରେ ଉଲ୍ଲେଖ କରିଛନ୍ତି ।

ଚତୁର୍ଥ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଦିବସରେ ସମସ୍ତ ୨୦ଟି ଉଇକେଟର ପତନ ଘଟିଥିଲା । ମ୍ୟାଚ ଦୁଇ ଦିନରେ ଶେଷ ହୋଇଥିବା ବେଳେ ଏଥିରେ ଇଂଲଣ୍ଡ ୪ ଉଇକେଟରେ ବିଜୟ ଲାଭ କରିଥିଲା । ଯଦି କୌଣସି ଭେନ୍ୟୁକୁ ୬ ଡିମେରିଟ୍ ପଏଣ୍ଟ ମିଳେ ତେବେ ଏହାକୁ ୧୨ମାସ ବାସନ୍ଦର ସମ୍ମୁଖୀନ ହେବାକୁ ପଡ଼ିବ ।

କ୍ରୋ' ତାଙ୍କର ଏକ ବିବୃତିରେ କହିଛନ୍ତି ଯେ, ଏମ୍‌ସିଜି ପିଚ୍ ବୋଲର ମାନଙ୍କୁ ଖୁବ୍ ସୁହାଇଥିଲା । ପ୍ରଥମ ଦିବସରେ ୨୦ ଏବଂ ଦ୍ୱିତୀୟ ଦିବସରେ ୧୬ ଉଇକେଟ ପତନ ଘଟିଥିଲା । ଜଣେ ହେଲେ ବ୍ୟାଟର ଅର୍ଦ୍ଧଶତକ ହାସଲ କରିପାରି ନ ଥିଲେ । ଗାଇଡ୍‌ଲାଇନ୍ ଅନୁସାରେ ପିଚ୍‌ର ଲକ୍ଷଣ ସନ୍ତୋଷଜନକ ନ ଥିଲା ଫଳତଃ ଭେନ୍ୟୁକୁ ଗୋଟିଏ ଡିମେମେରିଟ୍ ପଏଣ୍ଟ ପ୍ରଦାନ କରାଯାଇଛି ।

## ସର୍ବଭାରତୀୟ ଅଶୋକ ଦାସ ମେମୋରିଆଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

## ଝାଡ଼ଖଣ୍ଡ କ୍ରିକେଟ୍ କ୍ଲବ୍‌କୁ ହରାଇ ଜିସିସି, ଇନ୍ଦୁପୁର ବିଜୟୀ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ ଓ ମେଲବର୍ଣ୍ଣ କ୍ରିକେଟ୍ କ୍ଲବ୍, ଯାଜପୁରର ମିଳିତ ଉଦ୍ୟମରେ ସର୍ବଭାରତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ କୁସୁମା ନିକଟସ୍ଥ ଷ୍ଟାଡ଼ିୟମରେ ଅଶୋକ ଦାସ ମେମୋରିଆଲ୍ ସର୍ବ ଭାରତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ସୋମବାରର ଏହି ଉଦ୍‌ଘାଟନୀ ଉତ୍ସବରେ ଯାଜପୁରର ବିଧାୟିକା ସୁଜାତା ସାହୁ, ଯାଜପୁର ପୌରପାଳିକାର ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ବରିଷ୍ଠ ପ୍ରଧାପକ ବଟକୃଷ୍ଣ ମହାପାତ୍ର, ବରିଷ୍ଠ ବିଜେଡ଼ି ନେତା ବଳଭଦ୍ର ଦାସ, ଜିଲ୍ଲା କ୍ରିକେଟ୍ ଆସୋସିଏସନର ଯୁଗ୍ମ ସମ୍ପାଦକ ଜ୍ଞାନଚାନ୍ଦ ଦାସ, ଅଭୟ ବଲ୍ଲଭ ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ଯୁବ ନେତା ମନୋଜ ସାହୁ, ତୁଷାର ରଞ୍ଜନ ବେହେରା, ଅୟସ କାନ୍ତ ଧଳ, ଶ୍ରୀଜୟ ମହାପାତ୍ର, ଶୁଭ୍ରାଂଶୁ ପତି, ବୁଲୁ ସିଂ ପ୍ରମୁଖ ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ । ଏହି ଉଦ୍‌ଘାଟନୀ ମ୍ୟାଚ୍ ଝାଡ଼ଖଣ୍ଡ କ୍ରିକେଟ୍ କ୍ଲବ୍ ସହିତ ଜି.ସି.ସି, ଇନ୍ଦୁପୁର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଝାଡ଼ଖଣ୍ଡ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମେ ଜି.ସି.ସି, ଇନ୍ଦୁପୁର ନିର୍ଦ୍ଧାରିତ ୨୫ ଓଭର ଖେଳି ୯ ୱିକେଟ୍ ହରାଇ ୨୧୦ ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ନିଶିକାନ୍ତ ରାଉତ ୫୬ ରନ୍ ସଂଗ୍ରହ କରିଥିବା ବେଳେ ମୃଦୁଳ ପାଣ୍ଡେ ୩୪ ରନ୍ ସଂଗ୍ରହ କରିଥିଲେ । ଝାଡ଼ଖଣ୍ଡ କ୍ରିକେଟ କ୍ଲବ୍‌ର ଅରୁଣ କୁମାର ୪ ଓଭର ବୋଲିଂ କରି ୩୬ ରନ୍ ଦେଇ ୩ ୱିକେଟ୍ ଅକ୍ତିୟାର କରିଥିଲେ । ଏହାର ଜବାବରେ ଝାଡ଼ଖଣ୍ଡ କ୍ରିକେଟ୍ କ୍ଲବ୍ ୧୮.୩ ଓଭର ଖେଳି ସମସ୍ତ ୱିକେଟ୍ ହରାଇ ୧୩୫ ରନ୍ ସଂଗ୍ରହ କରି ଇନ୍ଦୁପୁର ଠାରୁ ପରାସ୍ତ ହୋଇଥିଲେ । ଦଳ ପକ୍ଷରୁ ମନୁ କୁମାର ସର୍ବାଧିକ ୫୮ ରନ୍ ସଂଗ୍ରହ କରିଥିଲେ । ଜି.ସି.ସି ଇନ୍ଦୁପୁରର ବୋଲର ରିତେଶ ପାଣ୍ଡେ ୫ ଓଭର ବୋଲିଂ କରି ୨୩ ରନ୍ ଦେଇ ୪ ୱିକେଟ୍ ନେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ଏହି ମ୍ୟାଚ୍ ଜି.ସି.ସି ଇନ୍ଦୁପୁର ୭୩ ରନ୍ ରେ ବିଜୟୀ ହାସଲ କରିଥିଲା । ଏହି ମ୍ୟାଚ୍‌କୁ ଅମ୍ପାୟାର୍ ଭାବେ ଖଗେଶ୍ୱର ମଲ୍ଲିକ ଓ ସତ୍ୟବ୍ରତ ଜେନା ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ସ୍ୱସ୍ତିକ ପହି ପରିଚାଳନ କରିଥିଲେ ।



## ପ୍ରଭାକର ସ୍ମାରକୀ ଭଲିବଲ ଟୁର୍ଣ୍ଣାମେଣ୍ଟ

## ଗୁମ୍ମା ଭଲିବଲ ଟିମ୍ ବିଜୟୀ

**ଦିଗପହଣ୍ଡି**

ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ମିନି ଷ୍ଟାଡିୟମରେ ସ୍ୱର୍ଗତ ବି. ପ୍ରଭାକର ରେଡ୍ଡୀ ସ୍ମାରକୀ ଭଲିବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସରେ ସୋମବାର କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଏଥିରେ ଗଜପତି ଜିଲ୍ଲା ଗୁମ୍ମା ଗ୍ରାମର ଭଲିବଲ ଟିମ୍ ପ୍ରତିପକ୍ଷ ପାଣିଗଣ୍ଡା ଗ୍ରାମର ଭଲିବଲ ଟିମ୍‌କୁ ଲଗାତାର ୨ ସେଟରେ ପରାଜିତ କରି ପରବର୍ତ୍ତୀ ମ୍ୟାଚ୍‌କୁ ଉନ୍ନୀତ ହୋଇଛି । ସ୍ଥାନୀୟ ଖେମୁଣ୍ଡି ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌କୁ ଦିଗପହଣ୍ଡି ଏନଏସି ଅଧ୍ୟକ୍ଷ ପ୍ରଫୁଲ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । କ୍ରୀଡ଼ା ଶିକ୍ଷକ ଅମ୍ବିକା ପ୍ରସାଦ ସେଠୀ, କାଉନସିଲର ଦୀପକ କୁମାର ମିଶ୍ର, ସୁନୀଲ କୁମାର ପଣ୍ଡା, କାଉନସିଲର ପ୍ରତିନିଧି ରଞ୍ଜିତ ବେହେରା, ଇ. ଶଙ୍କର, ସାମାଜିକ କର୍ମୀ ରବୀନ୍ଦ୍ର ମାର୍ଥା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଟୁର୍ଣ୍ଣାମେଣ୍ଟ ଆୟୋଜକ ଅର୍ଦ୍ଧୁ ଗୋବିନ୍ଦଙ୍କ ସଂଯୋଜନାରେ ଆୟୋଜିତ ମ୍ୟାଚ୍ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଟୁର୍ଣ୍ଣାମେଣ୍ଟ ପରିଚାଳନା କମିଟି ସଭାପତି ଶିବଶଙ୍କର ମହାଙ୍କୁଡ଼, ସମ୍ପାଦକ ବିଚିତ୍ରାନନ୍ଦ ପଟ୍ଟନାୟକ, ପରିଚାଳନା କମିଟି କାର୍ଯ୍ୟକର୍ତ୍ତା ଏ. ସାକିଲି, ବାରିକ ବେହେରା, ଲୋକନାଥ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ । ଗୋବିନ୍ଦ ନାୟକ ରେଫେରି ଭାବେ ମ୍ୟାଚ୍ ପରିଚାଳନା କରିଥିବା ବେଳେ ପାଣିଗଣ୍ଡା ଭଲିବଲ ଟିମ୍‌ର ଜିମି ନାୟକଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ଘୋଷଣା କରାଯାଇ ପୁରସ୍କୃତ କରାଯାଇଥିଲା । ଖେମୁଣ୍ଡି ସ୍ପୋର୍ଟିଂ କ୍ଲବ ସଦସ୍ୟ ସନାତନ ରେଡ୍ଡୀ, ବୈକୁଣ୍ଠ ନାଥ ସ୍ୱାଇଁଙ୍କ ସମେତ ସଭ୍ୟ ବୃନ୍ଦ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ ।

## ବିଜୟ ହଜାରେ ଟ୍ରଫିରେ ଆଉ ଗୋଟିଏ ମ୍ୟାଚ୍ ଖେଳିବେ କୋହଲି

**ନୂଆଦିଲ୍ଲୀ**

କମାଲ କରିବେ କିଙ୍ଗ୍ କୋହଲି । ପୁଣି ଘରୋଇ କ୍ରିକେଟରେ ଦେଖିବାକୁ ମିଳିବ ବିରାଟଙ୍କ ଝଲକ୍ । ଚଳିତ ବିଜୟ ହଜାରେ ଟ୍ରଫିରେ ମାତ୍ର ଦୁଇଟି ମ୍ୟାଚ୍ ଖେଳିବେ ବୋଲି ପୂର୍ବରୁ କୁହାଯାଉଥିଲା । ମାତ୍ର ବିରାଟ ପୁଣି ମ୍ୟାଚ୍ ଖେଳିବେ ବୋଲି ସୂଚନା ମିଳିଛି । ପ୍ରଥମ ଦୁଇଟି ମ୍ୟାଚ୍‌ରେ କୋହଲି ୨୦୦ରୁ ଅଧିକ ସ୍କୋର କରି ସାରିଲେଣି । ପ୍ରଥମ ମ୍ୟାଚ୍‌ରେ ଦମ୍‌ଦାର ଶତକ ହାସଲ କରିଥିବା ବେଳେ ତାଙ୍କର ଗୋଟିଏ ଝଲକ ପାଇବା ପାଇଁ ମଇଦାନରେ ମଧ୍ୟ ଦର୍ଶକଙ୍କ ଭିଡ଼ ଜମୁଥିଲା । ଏବେ ଆଉ ଏକ ଖୁସି ଖବର ରହିଛି ବିରାଟଙ୍କ ପ୍ରଶସକଙ୍କ ଲାଗି । ଡିଡିସିଏର ସଭାପତି ରୋହନ ଜେଟଲି ସୂଚନା ଦେଇଛନ୍ତି କି, କୋହଲି ଆଉ ଗୋଟିଏ ମ୍ୟାଚ୍ ଖେଳିପାରନ୍ତି । ରୋହନ କହିଛନ୍ତି କି, ଆସନ୍ତା ୬ ତାରିଖରେ କୋହଲି ରେଲୱେ ବିପକ୍ଷରେ ମଇଦାନକୁ ଓହ୍ଲାଇବେ । ଆସନ୍ତା ୧୧ ତାରିଖରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ ଦିନିକିଆ ସିରିଜ୍ ଖେଳିବାକୁ ଯାଉଛି । ଏଣୁ ଏହା ପୂର୍ବରୁ କୋହଲି ଆଉ ଏକ ମ୍ୟାଚ୍ ଖେଳିବାକୁ ଚାହୁଁଥିବା କୁହାଯାଉଛି । ଏଣୁ ସେ ୬ ତାରିଖରେ ପୁଣିଥରେ ବିଜୟ ହଜାରେ ଟ୍ରଫିରେ ଖେଳି ପାରନ୍ତି । ବିରାଟ ପ୍ରଥମ ମ୍ୟାଚରେ ୧୩୧ ଏବଂ ଦ୍ୱିତୀୟ ମ୍ୟାଚରେ ୭୭ ରନର ପାଳି ଖେଳିଛନ୍ତି । ଦୁଇଟି ମ୍ୟାଚରେ ୨୦୦ରୁ ଅଧିକ ସ୍କୋର କରିଥିବା ବେଳେ ଯଦି ୬ ତାରିଖରେ ମ୍ୟାଚ୍ ଖେଳନ୍ତି, ତା'ହେଲେ କିଭଳି ପ୍ରଦର୍ଶନ କରିବେ ଫ୍ୟାନ୍ସମାନେ ଚାହିଁ ରହିଛନ୍ତି । ରୋହନ ଜେଟଲିଙ୍କ ସୂଚନା ଅନୁସାରେ, କୋହଲି ୩ଟି ମ୍ୟାଚ ପାଇଁ ଉପଲବ୍ଧ ରହିବେ ବୋଲି ସୂଚନା ରହିଛି । ମାତ୍ର ଭାରତୀୟ ଦଳ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍ ପାଇଁ ଆସନ୍ତା ୮ ତାରିଖରେ ଏକାଠି ହେବ । ମ୍ୟାଚ୍ ଖେଳିବାର ଗୋଟିଏ ଦିନ ବିଶ୍ରାମ ପରେ ପୁଣି ଅଭ୍ୟାସ ପାଇଁ ବାହାରିବେ ବୋଲି କୁହାଯାଉଛି ।

## ଅବ୍ୟକ୍ତ ହରିହର ଖାଡ଼ଙ୍ଗା ହେଲେ ଯୁବ ବିଜେଡି ରାଜ୍ୟ ଉପସଭାପତି

**ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ**



ବିଜୁ ଯୁବ ଜନତା ଦଳର ରାଜ୍ୟ ଉପ ସଭାପତି ଭାବେ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ପଦୋନ୍ନତି ପାଇ ନିଯୁକ୍ତ ହୋଇଛନ୍ତି । ଗତ ୨୦୨୦ରୁ ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ତଥା କେନ୍ଦୁଝର ପର୍ଯ୍ୟବେକ୍ଷକ ଭାବେ କାର୍ଯ୍ୟ କରି ଆସୁଛନ୍ତି । ଖାଡ଼ଙ୍ଗା ତାଙ୍କ ପ୍ରତିକ୍ରିୟା ରେ ଆଗାମୀ ଦିନରେ ବିଜୁ ଜନତା ଦଳକୁ ସଂଗଠିତ କରି ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ବିଜେଡିକୁ କ୍ଷମତା ସହ ଆଗାମୀ ୨୦୨୯ ସାଧାରଣ ନିର୍ବାଚନରେ କିପରି ବିଜେଡି ସରକାର କରିବ ସେଥିପାଇଁ ଜୋରଦାର କାର୍ଯ୍ୟ ଜାରି ରହିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ ।

## ୨୮ତମ ରାଜ୍ୟସ୍ତରୀୟ ଜନଜାତି କ୍ରୀଡ଼ା ପ୍ରତିଯୋଗିତା

**ବଲାଙ୍ଗୀର, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ଖଲିଆପାଲି ଭୀମ ଭୋଇ ଆମ୍ବେଦକର ମିନି ଷ୍ଟାଡିୟମ ଠାରେ ଦୁଇ ଦିନ ବ୍ୟାପୀ ୨୮ତମ ରାଜ୍ୟସ୍ତରୀୟ ଜନଜାତି କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ବଲାଙ୍ଗୀର ସାଂସଦ ସଂଗୀତା କୁମାରୀ ସିଂଦେଓ ଉଦ୍‌ଘାଟନ କରି କ୍ରୀଡ଼ା ଆରମ୍ଭ କରାଇଥିଲେ । ଦ୍ୱିତୀୟ ଦିନର ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି କ୍ରୀଡ଼ାପ୍ରେମୀ ତଥା କ୍ରୀଡ଼ା ପ୍ରତିଯୋଗୀମାନଙ୍କୁ ଉତ୍ସାହିତ ବକ୍ତବ୍ୟରେ ଜନଜାତି କିପରି ସଂଗଠିତ ହୋଇ ରହିବେ ଏବଂ କ୍ରୀଡ଼ା କ୍ଷେତ୍ରରେ ଉନ୍ନତି କରି ରାଷ୍ଟ୍ରୀୟ ସ୍ତରରେ ନା କରିବେ ସେ ବିଷୟରେ କହିଥିଲେ । ସମ୍ମାନିତ ଅତିଥି ଭାବରେ ମୁକେଶ ଜୈନ ଉପସ୍ଥିତ ରହିଥିଲେ । ମୁଖ୍ୟବକ୍ତା ଭାବରେ ପଙ୍କଜ ସିଂ ଉପସ୍ଥିତ ରହି ଜନଜାତି କଲ୍ୟାଣ ଆଶ୍ରମ ବିଷୟରେ କହିଥିଲେ । ପ୍ରାନ୍ତ ସଂପାଦକ ଚନ୍ଦ୍ରକାନ୍ତ ନାଥ ଏବଂ ସହ-ମହିଳା ପ୍ରମୁଖ ଗୀତାଞ୍ଜଳି ଭୋଇ ସଭା କାର୍ଯ୍ୟ ପରିଚାଳନା କରିଥିଲେ । ବଲାଙ୍ଗୀର ନଗର ସଭାପତି ରବି କୁମାର ଅଗ୍ରୱାଲ, ସଂପାଦକ ମୁକେଶ ଅଗ୍ରୱାଲ, ସଂଯୋଜକ ମହେନ୍ଦ୍ର ଅଗ୍ରୱାଲ, କୋଷାଧ୍ୟକ୍ଷ ସୁନିଲ ଅଗ୍ରୱାଲ କାର୍ଯ୍ୟକ୍ରମ ତୁଲାଇଥିଲେ । ଶେଷରେ ଡା. ପୁରୁଷୋତ୍ତମ ଅଗ୍ରୱାଲ ଧନ୍ୟବାଦ ଦେଇଥିଲେ । ଏ ଅବସରରେ ଖଲିଆପାଲିର ଆମ୍ବେଦକର ଷ୍ଟାଡିୟମ ଦେଇଥିବାରୁ ଜଗନ୍ନାଥ ସ୍ପୋର୍ଟିଂର ସଦସ୍ୟ ନାରାୟଣ ବିଶ୍ୱାଳ, ସତ୍ୟପୀର ପାତ୍ର, ମୁକେଶ ସାହୁ ତଥା ଗ୍ରାମର ସଦସ୍ୟଙ୍କୁ ଅନୁଷ୍ଠାନ ତରଫରୁ ପୁରସ୍କୃତ କରାଯାଇଥିଲେ । ଏଥିରେ ୧୯ଟି ଜିଲ୍ଲାର ୩୮୦ଟି ପ୍ରତିଯୋଗୀ ଭାଗ ନେଇଥିଲେ । ଖୋଖୋ, କବାଡି, ତିରନ୍ଦାଜ, ଦୌଡ, ଲମ୍ବ ଜମ୍ପ ଅନୁଷ୍ଠିତ ହୋଇଥିଲା ।

## ଭାରତର କୃଷି କ୍ଷେତ୍ରରେ ପଞ୍ଚ ପରିବର୍ତ୍ତନ : ୨୦୨୫ ମସିହାର କାହାଣୀ

୨୦୧୪ ମସିହାରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଦାୟିତ୍ୱ ଗ୍ରହଣ କରିବାର ଏକ ଦଶନ୍ଧି ପରେ, ୨୦୨୫ ମସିହାଟି ଏକ ପଞ୍ଚପରିବର୍ତ୍ତନକାରୀ ବର୍ଷ ଭାବରେ ମୁଣ୍ଡ ଟେକିଛି । ପୂର୍ବରୁ ସ୍ୱଳ୍ପ ଉତ୍ପାଦକତା, ମୂଲ୍ୟ ଅନିଶ୍ଚିତତା ଏବଂ ଆମଦାନୀ ନିର୍ଭରଶୀଳତା ପାଇଁ ପରିଚିତ ଥିବା ବ୍ୟବସ୍ଥା, ବର୍ତ୍ତମାନ ରେକର୍ଡ ପରିମାଣର ଉତ୍ପାଦନ, କୃଷକମାନଙ୍କ ନିମନ୍ତେ ସୁନିଶ୍ଚିତ ଉପାର୍ଜନ ଏବଂ ବୈଜ୍ଞାନିକ ନବାଚାର ତଥା ଦୀର୍ଘକାଳୀନ ଆତ୍ମନିର୍ଭର ଶୀଳତା ପାଇଁ ସର୍ବତ୍ର ସୁନାମ ଅର୍ଜନ କରିଛି ।

୨୦୨୫ ବର୍ଷଟି କେବଳ କୌଣସି ଏକକ ଯୋଜନା କିମ୍ବା ପରିସଂଖ୍ୟାନର ଫଳ ନୁହେଁ; ବରଂ ଗତ ଏଗାର ବର୍ଷ ଧରି ସତତ ଭାବେ କାର୍ଯ୍ୟାନ୍ୱିତ ହୋଇଆସୁଥିବା ସଂସ୍କାରମାନଙ୍କର ସମଗ୍ର ପରିଣାମ, ଯାହା ଏକ ସମନ୍ୱିତ ଓ ଭବିଷ୍ୟତମୁଖୀ କୃଷି ପ୍ରଣାଳୀକୁ ସାକାର କରିଛି ।

କ୍ଷୁଦ୍ରାତିକ୍ଷୁଦ୍ର ବ୍ୟବସ୍ଥାରୁ ଦୃଷ୍ଟିଭଙ୍ଗୀ ନିବନ୍ଧ : ୨୦୨୫ ମସିହାରେ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ଧନ ଧାନ୍ୟ କୃଷି ଯୋଜନା (ପିଏମଡିଡିକେୱାଇ) ଲକ୍ଷ୍ୟନିର୍ଦ୍ଦିଷ୍ଟ ଏବଂ ପରିଣାମମୁଖୀ କୃଷି ସଂସ୍କାର ଉପରେ ଆଧାରିତ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଘୋଷିତ ବଜେଟରେ ଏହି ଯୋଜନା ପାଇଁ ବ୍ୟବସ୍ଥା ରଖାଯାଇଥିବା ସହ, ଗତ ଜୁଲାଇ ମାସରେ କେନ୍ଦ୍ର କ୍ୟାବିନେଟର ଅନୁମୋଦନ ପାଇବା ପରେ ଏହାର କାର୍ଯ୍ୟାନ୍ୱୟନ ଆରମ୍ଭ ହୋଇଛି ।

ଏହି ଯୋଜନା ଦେଶର ୧୦୦ଟି କୃଷି ଦୃଷ୍ଟିରୁ ପଛୁଆ ଜିଲ୍ଲାକୁ କେନ୍ଦ୍ର କରି ପ୍ରାୟ ୧.୭ କୋଟି କୃଷକଙ୍କୁ ଲାଭାନ୍ୱିତ କରିବାକୁ ଉଦ୍ଦିଷ୍ଟ । ଏହା ପାଇଁ ପ୍ରତିବର୍ଷ ୨୪,୦୦୦ କୋଟି ଟଙ୍କାର ବଜେଟ ପ୍ରାବଧାନ କରାଯାଇଛି । ଯୋଜନାଟି ସ୍ୱଳ୍ପ ଉତ୍ପାଦକତା, ଜଳ ସଙ୍କଟ ଓ ଋଣ ଯୋଗାଣରେ ଥିବା ବୈଷମ୍ୟ ଭଳି ଦୀର୍ଘକାଳୀନ ସମସ୍ୟାମାନଙ୍କ ସମାଧାନ ଦିଗରେ ଲକ୍ଷ୍ୟ ରଖିଛି ।

୧୧ଟି କେନ୍ଦ୍ରୀୟ ମନ୍ତ୍ରଣାଳୟ ଅଧୀନରେ ଚାଲୁଥିବା ୩୬ଟି କୃଷି ସମ୍ପର୍କିତ ଯୋଜନାକୁ ସମନ୍ୱିତ କରି ପିଏମଡିଡିକେୱାଇ ପ୍ରବର୍ତ୍ତନ କରାଯାଇଛି । ଏହି ଯୋଜନା ପୂର୍ବରୁ ଚାଲୁଥିବା ଛୋଟ ଛୋଟ ଯୋଜନାମାନଙ୍କ ସ୍ଥାନରେ ଏକ ସମନ୍ୱିତ ଢାଞ୍ଚା ପ୍ରଦାନ କରି ଜିଲ୍ଲା ସ୍ତରରେ ଆବଶ୍ୟକ ସମନ୍ୱୟ ବ୍ୟବସ୍ଥାକୁ ମଜବୁତ କରିଛି ।

ଏଡିପିର ଧାରଣାରୁ ପ୍ରେରଣା ନେଇ, ଏହି ଯୋଜନା ଜଳସେଚନ, ଭଣ୍ଡାରଣ, ଆଧୁନିକ ପ୍ରଯୁକ୍ତି, କୃଷକ ତାଲିମ ଓ ଆନୁଷ୍ଠାନିକ ଋଣ ଯୋଗାଣ ଉପରେ ବିଶେଷ ଗୁରୁତ୍ୱ ଦେଇଛି । ଏହା ମିଶନ ମୋଡରେ କୃଷି କ୍ଷେତ୍ରରେ ପରିବର୍ତ୍ତନ ଆଣିବା ସହ ଆତ୍ମନିର୍ଭର ଭାରତ ଗଠନ ଦିଗରେ ଦେଶକୁ ଅଗ୍ରସର କରୁଛି ।

ଡାଲିଜାତୀୟ ଶସ୍ୟ : ଆତ୍ମନିର୍ଭରଶୀଳତା ଦିଗରେ ଏକ ରଣନୀତିକ ପଦକ୍ଷେପ- ୨୦୨୫ ମସିହାରେ ଡାଲିଜାତୀୟ ଶସ୍ୟ ନିମନ୍ତେ ଭାରତ ଆତ୍ମନିର୍ଭର ଭାରତ ମିଶନର ଶୁଭାରମ୍ଭ କରିଛି, ଯାହା ବିଦେଶରୁ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବ । ଏଥିପାଇଁ ୧୧,୪୪୦ କୋଟି ଟଙ୍କାର ବଜେଟ ପ୍ରାବଧାନ କରାଯାଇଛି । ଏହି ମିଶନ ୨୦୩୦-୩୧ ମସିହା ସୁଦ୍ଧା ଦେଶରେ ୩୫୦ ଲକ୍ଷ ଟନ୍ ଡାଲିଜାତୀୟ ଶସ୍ୟ ଉତ୍ପାଦନ ଏବଂ ୩୧୦ ଲକ୍ଷ ହେକ୍ଟର ଡାଲିଜାତୀୟ ଶସ୍ୟ ଉତ୍ପାଦନ କ୍ଷେତ୍ର ବୃଦ୍ଧି କରିବାର ଲକ୍ଷ୍ୟ ରଖିଛି ।

ପ୍ରଥମଥର ପାଇଁ କୃଷକମାନେ ବିରି, ହରଡ଼ ଓ ମସୁର ଡାଲି ଚାଷ କରି ଆସନ୍ତା ଚାରି ବର୍ଷ ଯାଏଁ ତାଙ୍କ ଉତ୍ପାଦ ଉପରେ ୧୦୦ ପ୍ରତିଶତ ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି)ର ସୁନିଶ୍ଚିତ ଲାଭ ପାଇବେ । ଏହାର ପଛରେ ଗୁଣମାନଯୁକ୍ତ ବିହନର ବ୍ୟାପକ ବଣ୍ଟନ ଏବଂ ସୁସଂଗଠିତ ବ୍ୟବସ୍ଥା ମୁଖ୍ୟ ଭୂମିକା ନିଭାଇଛି ।

ଏହି ପଦକ୍ଷେପ ଦେଶର ପ୍ରାୟ ୨ କୋଟି କୃଷକଙ୍କୁ ଲାଭାନ୍ୱିତ କରିବା ସହ ଡାଲିଜାତୀୟ ଶସ୍ୟର ମୂଲ୍ୟ ଶୃଙ୍ଖଳକୁ ସୁଦୃଢ଼ କରିବ । ଏହା ଦ୍ୱାରା କୃଷକମାନଙ୍କ ଆୟରେ ସ୍ଥିରତା ଆସିବା ସହ ପୁଷ୍ଟି ସୁରକ୍ଷାକୁ ମଧ୍ୟ ସୁନିଶ୍ଚିତ କରାଯିବ । ତେଣୁ ଡାଲିଜାତୀୟ ଫସଲ ଉତ୍ପାଦନରେ ଦେଶକୁ ଆତ୍ମନିର୍ଭର କରିବା ଦିଗରେ ଏହା ଏକ ନିର୍ଣ୍ଣାୟକ ଓ ଐତିହାସିକ ପଦକ୍ଷେପ ଭାବେ ବିବେଚନା କରାଯାଉଛି ।

ଫାର୍ମ- ଶିଳ୍ପ ସଂଯୋଗର ସୁଦୃଢ଼ୀକରଣ : କପା ମିଶନ - ପାଞ୍ଚ ବର୍ଷିଆ କପା ମିଶନ, ଯାହା ୨୦୨୫-୨୬ ମସିହାର କେନ୍ଦ୍ର ବଜେଟରେ ଘୋଷଣା କରାଯାଇଛି, ତାହା ଉତ୍ପାଦନ ବୃଦ୍ଧି, ବିଶେଷ କରି ଅତିରିକ୍ତ ଦୀର୍ଘ ତଥା ମଜଭୁତ କପା ଉତ୍ପାଦନ ନିମନ୍ତେ ଉଦ୍ଦିଷ୍ଟ, ଏବଂ ଏଥି ନିମନ୍ତେ ବିଜ୍ଞାନ ଓ ପ୍ରଯୁକ୍ତି ସହାୟତା ମଧ୍ୟ ଯୋଗାଇ ଦିଆଯାଉଛି ।

ଗୁଣମାନଯୁକ୍ତ କପାର ତ୍ୱରିତ ଏବଂ ନିରବିଚ୍ଛିନ୍ନ ଯୋଗାଣକୁ ସୁନିଶ୍ଚିତ କରି, ଏହି ମିଶନ ଭାରତର ବୟନ ଶିଳ୍ପ କ୍ଷେତ୍ରକୁ ଶକ୍ତିଶାଳୀ କରୁଛି । ଏହି କ୍ଷେତ୍ରର ପ୍ରାୟ ୮୦ ପ୍ରତିଶତ କ୍ଷମତା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମଏସଏମଇ) ଦ୍ୱାରା ଚାଳିତ ହେଉଥିବା ବେଳେ, ୫ଏଫ ପରିକଳ୍ପନା ଏହାକୁ ସୁଦୃଢ଼ ଆଧାର ପ୍ରଦାନ କରୁଛି ।

ଏହାର ଫଳରେ କୃଷି କ୍ଷେତ୍ର ସିଧାସଳଖ ଭାବେ ବୈଶ୍ୱିକ ବଜାର ସହ ସଂଯୁକ୍ତ ହୋଇ, କୃଷିକୁ ଶିଳ୍ପୀୟ କ୍ଷେତ୍ରର ଏକ ମୁଖ୍ୟ ଚାଳକ ଓ ଆର୍ଥିକ ବୃଦ୍ଧିର ପ୍ରମୁଖ ବାହକ ଭାବେ ପ୍ରତିଷ୍ଠା କରୁଛି ।

E-mail.eekalahandi@gmail.com
FAX No.06670-230512
GOVERNMENT OF ODISHA
OFFICE OF THE SUPERINTENDING ENGINEER KALAHANDI (R&B) DIVISION BHAWANIPATNA
E-Procurement Notice
Bid Identification No. BC KLD-09/2025-2026
B-886
No.15119 Dated. 20.12.2025

| | | | |
|---|---|---|---|
| 1 | No. of the work: | : | 03 (Three) Civil works |
| 2 | Estimated cost: | : | Rs 19.00 to 66.00 Lakhs |
| 3. | Period of completion: | : | 04 (Four) calendar Months to 06(Six) calendar Months |
| 4. | Date and time of availability of bid document in the portal: | : | 11.00 hrs of 30.12.2025 to 17.00 hrs of 10.01.2026 |
| 5 | Last date/Time for receipt of bid in the portal: | : | 17.00hour of 10.01.2026 |
| 6 | Name and address of the Officer Inviting Bid: | : | Superintending Engineer, Kalahandi(R&B)Division, Bhawanipatna |
| 7 | Opening of the Single / Double Cover Bid | : | On 12.01.2026 at 11.00 AM in the Office of the Superintending Engineer, Kalahandi(R&B)Division, Bhawanipatna |

Further details can be seen from the e-procurement portal https://tendersodisha.gov.in
Sd/- Superintending Engineer
Kalahandi (R&B) Division
OIPR-34017/11/0019/2526

GOVERNMENT OF ODISHA, "e"-PROCUREMENT NOTICE
OFFICE OF THE SUPERINTENDING ENGINEER, KHARIAR (R&B) DIVISION, KHARIAR.
E-mail: eeroads.khr@rediffmail.com
E-Procurement Notice-18
B-875
No. 6670 Date 19.12.2025
Invitation For Bids
Bid Identification No. SER&BKHR - 18 /2025-26

| | | |
|---|---|---|
| 1 | The Superintending Engineer, Khariar (R&B) Division, Khariar on behalf of Governor of Odisha, invites percentage rate bids in Single Cover system in ONLINE MODE only. | |
| 2 | Nature of work | Building work-cool Painting/CCTV Surveillance System. |
| 3 | No. of work | 03No. works. |
| 4 | Tender Paper cost | As specified in the notice for the respective Work, to be remit online only. |
| 5 | Class of Contractor | As specified in the notice for the respective Work. |
| 6 | Availability of Bid Documents in the website | 10.00 hours of 30.12.2025 to 17.00 Hours of 08.01.2026 |
| 7 | Date of opening of Technical Bid | Dt. 09.01.2026 at 11:00 hours |
| 8 | EMD/Bid Security | As specified in the notice to be remitted on line only |
| 9 | The Bidders shall have to participate in ONLINE bidding only. Further details can be seen from the website: https://www.tendersodisha.gov.in. Any addendum / corrigendum / cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

Sd/- Superintending Engineer
Khariar (R&B) Division, Kariar
OIPR-34062/11/0054/2526

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, JEYPORE
e-Procurement for Building works
Bid Identification No: EERWJYP - Online -10/2025-26
O-1855
Letter No. 5902 Date: 22.12.2025

01. Name of the work :: Building works
02. Total Number of works :: 03 (Three) Nos.
03. Approximate Estimated cost :: Rs. 2.99 lakhs to Rs. 9.96 lakhs (approximately)
04. Class of Contractor :: "D" & "C" Class
05. Period of Completion :: within 01 Month
06. Other Details

| Procurement Officer | Bid Identification No. | Sl No. of work in notice | Availability of tender online for bidding | | Last date and time of seeking tender clarification | Date of Opening |
|---|---|---|---|---|---|---|
| | | | From | To | | |
| Executive Engineer, R.W. Division, Jeypore | Online Tender-10/ RWD-JYP/2025-26 | 03 Nos. | 30.12.2025 at 10.00 A.M | 06.01.2025 upto 5.00 P.M. | 05.01.2025 at 1.30 P.M | 07.01.2026 at 10.00 A.M |

Further details can be seen from the website www.tendersodisha.gov.in/nicgep/app
All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.
*N.B. Any Addendum or Corrigendum will be available in the Website only.
Sd/- Executive Engineer,
Rural Works Division: Jeypore.
OIPR-25160/11/0030/2526





# ଧନୁଯାତ୍ରା ମହୋତ୍ସବର ପଞ୍ଚମ ଦିବସରେ ଚିତ୍ତାକର୍ଷକ ଥିଲା ମଥୁରାନଗରୀ : ଆଜି ଧନୁଯାତ୍ରା ଦେଖିବେ ମୁଖ୍ୟମନ୍ତ୍ରୀ

**ବରଗଡ, ନ୍ୟୁଜ ବ୍ୟୁରୋ**



ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ ଧନୁଯାତ୍ରା ମହୋତ୍ସବରେ ମଥୁରାନଗରୀ ଉଠୁଛି ଓ ପଡୁଛି। କଂସ ମହାରାଜଙ୍କ ଅତ୍ୟାଚାରରେ ସମଗ୍ର ମଥୁରା ନଗରୀ ଥରହର ହୋଇପଡୁଛି । ଏହି ମହୋତ୍ସବ ଦେଖିବା ପାଇଁ ଆସନ୍ତା ୩୦ ତାରିଖ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଥୁରା ନଗରୀକୁ ପହଞ୍ଚିବେ। ରବିବାର ବରଗଡ଼ ଧନୁଯାତ୍ରା ମହୋତ୍ସବ ରାଜ ଦରବାରରେ ରାଜ ଅତିଥିଭାବେ ଯୋଗଦେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏଭଳି ସୂଚନା ଦେଇଛନ୍ତି। ରାଜସ୍ୱ ମନ୍ତ୍ରୀ ଏହି ସୂଚନା ଦେବା ପରେ କଂସ ମହାରାଜ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନୁଯାତ୍ରା ଅଭିନନ୍ଦନ ଜଣାଇ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

ଶ୍ରୀକୃଷ୍ଣ ଓ ବଳରାମଙ୍କ ଅପୂର୍ବ ଲୀଳାରେ ବିମୋହିତ ହୋଇଯାଇଛନ୍ତି ସମଗ୍ର ଗୋପପୁରବାସୀ। ଏପଟେ ସମସ୍ତ ରାକ୍ଷସ-ରାକ୍ଷସୀଙ୍କ ନିହତ ହେବା ଖବର ଶୁଣି ବିଚଳିତ ହୋଇ ଶ୍ରୀକୃଷ୍ଣ-ବଳରାମଙ୍କୁ ହତ୍ୟା କରିବା ପାଇଁ ଆଉ ଏକ ଷଡ଼ଯନ୍ତ୍ର ରଚିଛନ୍ତି ମହାରାଜ କଂସ। ରାଣୀ ପଦ୍ମାବତୀଙ୍କ ଧନଶ୍ରୀ ଓଷା ପାଇଁ ଲକ୍ଷେଭାର ପଦ୍ମ ପଠାଇବା ଲାଗି ନନ୍ଦରାଜାଙ୍କୁ ଚିଟାଉ ପଠାଇଛନ୍ତି ମଥୁରା ନରେଶ। ଲକ୍ଷେଭାର ପଦ୍ମ ତୋଳିବା ପାଇଁ ଗୋପାଳ ବାଳକଙ୍କ ସହ କାଳିନ୍ଦୀ ହ୍ରଦକୁ ଶ୍ରୀକୃଷ୍ଣ-ବଳରାମ ଆସିବା ବେଳେ କାଳୀୟ ନାଗ ଦଂଶନ କରିବାକୁ ଉଦ୍ୟମ କରିଥିଲା। କାଳୀୟ ନାଗର ମସ୍ତକ ଉପରେ ନୃତ୍ୟ କରି ଦର୍ପଦଳନ କରିବା ସହ ସେହି ହ୍ରଦକୁ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦେଇଥିଲେ ଶ୍ରୀକୃଷ୍ଣ। ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରାର ପଞ୍ଚମ ଦିନରେ ଗୋପପୁରରେ ହୋଇଥିବା କାଳୀୟ ଦଳନ ନାଟକରେ ସମସ୍ତ କଳାକାରଙ୍କ ଜୀବନ୍ତ ଅଭିନୟ ବେଶ୍ ମନଛୁଆଁ ହୋଇଥିଲା। ଏହାକୁ ସ୍ଥାନୀୟ ଦର୍ଶକ ଓ ପର୍ଯ୍ୟଟକମାନେ ଉପଭୋଗ କରିଥିଲେ।

ସେହିପରି ରବିବାର ଥିଲା ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ବରଗଡ଼ ଧନୁଯାତ୍ରା ମହୋତ୍ସବର ପଞ୍ଚମ ଦିବସ। ଉଭୟ ମଥୁରାନଗରୀ ଏବଂ ଗୋପପୁର ଦୃଶ୍ୟାଭିନୟ ଚିତ୍ତାକର୍ଷକ ଥିଲା। ଗୋପପୁରରେ ଦୁଇଭାଇ ଯାମଳାର୍ଜୁନ ଭଗବାନ ଶ୍ରୀକୃଷ୍ଣଙ୍କ ଦ୍ୱାରା ଉଦ୍ଧାର ହୋଇଥିଲେ। ସେହିପରି ଗୋପାଳ ବାଳକଙ୍କ ଗହଣରେ ବେନିଭାଇଙ୍କ ବଣଭୋଜି, ଭଗବାନ୍ ଶ୍ରୀକୃଷ୍ଣଙ୍କୁ ବ୍ରହ୍ମାଙ୍କ ମୋହନ ବଇଁଶୀ ପ୍ରଦାନ ଏବଂ କାଳିନ୍ଦୀ ହ୍ରଦରେ କାଳୀୟଦଳନ ଦୃଶ୍ୟାଭିନୟ ଦର୍ଶକଙ୍କୁ ବେଶ୍ ଆମୋଦିତ କରିଥିଲା। କୃଷ୍ଣ ଦହିହାଣ୍ଡି ଭାଙ୍ଗିଦେବାରୁ ଯଶୋଦା ଶ୍ରୀକୃଷ୍ଣଙ୍କୁ ବୃକ୍ଷରେ ବାନ୍ଧି ଦେଇଥିବାବେଳେ ଭଗବାନ ଶ୍ରୀକୃଷ୍ଣ ଶାପଗ୍ରସ୍ତ ଦୁଇ ଗର୍ନ୍ଧବ ଭାଇ ଯାମଳାର୍ଜୁନଙ୍କୁ ମୁକ୍ତ ଦୃଶ୍ୟାଭିନୟ ହୃଦୟସ୍ପର୍ଶୀ ହୋଇଥିଲା। ଏହି ଦୃଶ୍ୟାଭିନୟ ଦେଖିବା ପାଇଁ ପ୍ରବଳ ଦର୍ଶକଙ୍କ ଭିଡ଼ ହୋଇଥିଲା। ଅନ୍ୟପଟେ ସବୁଦିନ ଭଳି କଂସ ମହାରାଜ ନିଜ ପାତ୍ରମନ୍ତ୍ରୀଙ୍କ ଗହଣରେ ରାଜମହଲରୁ ମଥୁରା ଭ୍ରମଣରେ ବାହାରିଥିଲେ ଏବଂ ରଙ୍ଗମହଲକୁ ପହଞ୍ଚିଥିଲେ। ଗୋପପୁରରେ ଷଡ଼ମଲ୍ଲଙ୍କ ନିଧନ ପରେ ବିବ୍ରତ ଥିବା କଂସ ମହାରାଜ ନାଚଗୀତରେ ମସ୍‌ଗୁଲ ହୋଇଥିଲେ। ପରେ ରାଜଦରବାର ଅଭିମୁଖେ କଂସ ମହାରାଜ ବାହାରିଥିଲେ। ରାଜଦରବାରରେ ପହଞ୍ଚିବା ପରେ କଂସ ମହାରାଜ ବେନିଭାଇ କୃଷ୍ଣ, ବଳରାମଙ୍କୁ କିଭଳି ହତ୍ୟା କରିବେ, ସେନେଇ ମହାମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ନାରଦଙ୍କ ପରାମର୍ଶକ୍ରମେ କରଦ ରାଜାମାନଙ୍କୁ ଆମନ୍ତ୍ରଣ କରିବା ପାଇଁ ଯୋଜନା କରିଥିଲେ। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ରାଜ ଅତିଥିଭାବେ ଯୋଗଦେଇଥିଲେ। ସୋମବାର ରାଜଦରବାରରେ ରଙ୍ଗସଭା ଏବଂ ଗୋପପୁରରେ ବସ୍ତ୍ରହରଣ ଦୃଶ୍ୟାଭିନୟ କାର୍ଯ୍ୟକ୍ରମ ରହିଛି।

# ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ସଚିବଙ୍କ ୟୁଆଇଏଲ୍ ସିଏସଆର୍ ପ୍ରକଳ୍ପ ପରିଦର୍ଶନ

**ରାୟଗଡ଼ା, ନ୍ୟୁଜ ବ୍ୟୁରୋ**




ରାୟଗଡ଼ା ଜିଲ୍ଲା ଟିକିରି ଅନ୍ତର୍ଗତ ଦୋରାଗୁଡ଼ା ସ୍ଥିତ ଉତ୍କଳ ଆଲୁମିନା ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଆଦିତ୍ୟ ବିର୍ଲା ଗ୍ରୁପର ସହଯୋଗୀ କମ୍ପାନୀ ଏହାର ସିଏସଆର୍ ଅନ୍ତର୍ଗତ ଚାଲିଥିବା ପ୍ରକଳ୍ପ ଗୁଡ଼ିକୁ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ସଚିବ ଶ୍ରୀମତୀ ଯାମିନି ଷଡ଼ଙ୍ଗୀ (ଭାପ୍ରସେ) ପରିଦର୍ଶନ କରିଛନ୍ତି। ଶ୍ରୀମତୀ ଷଡ଼ଙ୍ଗୀଙ୍କ ଗସ୍ତ ସମୟରେ ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି (ଭାପ୍ରସେ) ଉପସ୍ଥିତ ଥିଲେ। ସ୍ଥାନୀୟ ବିଲାମାଳ ଠାରେ ଉତ୍କଳ ଆଲୁମିନା ସିଏସଆର୍ ଅନ୍ତର୍ଗତ ପ୍ରତିଷ୍ଠା ହୋଇଥିବା ଦୁଇଗୋଟି ପ୍ରକଳ୍ପ ଯଥା ସୋଲାର ଚାଳିତ ଶୀତଳ ଭଣ୍ଡାର ଓ ରୋଷ୍ଟେଡ ମିଲେଟ ୟୁନିଟକୁ ପରିଦର୍ଶନ କରିଥିଲେ। ଉତ୍କଳ ଆଲୁମିନା ପକ୍ଷରୁ ଗ୍ରାମାଞ୍ଚଳରେ ଏଭଳି ଲୋକାଭିମୁଖୀ କାର୍ଯ୍ୟ କରିଥିବାରୁ କମ୍ପାନୀ କର୍ତୃପକ୍ଷଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ। ସୋଲାର ଚାଳିତ ଶୀତଳ ଭଣ୍ଡାର ଦ୍ୱାରା ସ୍ଥାନୀୟ ଅଞ୍ଚଳର ୧୮୦ ଜଣ ଚାଷୀ ଉପକୃତ ହୋଇଥିବା ବେଳେ ଏଭଳି ଦୁର୍ଗମ ଅଞ୍ଚଳରେ ଚାଷୀ ନିଜ ଉତ୍ପାଦିତ ପନିପରିବା ଫସଲ ଦୀର୍ଘ ଦିନ ଯାଏଁ ସତେଜ ରଖିବା ସହ ବାହାର ବଜାରରେ ବିକ୍ରୟ କରି ଲାଭବାନ ହେଉଅଛନ୍ତି। ଏଥିପାଇଁ ଶ୍ରୀମତୀ ଷଡ଼ଙ୍ଗୀ ଉତ୍କଳ ଆଲୁମିନା ପଦକ୍ଷେପକୁ ସାଧୁବାଦ୍ ଜଣାଇବା ସହ ଆଗାମୀ ଦିନରେ ପ୍ଲାଣ୍ଟ ପାର୍ଶ୍ୱସ୍ଥ ଗାଁ ଗୁଡିକରେ ଏହାକୁ ଆହୁରି ବ୍ୟାପକ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ରୋଷ୍ଟେଡ ମିଲେଟ୍ ୟୁନିଟକୁ ପରିଦର୍ଶନରେ ଯାଇ ସେଠାରେ ମାଣ୍ଡିଆରେ ତିଆରି ବିଭିନ୍ନ ବିସ୍କିଟ ଓ କୁକିଜ୍ ଆଦି ଦେଖି ଖୁସି ବ୍ୟକ୍ତ କରିଥିଲେ। ଆଦିବାସୀ ବହୁଳ ରାୟଗଡ଼ା ଜିଲ୍ଲାରେ ଏଭଳି ଅଭିନବ ପ୍ରୟାସ ପାଇଁ ସିଏସଆର୍ ଟିମକୁ ପ୍ରଶଂସା କରିଥିଲେ। ଶ୍ରୀମତୀ ଷଡ଼ଙ୍ଗୀଙ୍କ ଗସ୍ତ ସମୟରେ ଉତ୍କଳ ଆଲୁମିନା ସିଏସଆର୍ ମୁଖ୍ୟ ଲୋପାମୁଦ୍ରା ମିଶ୍ର, ମାନବ ସମ୍ବଳ ପ୍ରମୁଖ ନାରାୟଣ ମୀତ୍ରା, ସିଏସଆର୍ କର୍ମକର୍ତ୍ତା କର୍ତ୍ତିକେଶ୍ୱର୍ ସାହୁ, ସୌମ୍ୟରଞ୍ଜନ ସ୍ୱାଇଁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନର ୨୧୧ ତମ ଆଲୋଚନାଚକ୍ର

# ବନ୍ଦେ ମାତରମ୍ ଗର୍ବ, ଗୌରବ ଓ ଅସ୍ମିତାର ପ୍ରତୀକ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭାରତୀୟ ସଂସ୍କୃତି ଓ ଦର୍ଶନ ଆଦିକାଳରୁ ମାତୃତ୍ୱର ଉପାସନା ଓ ସମ୍ମାନ କରିଆସିଛି। ବୈଦିକ ଯୁଗରୁ ଆରମ୍ଭ ହୋଇଛି ମାତୃଭୂମିର ସଂସ୍କାର। ରାମାୟଣରେ ରାମଚନ୍ଦ୍ର ଜନନୀ ଓ ମାତୃଭୂମି ସ୍ୱର୍ଗଠାରୁ ମହାନ୍ ବୋଲି ସ୍ୱୀକାର କରି ମାତୃଭୂମିକୁ ଉଚ୍ଚସ୍ଥାନରେ ବସାଇଛନ୍ତି। ବଙ୍କିମଚନ୍ଦ୍ରଙ୍କ ବନ୍ଦେ ମାତରମ୍ ହେଉଛି ପ୍ରକୃତି ମାତାର ବନ୍ଦନା। ଆଜି ବିଶ୍ୱ ଧ୍ୱଂସ ଅଭିମୁଖେ ଅଗ୍ରସର ହେବାକୁ ଯାଉଥିବାରୁ ବନ୍ଦେ ମାତରମ୍‌କୁ ସ୍ମରଣ କରି ମନେ ରଖିବାକୁ ହେବ ଯେ ପୃଥିବୀମାତାର ସ୍ଥିତି ଥିଲେ ସୃଷ୍ଟି ବଞ୍ଚିବ ବୋଲି କହିଛନ୍ତି ସଭାପତି ପଦ୍ମଶ୍ରୀ ଅଶୋକ କୁମାର ମହାପାତ୍ର। ଭାରତୀୟ ବିଦ୍ୟାଭବନର ସଭାଗୃହରେ ଡାକ୍ତର ଅଶୋକ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବନ୍ଦେ ମାତରମ୍ : କିଛି ଜଣା କିଛି ଅଜଣା ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ରୂପେ 'ନିତିଦିନ'ର ସମ୍ପାଦକ ଶ୍ରୀ ମନୋଜ କୁମାର ମହାପାତ୍ର କହିଥିଲେ ଯେ, ବନ୍ଦେ ମାତରମ୍‌ର ୧୫୦ତମ ବାର୍ଷିକୀ ଉପଲକ୍ଷେ ଆମେ ତର୍ଜମା କଲେ ହୃଦୟଙ୍ଗମ କରିପାରିବା ଯେ ଏହି ଦୁଇଟି ଶବ୍ଦର ଯାଦୁ କିପରି ଭାରତବର୍ଷର ସ୍ୱାଧୀନତା ସଂଗ୍ରାମରେ ମନ୍ତ୍ର ଭଳି କାମ କରିଥିଲା। ବନ୍ଦେ ମାତରମ୍ ଭାରତ ବର୍ଷର ଗର୍ବ ଗୌରବ ଓ ଅସ୍ମିତାର ପ୍ରତୀକ। ନିଜେ ରବିନ୍ଦ୍ର ନାଥ ଟାଗୋର ଏହି ଗୀତକୁ ରାଷ୍ଟ୍ରଗାନ ରୂପେ ସ୍ୱୀକାର କରିବାକୁ ପ୍ରସ୍ତାବ ଦେଇଥିଲେ ଓ ନିଜେ ମଧ୍ୟ ସ୍ୱର ଦେଇଥିଲେ। ସେ ସ୍ୱାମୀ ବିବେକାନନ୍ଦ, ଭଗିନୀ ନିବେଦିତା ଓ ରାମକୃଷ୍ଣଙ୍କ ବହୁ ଉଦାହରଣ ଦେଇ ବନ୍ଦେ ମାତରମ୍‌କୁ କିପରି ପ୍ରାଧାନ୍ୟ ଦେଉଥିଲେ ତା'ର ବର୍ଣ୍ଣନା କରିଥିଲେ। ଭାରତବର୍ଷର ବିଭିନ୍ନ ସହରରେ ତଥା ଭାରତ ବାହାର ବିଭିନ୍ନ ରାଷ୍ଟ୍ରରେ ଭାରତୀୟମାନେ ଏହି ଗୀତକୁ ଆବୃତ୍ତି କରି ପ୍ରେରଣା ପାଇ ଆସିଥିଲେ। ମୁଖ୍ୟବକ୍ତା 'ପୌରୁଷ'ର ସଂପାଦକ ଶ୍ରୀ ଅସିତ ମହାନ୍ତି ବଙ୍କିମଚନ୍ଦ୍ରଙ୍କ ବଙ୍ଗଦର୍ଶନ ପତ୍ରିକାର ୭ ନଭେମ୍ବର, ୧୮୭୫ ସଂଖ୍ୟାରେ ପ୍ରଥମ ଥର ପାଇଁ ପ୍ରକାଶିତ ହୋଇଥିବା ବନ୍ଦେ ମାତରମ୍‌ର ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରେ ଏହାର ଜୟଯାତ୍ରାର ବିଶେଷ ବିବରଣୀ ଦେଇ କହିଥିଲେ ଯେ ବଙ୍କିମ ଚନ୍ଦ୍ରଙ୍କ ବନ୍ଦେମାତରମ୍ ଭଳି ଓଡ଼ିଶାରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ବନ୍ଦେ ଉତ୍କଳ ଜନନୀ ଓ ରାଧାନାଥ ରାୟଙ୍କ ସର୍ବେସାଂ ନୋ ଜନନୀ ଭାରତ ଧରଣୀ ମଧ୍ୟ ସମଭାବାପନ୍ନ ଗୀତ ଯାହା ବେଶ୍ ପ୍ରଭାବ ପକାଇଥିଲା। ବନ୍ଦେ ମାତରମ୍ କେବଳ ଗୀତରେ ସୀମିତ ନ ରହି ଗୋଟିଏ ଆନ୍ଦୋଳନରେ ପରିଣତ ହୋଇଥିଲା ବୋଲି ବହୁ ତଥ୍ୟ ଦେଇ ଶ୍ରୀ ମହାନ୍ତି ଦର୍ଶାଇଥିଲେ। ଏହି ସଭାରେ ନାଇଜରର ପ୍ରାକ୍ତନ କୁଳସଚିବ ଡକ୍ଟର ଅଭୟ କୁମାର ନାୟକ, କେନ୍ଦ୍ର ସାହିତ୍ୟ ଏକାଡେମୀର ପ୍ରାକ୍ତନ ପ୍ରୋଗ୍ରାମ ଅଫିସର ଡକ୍ଟର ମିହିର କୁମାର ସାହୁ, ଅନୁବାଦକ ମିହିର କୁମାର ପଟ୍ଟନାୟକ ଓ ବାବାଜୀ ଚରଣ ବିଶ୍ୱାଳ ଆଦି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମୁକ୍ତ ଚିନ୍ତନ ମଞ୍ଚର ସମ୍ପାଦକ ପୀତବାସ ରାଉତରାୟ ସ୍ୱାଗତ ଭାଷଣ ଦେଇଥିଲେ ଓ ଆବାହକ ରମାକାନ୍ତ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ପ୍ରାରମ୍ଭରୁ ଶ୍ରୀମତୀ ମଧୁସ୍ମିତା ବିଶ୍ୱାଳ ଓ ଭଜକୃଷ୍ଣ ମହାନ୍ତି ଭକ୍ତିସଂଗୀତ ପରିବେଷଣ କରିଥିଲେ।

# କୀଟନାଶକ ଖାଇ ବାପ ଓ ମାଆଙ୍କ ମୃତ୍ୟୁ ଘଟିଥିବା ବେଳେ ୫ ବର୍ଷର ଶିଶୁପୁତ୍ର ଗୁରୁତର

**କଟକ, ନ୍ୟୁଜ ବ୍ୟୁରୋ**

ପାରିବାରିକ କଳହରେ ଗୁରୁତର ହୋଇଥିବା ୫ ବର୍ଷର ଶିଶୁ ଏବେ କଟକର ଶିଶୁଭବନରେ ଚିକିତ୍ସିତ ହେଉଛି। ତାର ଅବସ୍ଥା ସ୍ଥିର ଥିବା ଜଣାଯାଇଛି। କୀଟନାଶକ ଖାଇ ବାପ ଓ ମାଆଙ୍କ ମୃତ୍ୟୁ ଘଟିଥିବା ବେଳେ ୫ ବର୍ଷର ଶିଶୁପୁତ୍ର ଗୁରୁତର ହୋଇଥିଲା । ସୂଚନା ଅନୁସାରେ, ଗତ ବୁଧବାର ଦିନ ପଳସମା ପଞ୍ଚାୟତର ଜିୟନ୍ତପାଲି ଗ୍ରାମର ଦୁଷ୍ମନ୍ତ ମାଝୀ ଓ ସ୍ତ୍ରୀ ରିଙ୍କି ମାଝୀ ଶିଶୁପୁତ୍ରକୁ ଧରି ଶ୍ୱଶୁର ଘର ଚଢ଼େଇମରା ପଞ୍ଚାୟତର ଝରାବେରେଣୀ ଗ୍ରାମକୁ ଆସିଥିଲେ। ସେଠାରେ ପରିବାର ସହ ଭୋଜି ସାରି ଶନିବାର ଫେରୁଥିବାବେଳେ କୌଣସି କାରଣକୁ ନେଇ ଦୁଷ୍ମନ୍ତ ଓ ରିଙ୍କିଙ୍କ ମଧ୍ୟରେ ବଚସା ହୋଇଥିଲା। ତେବେ ବଚସା ପରେ ଦୁଷ୍ମନ୍ତ ଓ ରିଙ୍କି ଦଳକ ଛକ ରାସ୍ତା କଡ଼ରେ ବାଇକ୍ ରଖି ୫ ବର୍ଷର ଶିଶୁପୁତ୍ରକୁ ଛାଡ଼ିଦେଇ ଜଙ୍ଗଲ ଭିତରେ କୀଟନାଶକ ଖାଇ ଦେଇଥିଲେ। ଦୁଷ୍ମନ୍ତଙ୍କ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ସ୍ତ୍ରୀ ରିଙ୍କି ଗୁରୁତର ଥିଲେ।ତେବେ ବାପା,ମା ଫେରିବା ବିଳମ୍ବ ହେବାରୁ ୫ ବର୍ଷର ଶିଶୁପୁତ୍ର ରିଷି ଭୀଷଣ ଶୀତ ରାତିରେ ଜଙ୍ଗଲ ଭିତରକୁ ଯାଇ ସେମାନଙ୍କୁ ଖୋଜାଖୋଜି କରିବା ପରେ ପାଇଥିଲା।

# ବସ ଧକ୍କାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

**ବାରିପଦା, ନ୍ୟୁଜ ବ୍ୟୁରୋ**

ସ୍ୱାମୀ ଆଖି ଆଗରେ ସ୍ତ୍ରୀର ଜୀବନ ଚାଲିଯାଇଛି। ବାଇକକୁ ପଛପଟୁ ବସ୍ ଧକ୍କା ଦେବାରୁ ଦୁର୍ଘଟଣାରେ ସ୍ତ୍ରୀର ମୃତ୍ୟୁ ଘଟିଥିବା ବେଳେ ସ୍ୱାମୀ ଆହତ ହୋଇଛନ୍ତି। ୧୮ନଂ ଜାତୀୟ ରାଜପଥର ବାଙ୍ଗରିପୋଷି ଥାନା ଅନ୍ତର୍ଗତ କଳାବାଡ଼ିଆ ନିକଟରେ ଘଟିଛି ଦୁର୍ଘଟଣା। ଗୁରୁତର ଥିବା ସ୍ୱାମୀଙ୍କୁ ବାରିପଦା ଚଜଗ ମେଡିକାଲରେ ଭର୍ତ୍ତି କରାଯାଇଛି । ମୟୂରଭଞ୍ଜ ଜିଲ୍ଲା ଝାରପୋଖରୀଆ ଥାନା ଅନ୍ତର୍ଗତ ଦୋରଖୋଳି ଗ୍ରାମର ଦୀପକ କୁମାର ପୁଷ୍ଟି ବୟସ ୩୦ ଓ ତାଙ୍କ ପତ୍ନୀ କଲ୍ୟାଣି ପୁଥାଳ ବୟସ ୨୫। ସୂଚନା ଅନୁଯାୟୀ, ତାଙ୍କ ପତ୍ନୀଙ୍କୁ ଧରି ଏକ ବାଇକ ଯୋଗେ ସାରସକଣାରୁ ବାରିପଦା କୌଣସି ଏକ କାର୍ଯ୍ୟରେ ଯାଉଥିଲେ ତେବେ ୧୮ନଂ ଜାତୀୟ ରାଜପଥ କଳାବାଡ଼ିଆ ନିକଟରେ ପଛ ପଟରୁ ଆସୁଥିବା ଏକ ପିକନିକ ବସ ଧକ୍କା ଦେଇଥିଲା। ଫଳରେ ପତ୍ନୀଙ୍କ ଅଣ୍ଟା ଓ ପେଟରେ ଗଭୀର ଆଘାତ ଲାଗିବାରୁ ଘଟଣା ସ୍ଥଳରେ ହିଁ ପତ୍ନୀ ପ୍ରାଣ ହରାଇଥିବା ବେଳେ ସ୍ୱାମୀ ଗୁରୁତର ଆହତ ହୋଇଥିଲେ । ଦୁର୍ଘଟଣା ଘଟାଇ ବସଟି ଫେରାର ହୋଇଯାଇଛି । ଘଟଣା ସ୍ଥଳରେ ବାଙ୍ଗରିପୋଷି ପୁଲିସ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଥିବାବେଳେ ବାରିପଦା ବାରୁଣୀ ଘାଟରେ ଶେଷକୃତ ସମ୍ପର୍ଣ୍ଣ ହୋଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୭୯ ହଜାର କୋଟି ...

କରିବା ପାଇଁ ଅତ୍ୟାଧୁନିକ ଅସ୍ତ୍ର ମାର୍କ-୨ କ୍ଷେପଣାସ୍ତ୍ର, ପାଇଲଟମାନଙ୍କୁ ତାଲିମ ଦେବା ପାଇଁ ତେଜସ ବିମାନର ଫୁଲ୍ ମିଶନ ସିମୁଲେଟର ସାମିଲ ରହିଛି। ଏହି ସମସ୍ତ ଅତ୍ୟାଧୁନିକ ଉପକରଣ ଓ ପ୍ରଯୁକ୍ତିବିଦ୍ୟା ଭାରତୀୟ ସଶସ୍ତ୍ର ବାହିନୀର କ୍ଷମତାକୁ ବୃଦ୍ଧି କରିବା ସହ ସୀମା ସୁରକ୍ଷାକୁ ଆହୁରି ମଜଭୁତ କରିବ ବୋଲି ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ଆରାବଳି ବିବାଦ...

ବେଆଇନ ଖଣି ଖନନ ବୃଦ୍ଧି ପାଇବାର ଆଶଙ୍କା ଥିବାରୁ କୋର୍ଟ ଏହା ଉପରେ ଏକ ସ୍ୱତଃ ପ୍ରବୃତ୍ତ ମାମଲା ରୁଜୁ କରିଥିଲେ। ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି ଯେ, କୌଣସି ନୂତନ ନିୟମ ଲାଗୁ ହେବା ପୂର୍ବରୁ ଏହାର ନିରପେକ୍ଷ ଏବଂ ସ୍ୱାଧୀନ ଭାବରେ ବିଶେଷଜ୍ଞଙ୍କ ତଦନ୍ତ ହେବା ଆବଶ୍ୟକ। ବିଶେଷଜ୍ଞ କମିଟିର ରିପୋର୍ଟ ଏବଂ କୋର୍ଟଙ୍କ ପର୍ଯ୍ୟବେକ୍ଷଣର ଭୁଲ୍ ବ୍ୟାଖ୍ୟା କରାଯାଉଥିବା ନେଇ ଆଶଙ୍କା ପ୍ରକାଶ ପାଇବା ପରେ କୋର୍ଟ ଏହି ନିଷ୍ପତ୍ତି ନେଇଛନ୍ତି। ଉଲ୍ଲେଖନୀୟ ଯେ, ୨୦ ନଭେମ୍ବରରେ ସୁପ୍ରିମକୋର୍ଟ ଆରାବଳି ପର୍ବତ ଓ ପର୍ବତମାଳାର ଏକାଭଳି ପରିଭାଷାକୁ ସ୍ୱୀକାର କରି ଏହା ଉପରେ ମୋହର ଲଗାଇ ଦେଇଥିଲେ। କୋର୍ଟ ଦିଲ୍ଲୀ, ହରିୟାଣା, ରାଜସ୍ଥାନ ଓ ଗୁଜରାଟ ପର୍ଯ୍ୟନ୍ତ ବ୍ୟାପିଥିବା ଏହି ପର୍ବତ ଶୃଙ୍ଖଳାରେ ବିଶେଷଜ୍ଞଙ୍କ ରିପୋର୍ଟ ଆସିବା ପର୍ଯ୍ୟନ୍ତ ଖନନ ଉପରେ ରୋକ ଲଗାଇ ଦେଇଥିଲେ। ଆରାବଳିକୁ ନେଇ ସବୁଠାରୁ ବଡ଼ ବିବାଦ ଏହାର ଭୌଗୋଳିକ ସୀମା ଓ ପରିଭାଷାକୁ ନେଇ ରହିଛି। ପର୍ବତର ସ୍ପଷ୍ଟ ପରିଭାଷା ନହେବା କାରଣରୁ ବହୁବାର ନିର୍ମାଣ କାର୍ଯ୍ୟ ଓ ଖନନ ନେଇ ନିୟମ ଉଲ୍ଲଂଘନ ହେଉଛି। ଏହା ପୂର୍ବରୁ କୋର୍ଟ ଆରାବଳିରେ ଖନନ ଉପରେ ପୂର୍ଣ୍ଣ କଟକଣା ଲଗାଇବା ବିରୋଧରେ ନିଷ୍ପତ୍ତି ନେଇଥିଲେ। କୋର୍ଟଙ୍କ ମତରେ ଏଭଳି ନିଷେଧ ବେଆଇନ ଖନନ ଗତିବିଧିକୁ ଜନ୍ମ ଦେଇପାରେ। କୋର୍ଟ ପରିବେଶ, ବନ୍ୟ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ କମିଟିର ସୁପାରିଶକୁ ସ୍ୱୀକାର କରିଥିଲେ। କମିଟି ଅନୁସାରେ, 'ଆରାବଳୀ ପର୍ବତ'କୁ ସେହି ଚିହ୍ନିତ ଆରାବଳୀ ଜିଲ୍ଲାରେ ଥିବା କୌଣସି ଭୂ-ଆକୃତି ରୂପରେ ପରିଭାଷିତ କରାଯିବ, ଯାହାର ଉଚ୍ଚତା ୧୦୦ ମିଟରରୁ ଅଧିକ କିମ୍ବା ତା'ଠାରୁ ଅଧିକ। ସେଭଳି 'ଆରାବଳି ପର୍ବତମାଳା' ଗୋଟିଏ ଅନ୍ୟଠାରୁ ୫୦୦ ମିଟର ଭିତରେ ଦୁଇ କିମ୍ବା ଅଧିକ ଏଭଳି ପାହାଡର ସମୂହ ହେବ।

## ନୂଆବର୍ଷରେ ...

ପାଇଁ ରାତି ୨ଟାରୁ ଶ୍ରୀମନ୍ଦିର ଦ୍ୱାର ଫିଟାଯିବ। ଭକ୍ତଙ୍କ ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ଡିସେମ୍ବର ୩୧ ଓ ଜାନୁଆରୀ ୧ ତାରିଖ ଦୁଇ ଦିନ ଧରି ଭକ୍ତମାନେ କେବଳ ବାହାର କାଠରୁ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ। ଶ୍ରଦ୍ଧାଳୁମାନେ ସିଂହଦ୍ୱାର ଦେଇ ମନ୍ଦିର ଭିତରକୁ ପ୍ରବେଶ କରିବେ ଏବଂ ଅନ୍ୟ ୩ଟି ଦ୍ୱାର ଦେଇ ବାହାରକୁ ପ୍ରସ୍ଥାନ କରିବେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସୂଚନା ଅନୁଯାୟୀ, ନବବର୍ଷ ଅବସରରେ ପୁରୀରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ୨ ଲକ୍ଷ ଟପିଯାଇପାରେ। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଏବଂ ସୁରକ୍ଷା ପାଇଁ ପୋଲିସ ଓ ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ପୂର୍ବରୁ ସ୍ଥିର ହୋଇଥିବା ପହିଲି ଭୋଗ ନୀତି ମଧ୍ୟ ସଠିକ୍ ସମୟରେ ଅନୁଷ୍ଠିତ ହେବ।

## ପ୍ରକୃତ ସଫଳତା...

ପାଇବା ଏକ ବର୍ଷର ସଂଘର୍ଷ ଏବଂ କଠିନ ପରିଶ୍ରମର ପରିଣାମ ଏବଂ ଏହା କେବଳ ଉତ୍ସବର ଅବସର ନୁହେଁ ବରଂ ଦେଶ ପାଇଁ ନୂତନ ସଂକଳ୍ପ ନେବାର ସମୟ।

## ୧୬ଜଣଙ୍କ ନାଆଁରେ ...

ସ୍ୱର୍ଣ୍ଣପ୍ରଭା ଶତପଥୀ ଉପସ୍ଥିତ ଥିଲେ। ସ୍ୱତନ୍ତ୍ର ବିଚାରପତି (ଭିଜିଲାନ୍ସ) ଜ୍ଞାନେନ୍ଦ୍ର କୁମାର ବାରିକଙ୍କ କୋର୍ଟରେ ସିବିଆଇ ଏହି ୪ ଅଭିଯୁକ୍ତଙ୍କ ଜାମିନକୁ କଡ଼ା ବିରୋଧ କରିଥିଲା। ଅଭିଯୁକ୍ତମାନେ ବାହାରକୁ ଆସିଲେ ସାକ୍ଷୀଙ୍କୁ ପ୍ରଭାବିତ କରିବା, ପ୍ରମାଣ ନଷ୍ଟ କରିବାର ସମ୍ଭାବନା ରହିଥିବା ଦର୍ଶାଇଥିଲା।

## ଚିଲିକାକୁ ...

ପକ୍ଷୀଙ୍କ ପାଇଁ ଶୀତକାଳୀନ ବାସସ୍ଥଳୀ ସାଜିଥାଏ। ତେବେ ପରିବେଶର ପରିବର୍ତ୍ତନ ଏହି ପକ୍ଷୀଙ୍କ ପ୍ରବାସୀ ଧାରା ଉପରେ ପ୍ରଭାବ ପକାଉଥିବାରୁ ଏହା ଚିନ୍ତାର ବିଷୟ ପାଲଟିଛି।

## ଜାନୁଆରୀ ୫ରେ ...

ଏଥି ନିମନ୍ତେ, ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ ଅଥବା ଜନଶୁଣାଣି ମୋବାଇଲ ଆପ୍ଲିକେସନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକୃତ ପ୍ରାପ୍ତି ସ୍ୱୀକାର ପତ୍ର ଏବଂ ବ୍ୟକ୍ତିଗତ ପରିଚୟ ପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇପାରିବେ। ଏ ସଂପର୍କରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଛି।

## ଜିରୋ ନାଇଟ୍ ...

କରାଯିବ ବୋଲି କମିଶନରେଟ ପୁଲିସ ପକ୍ଷରୁ ତାଗିଦ୍ କରାଯାଇଛି। ରାସ୍ତାପାର୍ଶ୍ୱରେ ଉତ୍ସବକୁ ମନା କରାଯାଇଛି। ପୁଲିସ ପୋଷ୍ଟଗୁଡ଼ିକୁ ସଜାଗ ରହିବାକୁ କୁହାଯାଇଛି। ଏନେଇ ୧୫ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯିବ। ନିର୍ଦ୍ଦେଶାବଳୀ ଅନୁଯାୟୀ, ଜୋନ୍ ଓ୍ୱାରି ତଦାରଖ ବରିଷ୍ଠ ଅଧିକାରୀମାନଙ୍କ ଦ୍ୱାରା କରାଯିବ। ଏଡିସିପି ସୁନାରାମ ଲେମ୍ବେମଙ୍କୁ ଜୋନ୍ ୧ ଏବଂ ୨ ତଦାରଖ ଦାୟିତ୍ୱ ମିଳିଥିବାବେଳେ ସଞ୍ଜୟ କୁମାର ମହାପାତ୍ରଙ୍କୁ ଜୋନ୍ ୩, ଆରତୀ ଗିରିଙ୍କୁ ଜୋନ୍ ୪ ଏବଂ ସୁବ୍ରତ କୁମାରଙ୍କୁ ଜୋନ୍ ୫ ଏବଂ ୬ର ଦାୟିତ୍ୱ ଦିଆଯାଇଛି। ଏସିପିମାନେ ଉପବିଭାଗଗୁଡ଼ିକ ତଦାରଖ କରିବେ। ଦାୟିତ୍ୱରେ ଥିବା ଇନ୍ସପେକ୍ଟରମାନେ କାର୍ଯ୍ୟାନ୍ୱୟନ ପାଇଁ ବ୍ୟକ୍ତିଗତ ଦାୟିତ୍ୱ ନେବେ। ପୁଲିସ ପକ୍ଷରୁ ୩୧ତାରିଖ ସନ୍ଧ୍ୟା ୭ଟାରୁ ରାତି ୨ଟା ପର୍ଯ୍ୟନ୍ତ ଚେକିଂ,ବ୍ଲକିଂକୁ କଡ଼ାକଡ଼ି କରାଯିବ। ସେଥିପାଇଁ ରାଜଧାନୀର ୩୦ଟି ପ୍ରମୁଖ ସ୍ଥାନ ଚିହ୍ନଟ କରାଯାଇଛି। ୧୭ଟି ସ୍ଥାନରେ ଚେକପୋଷ୍ଟ ଲଗାଯାଇ ଯାଞ୍ଚ କରାଯିବ। ସୁରକ୍ଷା ଦୃଷ୍ଟିରୁ ମାଷ୍ଟରକ୍ୟାଣ୍ଟିନ୍, କଳ୍ପନା ଛକ, ଖଣ୍ଡଗିରି ଓ ରସୁଲଗଡ଼ ଭଳି ସମ୍ବେଦନଶୀଳ ସ୍ଥାନରେ ୫ରୁ ଅଧିକ କୁଇକ୍ ରେସ୍ପନ୍ସ ଟିମ୍ ମୁତୟନ ରହିବେ। ବାଣୀବିହାର, ମାଷ୍ଟରକ୍ୟାଣ୍ଟିନ୍ ଏବଂ ନାଲ୍‌କୋ ଛକରେ ୩ଟି ସ୍ଥାନରେ ଷ୍ଟ୍ରାଇକିଂ ଫୋର୍ସ ନିୟୋଜିତ ହେବେ। ଏହାଛଡ଼ା ୧୫ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ହେବେ। ମୋବାଇଲ୍ ପାଟ୍ରୋଲିଂ ଏବଂ ପିସିଆର୍ ପାଟ୍ରୋଲିଂକୁ ମଧ୍ୟ କଡ଼ାକଡ଼ି କରାଯାଇଛି। ସେମାନେ ୨୪ଘଣ୍ଟିଆ ପଇଁତରା ମାରିବେ। ଖୋଲାସ୍ଥାନରେ କାର୍ଯ୍ୟକ୍ରମ ଆୟୋଜନକୁ ରାତି ୧୦ଟା ପର୍ଯ୍ୟନ୍ତ, ହୋଟେଲ ଓ ଇନଡୋରରେ ରାତି ୧୨ଟା ପର୍ଯ୍ୟନ୍ତ ଅନୁମତି ଦିଆଯିବ। ଏହାଛଡ଼ା ଅଗ୍ନି ନିରାପତ୍ତା ଉପରେ ଆୟୋଜକମାନେ ଗୁରୁତ୍ୱ ଦେବେ। ଯେଉଁମାନେ ନିୟମ ଉଲ୍ଲଂଘନ କରିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ଏଏମ୍/ଏନ୍ଏସ୍ ଇଣ୍ଡିଆ ପକ୍ଷରୁ ପାରାଦ୍ୱୀପଠାରେ ଜାତୀୟ ଶକ୍ତି ସଂରକ୍ଷଣ ଦିବସ

**ପାରାଦ୍ୱୀପ, ନ୍ୟୁଜ ବ୍ୟୁରୋ**



ଆର୍ସେଲରମିତ୍ତଲ ନିପ୍ପନ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନ୍ଏସ୍ ଇଣ୍ଡିଆ) ଏହାର ପେଲେଟ୍ ପ୍ଲାଣ୍ଟ କମ୍ପ୍ଲେକ୍ସରେ ଏକ ଆଧୁନିକ ଚକ ଧୋଇବା ଷ୍ଟେସନ ଉଦଘାଟନ ଓ ପ୍ଲାଣ୍ଟ ପରିସରରେ ଏକ ବୃକ୍ଷରୋପଣ ଅଭିଯାନ ସହିତ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳନ କରିଛି । ଏହି ଅବସରରେ ସଚେତନତା ଅଧିବେଶନ ଯୋଗଦାନ କରି କର୍ମଚାରୀମାନଙ୍କୁ ଶକ୍ତି ବ୍ୟବହାର କରିବା ଏବଂ ପରିବେଶ ସଂରକ୍ଷଣ ପାଇଁ ସ୍ଥାୟୀ ଅଭ୍ୟାସ ଗ୍ରହଣ କରିବାକୁ ପ୍ରେରଣା ଦିଆଯାଇଥିଲା। ପାରାଦ୍ୱୀପ ପେଲେଟ୍ ପ୍ଲାଣ୍ଟରେ, ଏହି କାର୍ଯ୍ୟକ୍ରମରେ ପାରାଦ୍ୱୀପର ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସପିସିବି)ର ଆଞ୍ଚଳିକ ଅଧିକାରୀ ଶ୍ରୀ ପୁଷ୍କର ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଏଏମ୍/ଏନ୍ଏସ୍ ଇଣ୍ଡିଆର ଅଧିକାରୀମାନଙ୍କ ମଧ୍ୟରେ ଏଏମ୍/ଏନ୍ଏସ୍ ଇଣ୍ଡିଆ ଓଡ଼ିଶା ଅପରେସନ୍ସ ମୁଖ୍ୟ ଶ୍ରୀ ୟୁଏସ୍ଆର ରାଜୁ, ପାରାଦ୍ୱୀପ ପେଲେଟ୍ ପ୍ଲାଣ୍ଟ, ଏସପିଏଲ୍, ଏଏମ୍/ଏନ୍ଏସ୍ ପୋର୍ଟସର ମୁଖ୍ୟ ଶ୍ରୀ ସି.ଏଚ୍. ହରିପ୍ରସାଦ, ପାରାଦ୍ୱୀପ କ୍ୟାପଟିଭ୍ ପାୱାର ପ୍ଲାଣ୍ଟ ମୁଖ୍ୟ ଶ୍ରୀ ରାଜର୍ଷି ସିହ୍ନା, ପାରାଦ୍ୱୀପ ପେଲେଟ୍ ପ୍ଲାଣ୍ଟର ପରିବେଶ ବିଭାଗ ପ୍ରବନ୍ଧକ ଶ୍ରୀ ଦେବଦତ୍ତ ଦାସ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ୨୦୦ରୁ ଅଧିକ କର୍ମଚାରୀ ଏବଂ ସହଯୋଗୀ କର୍ମଚାରୀଙ୍କ ଉତ୍ସାହୀ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। "ଶ୍ରୀ ପୁଷ୍କର ଚନ୍ଦ୍ର ବେହେରା କହିଛନ୍ତି ଯେ, ଆଗାମୀ ପିଢ଼ିର ସ୍ୱାର୍ଥ ରକ୍ଷା ପାଇଁ ଶକ୍ତି ସଂରକ୍ଷଣ କରିବା ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ। ଏହା ସହିତ ଏକ ସ୍ୱଚ୍ଛ ଏବଂ ସବୁଜ ପରିବେଶ ନିଶ୍ଚିତ କରିବା ପାଇଁ ଅକ୍ଷୟ ଶକ୍ତିର ଉତ୍ସଗୁଡ଼ିକୁ ଗ୍ରହଣ କରିବାର ଆବଶ୍ୟକ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି।" ଶ୍ରୀ ୟୁଏସଆର ରାଜୁ କହିଛନ୍ତି, "ଆମେ ଏକ ସବୁଜ ଏବଂ ସ୍ୱଚ୍ଛ ଭବିଷ୍ୟତ ଆଡ଼କୁ ଅଗ୍ରସର ହେଉଥିବା ବେଳେ ଶକ୍ତି ସଂରକ୍ଷଣ କେବଳ ଏକ ଆବଶ୍ୟକତା ନୁହେଁ, ବରଂ ଏହା ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ଷମ ପ୍ରାଥମିକତା। ଏପରି କାର୍ଯ୍ୟକ୍ରମ ମାଧ୍ୟମରେ, ଆମେ ପ୍ରତ୍ୟେକ କର୍ମଚାରୀ ଏବଂ ସହଯୋଗୀଙ୍କୁ ଅନୁରୋଧ କରୁଛୁ ଯେ, ସେମାନେ ଶୃଙ୍ଖଳା ଏବଂ ନିଷ୍ଠାର ସହ ସହଯୋଗ କରନ୍ତୁ, ଯାହାଦ୍ୱାରା ସମସ୍ତ ପ୍ରକ୍ରିୟାରେ ଶକ୍ତି ଦକ୍ଷତା ବୃଦ୍ଧି କରାଯାଇପାରିବ, ନିର୍ଗମନକୁ ହ୍ରାସ କରାଯାଇପାରିବ ଏବଂ ପ୍ଲାଣ୍ଟ କାର୍ଯ୍ୟକ୍ଷମତା ମଧ୍ୟରେ ଅକ୍ଷୟ ଶକ୍ତି ସମାଧାନକୁ ସାମିଲ କରାଯାଇପାରିବ।" ଏହି ପଦକ୍ଷେପଗୁଡ଼ିକ ମାଧ୍ୟମରେ, ଏଏମ୍/ଏନ୍ଏସ୍ ଇଣ୍ଡିଆ କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି କରି ନିର୍ଦ୍ଦିଷ୍ଟ ଶକ୍ତି ବ୍ୟବହାର ହ୍ରାସ ଏବଂ ଅକ୍ଷୟ ଶକ୍ତିର ବ୍ୟବହାର କରି କାର୍ବନ ଫୁଟପ୍ରିଣ୍ଟ (ଅଙ୍ଗାରକାମ୍ଳ ନିର୍ଗମନ) କମାଇବା ସହ ଶକ୍ତି ସଂରକ୍ଷଣ ପ୍ରତି ନିଜର ପ୍ରତିବଦ୍ଧତାକୁ ଅଧିକ ସୁଦୃଢ଼ କରୁଛି।

# ବାବୁଙ୍କୁ ନିର୍ଦ୍ଦେଶ : ଦିଅ ସମ୍ପତ୍ତି ତାଲିକା, ନହେଲେ ପ୍ରମୋସନ ଟେନସନ୍

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ସରକାରୀ କର୍ମଚାରୀଙ୍କୁ ସମ୍ପତ୍ତି ତାଲିକା ଦାଖଲ କରିବାକୁ ନିର୍ଦ୍ଦେଶ। ସୋମବାର ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ହୋଇଛି ନିର୍ଦ୍ଦେଶନାମା। ଏହି ନିର୍ଦ୍ଦେଶନାମା ଅନୁସାରେ, ସବୁ ସରକାରୀ କର୍ମଚାରୀଙ୍କୁ ସେମାନଙ୍କ ସମ୍ପତ୍ତି ତାଲିକା ଦେବା ବାଧ୍ୟତାମୂଳକ। ଏମିତିକି ଏହି ସମ୍ପତ୍ତି ତାଲିକା ପଦୋନ୍ନତି ପାଇଁ ଜରୁରୀ ବୋଲି କୁହାଯାଇଥିବା ବେଳେ, ଜାନୁଆରୀ ୩୧ ତାରିଖ ସୁଦ୍ଧା ଦାଖଲ କରିବାକୁ କୁହାଯାଇଛି। ରିପୋର୍ଟ ଅନୁସାରେ, ଗ୍ରୁପ ଏରୁ ଆରମ୍ଭ କରି ଡି ପର୍ଯ୍ୟନ୍ତ ସମସ୍ତ ସରକାରୀ କର୍ମଚାରୀଙ୍କ ପାଇଁ ଏହି ନିର୍ଦ୍ଦେଶ ଜାରି କରାଯାଇଛି। ଏନେଇ ସାଧାରଣ ପ୍ରଶାସନ ବିଭାଗ ସମସ୍ତ ବିଭାଗ ଏବଂ ଜିଲ୍ଲାପାଳ ଏବଂ ଆରଡିସିମାନଙ୍କୁ ଚିଠି ଲେଖି ଅବଗତ କରାଇଛି। ସୂଚନାଯୋଗ୍ୟ, ଓଡ଼ିଶା ସରକାରୀ କର୍ମଚାରୀ ଆଚରଣ (ସଂଶୋଧନ) ନିୟମ ୨୦୨୧ ଅନୁସାରେ, ସରକାରୀ କର୍ମଚାରୀଙ୍କୁ ପ୍ରତି ବର୍ଷ ସେମାନଙ୍କର ସମ୍ପତ୍ତି ତାଲିକା ପ୍ରଦାନ କରିବାକୁ ହୋଇଥାଏ। ଏଥିରେ ପ୍ରତିବର୍ଷ ଜାନୁଆରୀ ୧ ସୁଦ୍ଧା ହୋଇଥିବା ସମସ୍ତ ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତିର ସୂଚନା ଏଚ୍ଆର୍ଏମ୍ଏସ୍ ପୋର୍ଟାଲ ମାଧ୍ୟମରେ ଭରିବାକୁ ପଡ଼ିଥାଏ। ଏମିତିରେ ଏଥର ମଧ୍ୟ ଏହି ତଥ୍ୟ ଦେବାକୁ ୨୦୨୬ ଜାନୁଆରୀ ୩୧ ପର୍ଯ୍ୟନ୍ତ ସମୟ ଦିଆଯାଇଛି।

# ଆଇଆଇଟି ଭୁବନେଶ୍ୱରରେ ଚତୁର୍ଥ ପୁରାତନ ଛାତ୍ର ସମ୍ମିଳନୀ ଅନୁଷ୍ଠିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



ପୂର୍ବତନ ଛାତ୍ରଙ୍କ ସହ ପୁନଃ ସଂଯୋଗ ସ୍ଥାପନ ଏବଂ ସ୍ନାତକୋତ୍ତର ପରବର୍ତ୍ତୀ ସଫଳତାକୁ ପାଳନ କରିବା ଉଦ୍ଦେଶ୍ୟରେ, ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର ୨୭ ଏବଂ ୨୮ ଡିସେମ୍ବର ୨୦୨୫ ରେ ଏହାର ଚତୁର୍ଥ ପୂର୍ବତନ ଛାତ୍ର ସମ୍ମିଳନୀ ଆୟୋଜନ କରିଥିଲା। ଏହି ଦୁଇ ଦିନିଆ କାର୍ଯ୍ୟକ୍ରମ ପୂର୍ବତନ ଛାତ୍ରମାନଙ୍କୁ କ୍ୟାମ୍ପସକୁ ପୁନର୍ବାର ଦେଖିବା, ଅଧ୍ୟାପକ ଏବଂ ବର୍ତ୍ତମାନର ଛାତ୍ରଛାତ୍ରୀଙ୍କ ସହ ଜଡିତ ହେବା ଏବଂ ପ୍ରତିଷ୍ଠାନର ନିରନ୍ତର ଅଭିବୃଦ୍ଧି ପାଇଁ ମୂଲ୍ୟବାନ ମତାମତ ବାଣ୍ଟିବା ପାଇଁ ଏକ ପ୍ରାଣବନ୍ତ ପ୍ଲାଟଫର୍ମ ପ୍ରଦାନ କରିଥିଲା। ଉଦଘାଟନୀ ଅଧିବେଶନରେ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରମଲକର ଏକ ଆଲୋଚନାଚକ୍ର କରିଥିଲେ, ଯିଏ ଶିକ୍ଷାଦାନ-ଶିକ୍ଷା, ଗବେଷଣା, ଶିଳ୍ପ-ଶିକ୍ଷା ସହଯୋଗ, ଉଦ୍ୟୋଗୀ ବିକାଶ, ଶିକ୍ଷକ ଶିକ୍ଷା, ପୂର୍ବତନ ଛାତ୍ରଙ୍କ ସଂଯୋଗ, ସାମାଜିକ ଦାୟିତ୍ୱ, ମାନସିକ ସୁସ୍ଥତା ଏବଂ ଭାରତୀୟତାକୁ ପ୍ରୋତ୍ସାହିତ କରିବା କ୍ଷେତ୍ରରେ ପ୍ରତିଷ୍ଠାନ ଦ୍ୱାରା ଗ୍ରହଣ କରାଯାଇଥିବା ସାମ୍ପ୍ରତିକ ବିକାଶ ଏବଂ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ପୂର୍ବତନ ଛାତ୍ର, କର୍ପୋରେଟ୍ ଏବଂ ଆନ୍ତର୍ଜାତୀୟ ସମ୍ପର୍କର ଡିନ୍ ପ୍ରଫେସର ଆଶିଷ ବିଶ୍ୱାସ ପୂର୍ବତନ ଛାତ୍ରଙ୍କୁ ସ୍ୱାଗତ କରିଥିଲେ ଏବଂ ପ୍ରତିଷ୍ଠାନ ସହିତ ନିରନ୍ତର ସମ୍ପର୍କର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଆଇଆଇଟି ଭୁବନେଶ୍ୱରର ପୂର୍ବତନ ଛାତ୍ର ସଂଘର ସଭାପତି ଶ୍ରୀ ପ୍ରତୀକ ପଟ୍ଟନାୟକ ମଧ୍ୟ ସମାବେଶକୁ ସମ୍ବୋଧିତ କରିଥିଲେ। ଉଦଘାଟନୀ ଅଧିବେଶନ ପରେ, ପୂର୍ବତନ ଛାତ୍ରମାନେ ସେମିକଣ୍ଡକ୍ଟର ଲାବୋରେଟୋରୀ ଏବଂ ଗବେଷଣା ଏବଂ ଉଦ୍ୟୋଗୀତା ପାର୍କ ସମେତ ପ୍ରମୁଖ ସୁବିଧାଗୁଡ଼ିକ ପରିଦର୍ଶନ କରିଥିଲେ। ସେମାନେ ପ୍ରତିଷ୍ଠାନ ଦ୍ୱାରା କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ବିକାଶଗୁଡ଼ିକୁ ଦେଖିବା ପାଇଁ ଏକାଡେମିକ୍ ସ୍କୁଲ ଏବଂ କ୍ୟାମ୍ପସ୍ ଭିତ୍ତିଭୂମି ମଧ୍ୟ ପରିଦର୍ଶନ କରିଥିଲେ। ପ୍ରଥମ ଦିନରେ ଏଆଇର ଅନୁକୂଳନ: ଆଇଆଇଟିବିବିଏସ୍ ଏବଂ ପୂର୍ବତନ ଛାତ୍ର ଶୀର୍ଷକ ଏକ ଆଦାନପ୍ରଦାନ ଅଧିବେଶନ ଆୟୋଜନ କରାଯାଇଥିଲା, ଯେଉଁଥିରେ କମ୍ପ୍ୟୁଟର ବିଜ୍ଞାନ ଏବଂ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ଡକ୍ଟର ଦେବୀ ପ୍ରସାଦ ଡୋଗ୍ରା ଏବଂ ପୂର୍ବତନ ଛାତ୍ରମାନେ କୃତ୍ରିମ ବୁଦ୍ଧିମତା ଗ୍ରହଣରେ ଉଦୀୟମାନ ଧାରା ଏବଂ ଚ୍ୟାଲେଞ୍ଜ ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଫେସର ଆଶିଷ ବିଶ୍ୱାସଙ୍କ ଦ୍ୱାରା ମାଇକୋବ୍ୟାକ୍ଟେରିୟମ ଟ୍ୟୁବରକ୍ୟୁଲୋସିସ୍ ବିରୁଦ୍ଧରେ ସହାୟକ (ଡିଡିଏ) ରେ ଏକ ନୂତନ ଟିବି ଟିକା ପ୍ରାର୍ଥୀଙ୍କ ବିକାଶ – ଏଚ୍ଏସ୍ପି ସବୟୁନିଟ୍ ଟିକା ଶୀର୍ଷକ ଏକ ଗବେଷଣା ସଫଳତା ଉପରେ ଏକ ଆଲୋଚନା ମଧ୍ୟ ଅନ୍ତର୍ଭୁକ୍ତ ହୋଇଥିଲା। ଦ୍ୱିତୀୟ ଦିନରେ, ପୂର୍ବତନ ଛାତ୍ରମାନେ ଆଇଆଇଟି ଭୁବନେଶ୍ୱର ଗବେଷଣା ଏବଂ ଉଦ୍ୟୋଗୀତା ପାର୍କର ସଦସ୍ୟ ଏବଂ ଇନକ୍ୟୁବେଟେଡ୍ ଷ୍ଟାର୍ଟଅପର ଉଦ୍ୟୋଗୀଙ୍କ ସହିତ ଭାବବିନିମୟ କରିଥିଲେ, ରାଜ୍ୟରେ ନବସୃଜନ ଏବଂ ଉଦ୍ୟୋଗୀତାକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିଷ୍ଠାନର ପ୍ରୟାସ ବିଷୟରେ ଅନ୍ତର୍ଦୃଷ୍ଟି ହାସଲ କରିଥିଲେ। ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ପୂର୍ବତନ ଛାତ୍ରଛାତ୍ରୀଙ୍କ ପାଇଁ ଧଉଳି ଶାନ୍ତି ସ୍ତୁପକୁ ଏକ ଐତିହ୍ୟ ପରିଦର୍ଶନ ମଧ୍ୟ ଆୟୋଜିତ ହୋଇଥିଲା। ଏହି ସମାବେଶ, ଆଇଆଇଟି ଭୁବନେଶ୍ୱରର ସାଂସ୍କୃତିକ କ୍ଲବ୍ ପରମ୍ପରା ଦ୍ୱାରା ଉପସ୍ଥାପିତ ଏକ ଜୀବନ୍ତ ସାଂସ୍କୃତିକ ସନ୍ଧ୍ୟା ସହିତ ସମାପ୍ତ ହୋଇଥିଲା ।

